# ରବିବାର ଆରାଧନା

ଗୀର୍ଜା ଗୃହକୁ ଆସିବା ଲୋକ ନିଃଶବ୍ଦରେ ଓ ସ୍ଥିରମନରେ, ରହିବାକୁ ହେବ ।

(ମଣ୍ଡଳୀ ଉଠିବା ଶେଷବଚନ ଗାଇବା ବେଳେ ଉପଦେଶକ, ଭିତରକୁ ପ୍ରବେଶ କରନ୍ତି)

ଉପଦେଶକ -- ପିତା, ପୁତ୍ର, ପବିତ୍ର ଆତ୍ମାଙ୍କ ନାମରେ....

ମଣ୍ଡଳୀ : ଆମେନ୍ ।

## ଗୀତ

ଉପଦେଶକ -- (ସ୍ତୁତି ପ୍ରାର୍ଥନା) ହେ ପ୍ରିୟ ପ୍ରଭୁ ! ତୁମ୍ଭେ ପିତାଙ୍କ ସ୍ୱରୂପରେ ଓ ପୁତ୍ରଙ୍କ ସ୍ୱରୂପରେ, ପବିତ୍ର ଆତ୍ମାଙ୍କ ସ୍ୱରୂପରେ, ପ୍ରକାଶିତ ହୋଇଥିବା, ପିତା ତୁମ୍ଭର ପ୍ରତ୍ୟକ୍ଷ ହେବା ସକାଶେ ତୁମକୁ ଅନେକ ଧନ୍ୟବାଦ ଦେଉଛୁ । ବର୍ତ୍ତମାନ ତୁମ୍ଭ ଉପାସନା କରିବାକୁ ଅନୁଗ୍ରହ ସକ୍ଷମ ଦାନ କରିଥିବା ସକାଶେ ଧନ୍ୟବାଦ ଅର୍ପଣ କରୁ । ଦୂତମାନେ, ସ୍ୱର୍ଗୀୟ ସାଧୁମାନେ ତୁମ୍ଭଙ୍କୁ ଧନ୍ୟବାଦ ଅର୍ପଣ କରୁଥିଲେ ସୁଧା ଆମ୍ଭମାନଙ୍କର ଧନ୍ୟବାଦ ମଧ୍ୟ ତୁମ୍ଭ ପ୍ରତି ହେଉ । ତୁମ୍ଭର ହସ୍ତକୃତ ସକଳ ସୃଷ୍ଟି ସହ ଆମ୍ଭେମାନେ ମଧ୍ୟ ତୁମ୍ଭଙ୍କୁ ନମସ୍କାର କରୁଅଛୁ । ହଁ ପ୍ରିୟ ପ୍ରଭୁ, ଏବେ ତୁମ୍ଭେ ସମୁଦାୟ ଉପାସନା

ସମୟରେ, ତୁମରି ଗୌରବ ଯେମନ୍ତ ହୁଏ, ଏଥିପାଇଁ, ଏହି ଉପାସନାକୁ, ଆଶୀର୍ବାଦ କରିବା ନିମନ୍ତେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଅମେନ୍ ।

ଉପଦେଶକ--ଖ୍ରୀଷ୍ଟରେ ଉପସ୍ଥିତ ପ୍ରିୟମଣ୍ଡଳୀ ଗଣ, ଆମ୍ଭେମାନେ ପବିତ୍ରମୟ ଈଶ୍ୱରଙ୍କ ଛାମୁକୁ ଆସିବାବେଳେ,ସମ୍ପୂର୍ଣ୍ଣ ରୂପେ ଆରାଧନାରେ ପ୍ରବେଶ କରିବା ପୂର୍ବରୁ ଆମ୍ଭମାନଙ୍କର ପାପ ସ୍ୱୀକାର କରି କ୍ଷମା ମାଗିବା ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ ତାହାହେଲେ, ଆମେ ଆପଣାକୁ ପ୍ରବଞ୍ଚନା କରିବା, ପୁଣି ଆମ୍ଭମାନଙ୍କ ଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣାର ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭେମାନଙ୍କର, ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ, ଚେଷ୍ଟା କରିବ । ସେ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି । ଆମ୍ଭେମାନେ ପାପ କରିନାହିଁ, ଏହା ଯଦି କହୁ ତାହାହେଲେ ଆମ୍ଭେମାନେ ମିଥ୍ୟାବାଦି ହେବା । ପୁଣି ତାହାଙ୍କ ବାକ୍ୟ ଆମ୍ଭମାନଙ୍କଠାରେ ନାହିଁ । ମାତ୍ର ନିଜ ଅପରାଧରୁ କ୍ଷମା ପ୍ରାପ୍ତ ଲୋକ, ପାପର ଅନୁତାପ କଲାଲୋକ ଧନ୍ୟ ଓ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦୋଷ ବୋଲି ଗଣନା ପ୍ରାପ୍ତ ଲୋକ ଓ ଆତ୍ମାରେ କପଟ ନଥିବା ଲୋକ ଧନ୍ୟ ।

**ଉପଦେଶକ : (ଆମ୍ଭେମାନେ ପାପ ସ୍ୱୀକାର କରିବୁ) (ମଣ୍ଡଳୀ ଉପଦେଶ ସାଙ୍ଗେ ମିଶି କହିବେ)**

ହେ ସର୍ବଶକ୍ତିମାନ ପରମେଶ୍ୱର ଦୟାଳୁ ପିତଃ ! ଆମ୍ଭେମାନେ ନିଜ ନିଜ ଜନ୍ମରୁ ପାପୀ ଅଟୁ, ଓ ନିଜ ନିଜ ଗୁଣରେ, ଆଲୋଚନାରେ ପାପୀ, ଅଟୁ, ଦୃଷ୍ଟିରେ ଆମ୍ଭେମାନେ ପାପୀ ଅଟୁ, ଶୁଣିବାରେ କଥା କହିବାରେ ପାପୀ ଅଟୁ, ଚାଲି ଚଳନରେ କ୍ରିୟାରେ ପାପୀ ଅଟୁ, ତୁମର ଦୟା ପାଇବାକୁ ଆମ୍ଭେମାନେ ଅକ୍ଷମ ଅଟୁ । ଆମ୍ଭମାନଙ୍କୁ କ୍ଷମାକରିବା ସକାଶେ ତୁମ୍ଭର ପ୍ରିୟ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ବିନୟ କରୁଅଛୁ । ଆମେନ୍ ।

ଉପଦେଶକ -- ପ୍ରିୟମାନେ ! ପିତାଙ୍କ ଅପାର ପ୍ରେମରେ, ସମସ୍ତେ ବିଶ୍ୱାସୀ ମାନଙ୍କର ସମସ୍ତ ପାପ କ୍ଷମା କରନ୍ତି, କିନ୍ତୁ ଦଣ୍ଡ ଦେବାକୁ ଇଚ୍ଛୁକ ନୁହନ୍ତି, ଆମ୍ଭମାନଙ୍କର ପାପ ସ୍ମରଣ କରନ୍ତି ନାହିଁ, ସେହି ପିତାଙ୍କୁ ନିରନ୍ତର ଧନ୍ୟବାଦ ଦେଉ । ଆମେନ୍ ।

## (ମଣ୍ଡଳୀ ବସିପାରନ୍ତି)

ପିତା ପାପ ସବୁ କ୍ଷମାକରେ ବୋଲି ବିଶ୍ୱାସ କରେ । ଆମେନ୍ ।

ଗୀତ : ଦେଓ୍ୟାସାମସ୍ତୁତି (ଗୀତ ସଂହିତା ୧୦୩ ପର୍ବ)

(ଗୀ ନଂ-୪ରୁ ୬.୭.୮. ପଦ ଗାଇବ)

ଈଶ୍ୱରଙ୍କ ପବିତ୍ର ଗ୍ରନ୍ଥ ପଢ଼ିବା ପୂର୍ବେ, ପବିତ୍ର ଈଶ୍ୱରଙ୍କ ଗୌରବ ଦେବା ନିମନ୍ତେ ମଣ୍ଡଳୀ ଠିଆହେବେ ।

**ଉପଦେଶକ-୧ :** ପିତା ଈଶ୍ୱରଙ୍କୁ ସ୍ମରଣ କରୁକରୁ (ଆଦି ପୁସ୍ତକରୁ ପାଠକରିବା)

୨--ପୁତ୍ରଙ୍କୁ ସ୍ମରଣ କରୁକରୁ, ସୁସମାଚାର ପାଠକରିବା ।

୩--ପବିତ୍ର ଆତ୍ମାଙ୍କୁ ସ୍ମରଣ କରୁକରୁ (ପ୍ରେରିତ ଉପଦେଶ ପତ୍ର ପାଠ କରିବା) (ଏହି ବାକ୍ୟ ଦେଇଥିବା ପିତାଙ୍କୁ ଧନ୍ୟବାଦ ହେଉ)

ଉପଦେଶକ ତ୍ରି ଏକ ପରମେଶ୍ୱର ! ଆକାଶ ପୃଥିବୀ ଠାରୁ ସୁନା ରୂପା ଠାରୁ ଅଧିକ ମୂଲ୍ୟବାନ ଯେ ତୁମର ଗ୍ରନ୍ଥ, ଆମ୍ଭମାନଙ୍କୁ ଦାନ କରିଅଛ । ଏଣୁ ତୁମ୍ଭଙ୍କୁ ଅନେକ ଧନ୍ୟବାଦ ଦେଉଛୁ । ତୁମ୍ଭେ ନିଜେ ଆମ୍ଭମାନଙ୍କୁ କହିବା କଥାସବୁ, ଏହି ପୁସ୍ତକରେ ଲେଖା ହୋଇଛି, ଏଥିପାଇଁ ତୁମ୍ଭଙ୍କୁ ଆମ୍ଭମାନଙ୍କର ଧନ୍ୟବାଦ । ଆମେନ୍ ।

**ଉପଦେଶକ :** ଆମ୍ଭମାନଙ୍କର ବିଶ୍ୱାସ ସ୍ୱୀକାର କରିବା

(ସମସ୍ତେ ମୋ ସହିତ ବିଶ୍ୱାସ ସ୍ୱୀକାର କରିବେ) ପରମେଶ୍ୱରଙ୍କୁ ଆଦି ଅନ୍ତ ନଥିବା ଈଶ୍ୱର ବୋଲି ମୁଁ ବିଶ୍ୱାସ କରେ, ତାଙ୍କର ପ୍ରେମ, ନ୍ୟାୟ, ପବିତ୍ରତା, ଶକ୍ତି, ଜ୍ଞାନ, ସଜୀବ, ସ୍ୱେଚ୍ଛା, ସର୍ବବ୍ୟାପି ଏହି ସମୁଦାୟ ଉତ୍ତମ ଲକ୍ଷଣ ସହ ସର୍ବଦା ଜାଜ୍ୱଲ୍ୟମାନ ହୋଇ ପ୍ରକାଶ କରୁଛନ୍ତି ବୋଲି ମୁଁ ବିଶ୍ୱାସ କରେ ।

ଯୀଶୁଖ୍ରୀଷ୍ଟ ପ୍ରଭୁ ମନୁଷ୍ୟ ରୂପରେ ଅନାଦି କାଳର ଈଶ୍ୱରଙ୍କ ରୂପରେ ସଞ୍ଚାର କରି, ଉତ୍ତମ ପ୍ରଚାର ଗୁଡ଼ିକ ଦ୍ୱାରା ଅଦ୍ଭୁତ ଉପକାର

ଦ୍ୱାରା ଓ ମୋହର ପାପ, ମୋହର ବ୍ୟାଧି, ମୋହର ଦଣ୍ଡ ତାଙ୍କର କୃଶ ଉପରେ ବହି ନେଇ ମୃତ୍ୟୁ ହୋଇ କବରରୁ ତୃତୀୟ ଦିନରେ ଉତ୍ଥିତ ହୋଇ ସ୍ୱର୍ଗକୁ ଆରୋହଣ କରିବା ଦ୍ୱାରା ତାଙ୍କ ନିଜ ଈଶ୍ୱରୀୟ ଗୁଣ, ପ୍ରେମ, ପ୍ରକାଶ କରିଛନ୍ତି ବୋଲି ବିଶ୍ୱାସ କରେ । ବର୍ତ୍ତମାନ ସମସ୍ତଙ୍କ ସକାଶେ, ଆର୍ତ୍ତନାଦ ପ୍ରାର୍ଥନା କରୁଛନ୍ତି ବୋଲି, ସେ ଦ୍ୱିତୀୟଥର, ମଣ୍ଡଳୀକି ନେଇଯିବା ସକାଶେ ମେଘାରୂଢ଼ ହୋଇ, ଆସନ୍ତି ବୋଲି ବଳକା ରହିଥିବା ଲୋକଙ୍କୁ ସାତ ବର୍ଷ ତାଡ଼ନା ହୁଏବୋଲି, ପରେ ଭଣ୍ଡ ଖ୍ରୀଷ୍ଟକୁ ଓ ଖ୍ରୀଷ୍ଟକୁ ଘୋଟିତ ଯୁଦ୍ଧରେ ଭଣ୍ଡ ଖ୍ରୀଷ୍ଟ ଓ ଭଣ୍ଡ ଭବିଷ୍ୟତ ବକ୍ତାମାନେ ନରକରେ ନିକ୍ଷେପ କରାଯାନ୍ତି । ଶୟତାନ ହଜାର ବର୍ଷ ପାତାଳରେ ବନ୍ଦି ଥାଏ ବୋଲି ପରେ ପ୍ରଭୁ ହଜାର ବର୍ଷ ପୃଥିବୀରେ ଶାସନ କରନ୍ତି ବୋଲି ପରେ ସେ ଜୀବିତ ଓ ମୃତ୍ୟୁମାନଙ୍କ ବିଚାର କରନ୍ତି ବୋଲି ମୁଁ ବିଶ୍ୱାସକରେ । ଖ୍ରୀଷ୍ଟପ୍ରଭୁ ପାତାଳଠାରୁ ଶୟତାନକୁ ଛାଡ଼ିଦେଲା କ୍ଷଣି ସେ ପୃଥିବୀ ପୃଷ୍ଠରେ ଯାଇ ଗୋଗୁ, ମାଗୋଗୁ ନାମକୁ ସୈନ୍ୟବାହିନୀ ପ୍ରସ୍ତୁତ କରେ ବୋଲି ସେ ଈଶ୍ୱରଙ୍କ ସହିତ ଯୁଦ୍ଧକରେ ଓ ପରାସ୍ତ ହୁଏ ବୋଲି ଖ୍ରୀଷ୍ଟ ତାକୁ ନରକରେ ପକାନ୍ତି ବୋଲି ମୁଁ ବିଶ୍ୱାସ କରେ, ପରେ ସେ ସମସ୍ତଙ୍କୁ ବିଚାର କରନ୍ତି, ଅବିଶ୍ୱାସୀ ମାନଙ୍କୁ ନରକାଗ୍ନି କୁଣ୍ଡରେ ପକାଇ ଦିଅନ୍ତି ବୋଲି ମୁଁ ବିଶ୍ୱାସ କରେ । ପୃଥିବୀ ପୃଷ୍ଠରେ ଥିବା ଭକ୍ତ ଲୋକେ ଗୋଟି ମଣ୍ଡଳୀ ହୋଇଥିବା ସକାଶେ ପୃଥବୀ ସ୍ୱର୍ଗରାଜ୍ୟର ଗୋଟିଏ ଅଂଶ, ଖ୍ରୀଷ୍ଟ ପ୍ରଭୁ ସ୍ୱର୍ଗରେ ଓ ପୃଥିବୀରେ ଥାଆନ୍ତି ବୋଲି ବିଶ୍ୱାସ କରେ । ମୋ ପବିତ୍ର ଆତ୍ମାଙ୍କ ଠାରେ

ବିଶ୍ୱାସ କରେ ସେ ପିତାଙ୍କ ସହିତ ପ୍ରଭୁଙ୍କ ସହିତ ଏକ ପରମେଶ୍ୱର ଥାଇ କାର୍ଯ୍ୟ କରୁଥାନ୍ତି । ତାଙ୍କ ପ୍ରେରଣାରେ ପବିତ୍ର ଗ୍ରନ୍ଥ ଉଲ୍ଲିଖିତ ହୋଇ ତାଙ୍କର ଆଲୋକରେ, କେବଳ ସେହି ଗ୍ରନ୍ଥ୍ ପିତାଙ୍କ ଇଚ୍ଛାକୃତ ମୁକ୍ତି ଅର୍ଥାତ୍ ପୁତ୍ର ତାଙ୍କର ଅମୂଲ୍ୟ ରକ୍ତ ଦ୍ୱାରା ଗଢ଼ା ଯାଇଥିବା ପରିତ୍ରାଣ ପବିତ୍ର ଆତ୍ମା କେବଳ ବିଶ୍ୱାସୀକୁ ଦିଅବୋଲି ବିଶ୍ୱାସ କରେ । ପିତା ପୁତ୍ରଙ୍କ ସହ ପବିତ୍ର ଆତ୍ମା ମଧ ଉଚିତ ସେବା ପ୍ରାପ୍ୟ ବୋଲି ବିଶ୍ୱାସ କରେ । ସାଧୁମାନଙ୍କ ଏକ ମତରେ ପୁନରୁତ୍ଥାନରେ ଅନନ୍ତ ଜୀବନରେ ମୁଁ ବିଶ୍ୱାସ କରେ । ଆମେନ୍ ।

## ଗୀତ

**ଉପଦେଶ ପ୍ରାର୍ଥନା :** ହେ ପ୍ରଭୁ ! ତୁମ୍ଭର ଏହି ବାକ୍ୟ ଦାନ କରିଥିବାରୁ ଆମ୍ଭେମାନେ ବର୍ତ୍ତମାନ ତୁମ୍ଭର ବାକ୍ୟ ଆଲୋଚନା କରି ପାରୁଛୁ ! ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆବଶ୍ୟକ ସୁସମାଚାର ଦାନ କରନ୍ତୁ । ଆମ୍ଭମାନଙ୍କ ଉପଯୁକ୍ତ ଜ୍ଞାନ ସକାଶେ ନିବେଦନ କରୁ । ଆମେନ୍ ।

## ଉପଦେଶ ପରେ ପ୍ରାର୍ଥନା

ହେ ପ୍ରଭୁ ! ତୁମ୍ଭର ବାକ୍ୟ ଆମ୍ଭମାନଙ୍କ ମଧ୍ୟରେ ତୁମର ମହିମାନ୍ୱିତ ଫଳ ଫଳିବାକୁ ଦେବା ନିମନ୍ତେ ନିବେଦନ କରୁ ! ଅମେନ୍ ।

(ଗୀତ : ସେ ସମୟରେ ଚାନ୍ଦା ଆଦାୟ କରିବେ, ଚାନ୍ଦା ସକାଶେ ଉପଦେଶକ ପ୍ରାର୍ଥନା କରିବା ସମୟରେ ମଣ୍ଡଳୀ ଠିଆ ହେବେ)

**ଉପଦେଶକ :** ହେ ପିତା ! ତୁମ୍ଭେ ଆମ୍ଭମାନଙ୍କୁ ସର୍ବପ୍ରକାର ଜ୍ଞାନ ଦେଉଅଛ । କିନ୍ତୁ ଆମ୍ଭେ କଣ ପ୍ରିୟ ଅର୍ପଣ କରିପାରୁ ? ତୁମେ ଦେଇଥିବା ଦାନକୁ ଅମ୍ଭେ କିଛି ଅର୍ପଣ କରୁଛୁ । ଏହି ଦାନକୁ ଆପଣଙ୍କ ସେବାରେ ବ୍ୟବହାର କରନ୍ତୁ । ଆମେନ୍ ।

## ମଣ୍ଡଳୀ ଜଣାଇବା

### ଶେଷ ପ୍ରାର୍ଥନା

**ଉପଦେଶକ :**ହେ ସର୍ବବ୍ୟାପୀ ପରମେଶ୍ୱର ! ସର୍ବ-ଜଗତକୁ ତୁମର ସୁସମାଚାର ପହଞ୍ଚାନ୍ତୁ । ତୁମର ମଣ୍ଡଳୀ ବୃଦ୍ଧିପାଇଁ ବିଶ୍ୱାସରେ ଆଦର୍ଶ ରୂପେ ଜଗତ ସମ୍ମୁଖରେ ଛିଡ଼ାହେବା ଶକ୍ତି ଦାନ କରନ୍ତୁ । ଧର୍ମତର୍କ ମଣ୍ଡଳୀ ମିଶନ ବିବାଦ, ଭୂଲ ଉପଦେଶ, ପାପ ପରୀକ୍ଷା, ପାପଦ୍ୱାରା ଘଟିତ ନଷ୍ଟ-ଏହି ସବୁଠାରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ ।

ଦୁର୍ଭିକ୍ଷ ସମୟରେ, ବ୍ୟାଧି ସମୟରେ, ଅଜ୍ଞାନ ସମୟରେ ସେହି ସବୁଦ୍ୱାରା ନର ବଂଶକୁ ତୁମ ଆଡ଼କୁ ଫେରାଅ । ଜଗତର ସାଧିତ ସକଳ ମଙ୍ଗଳମୟ କାର୍ଯ୍ୟରେ ଆଶୀର୍ବାଦ କର, ବିଶ୍ୱାସୀ ମାନଙ୍କୁ ତୁମ୍ଭ ପବିତ୍ର ଆତ୍ମାରେ, ପରିପୂର୍ଣ୍ଣ କରି ପ୍ରଭୁ ଯୀଶୁଙ୍କ ଦ୍ୱିତୀୟ ଆଗମନ ସକାଶେ, ପ୍ରସ୍ତୁତ କରାଅ ।

ପରିତ୍ୟକ୍ତା ପରିବାର ଲୋକଙ୍କୁ, ଗରୀବଙ୍କୁ ଅନୁଷ୍ଠାନ ଗୁଡ଼ିକୁ ହସ୍ପିଟାଲ ଗୁଡ଼ିକୁ ଅନାଥାଶ୍ରମକୁ, ବାଇବଲ ସୋସାଇଟିକୁ ଟ୍ରାକ୍ଟ୍

ସୋସାଇଟିକୁ, ସମସ୍ତ ପ୍ରକାର ବ୍ୟବସାୟକୁ, ଜଳ ଉପରେ, ପର୍ବତ ଉପରେ, ନିଜର ସ୍ଥାନରେ, ବାୟୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ, ଶାସନ କେନ୍ଦ୍ରକୁ ସୁରକ୍ଷା ପ୍ରାପ୍ତ ତୁମର ସ୍ୱତନ୍ତ୍ର ଦଳକୁ ବୃଦ୍ଧି କର ।

ଜାତି ଉପରେ, ପଶୁ ଉପରେ, ପକ୍ଷୀ ଉପରେ, ବୃକ୍ଷଲତା ଉପରେ, କୃଷି ଉପରେ, ସମୁଦାୟ ତୁମ୍ଭର ସୃଷ୍ଟି ଉପରେ, ତୁମ୍ଭର କରୁଣାଦୃଷ୍ଟି ନିତ୍ୟ ପ୍ରକାଶ କର । ସେ ବସ୍ତୁକୁ ଏ ଜୀବକୁ ଈଶ୍ୱର ଆଶୀର୍ବାଦ କରିନାହାନ୍ତି ବୋଲିବା ଦୋଷ ତୁମ ଉପରକୁ ନଆସୁ ।

ଅନ୍ୟାୟ, ଅପମାନ, ଲୁଣ୍ଠନ, ହତ୍ୟା, ନିରାଶ, ଦୂର ମରଣ, ଭୂମିକମ୍ପ, ଯୁଦ୍ଧ, ଆକସ୍ମିକ ଦୁର୍ଦ୍ଦଶା, ଇତ୍ୟାଦି ବିପଦ ଗୁଡ଼ିକ ଠାରୁ ତୁମର ଲୋକଙ୍କୁ ଉଦ୍ଧାର କର ।

ଯନ୍ତ୍ରପାତିରେ, ଖଣିମାନଙ୍କର, ସୁଡ଼ଙ୍ଗରେ ଜଳରାଶି ତଳେ କାର୍ଯ୍ୟ କରିବା ଲୋକମାନଙ୍କୁ ରକ୍ଷା କରନ୍ତୁ । ବିଷକାଟ, ହିଂସ୍ରକ ଜନ୍ତୁ ଓ ଦୁଷ୍ଟଙ୍କ ହାତରୁ ଆମ୍ଭମାନଙ୍କୁ ଉଦ୍ଧାର କରନ୍ତୁ । ଏହି ପ୍ରାର୍ଥନାରେ ଯାହା ମାଗିବାକୁ ଭୁଲିଗଲୁ, ତାହା ମଧ୍ୟ ତୁମ୍ଭଠାରେ ସମର୍ପଣ କରୁ ।

ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ଆମ୍ଭମାନଙ୍କ ପିତା ଆମ୍ଭମାନଙ୍କ ଗୁପ୍ତ ପ୍ରାର୍ଥନା, ପ୍ରକାଶ ପ୍ରାର୍ଥନା ଉଚିତ ସମୟରେ ସଫଳ କରିବାକୁ, ଆମ୍ଭମାନଙ୍କ ପ୍ରାର୍ଥନା ଶୀଘ୍ର ଆସୁଥିବା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଶୁଣିବା ସକାଶେ ନିବେଦନ କରୁ । ଆମେନ୍ ।

# ପ୍ରଭୁଙ୍କର ପ୍ରାର୍ଥନା

## ପ୍ରଭୁଙ୍କର ଆଶୀର୍ବାଦ

ସଦାପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭଙ୍କୁ ରକ୍ଷା କରନ୍ତୁ ।

ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖର ତେଜ ପ୍ରକାଶ କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ ।

ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଅନ୍ତୁ ଓ ତୁମ୍ଭକୁ ଶାନ୍ତି ଦେଉନ୍ତୁ ।

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ପିତା ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହାୟତା ତୁମ ସମସ୍ତଙ୍କ ପ୍ରତି ହେଉ । ଆମେନ୍ ।

**ଗଣନା : ୬:୨୩-୨୬, ଦ୍ୱିତୀୟ ବିବରଣୀ ୫-୭, ୬-୧୩ ମାଥିଉ ୪:୧୦, ଯୋହନ ୪:୨୦-୨୪, ଦ୍ୱିତୀୟ କରିନ୍ଥୀୟ ୧୩:୧୪ ପ୍ରକାଶିତ ୧୯:୧୦, ୨୨-୮ ।**

--୪୦୪--

# ପ୍ରଭୁ ଭୋଜନ ସଂସ୍କାର ଆରାଧନା

(ବାପ୍ତିସ୍ମ ପାଇଥିବାମାନଙ୍କୁ ପ୍ରଭୁ ରାତ୍ରି ଭୋଜନ ପୂର୍ବରେ
ପାଦ ଶୁଦ୍ଧି କରିବାର ଅଛି)

## ବାକ୍ୟ ପଠନ

**ଗୀତ ସଂହିତ. ୨୩ ଅଧ୍ୟାୟ, ମାର୍କ ୧୪:୨୫,
୧ କରିନ୍ଥୀୟ ୧୧:୨୩-୩୩.**

**ଉପଦେଶକ :** ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ ନାମରେ ଆମେନ୍ ।

## ପାପ ସ୍ୱୀକାର କରିବା କ୍ରମ

**ଉପଦେଶକ :** ପ୍ରିୟମାନେ ! ମୁଁ ପାପ ନଥିବା ବ୍ୟକ୍ତି ବୋଲି ଭାବିଲେ ଠକରେ ପଡ଼ିଯିବ । ଆତ୍ମମାନଙ୍କର ପାପ ଆମେ ସ୍ୱୀକାର କଲେ ଈଶ୍ୱର କ୍ଷମା କରିବେ । ପାପ ସ୍ୱୀକାର ନ କରିବା ବ୍ୟକ୍ତି ଆହୁରି ଅଧିକ ପାପୀ ହୋଇ ଈଶ୍ୱରଙ୍କ ଠାରୁ ଦୂର ହେବ । ମୁଁ ପଚାରିବା ପ୍ରଶ୍ନ ଗୁଡ଼ିକକୁ ଅନ୍ତଃକରଣ ସହିତ ଉତ୍ତର ଦିଅନ୍ତୁ ।

**୧. ପ୍ରଶ୍ନ :** ତୁମ୍ଭେମାନେ ମାନବ ଜନ୍ମ ଯୋଗୁଁ, ତୁମର ଚିନ୍ତା ଯୋଗୁଁ, କଥା ଯୋଗୁଁ, କାର୍ଯ୍ୟ ଯୋଗୁଁ, ସ୍ୱର୍ଗର ପିତାଙ୍କୁ ମନକୁ ଦୁଃଖ ଦେଇଛନ୍ତି ବୋଲି ସ୍ୱୀକାର କରୁଅଛ କି ?

**ଉତ୍ତର :** ହଁ । ସ୍ୱୀକାର କରୁଅଛୁ ।

**୨. ପ୍ରଶ୍ନ :** ତୁମ୍ଭମାନଙ୍କର ପାପ ସବୁ ଆମ୍ଭମାନଙ୍କର ପ୍ରଭୁ ହୋଇଥିବା ଯୀଶୁ ନାମ ଯୋଗୁଁ ପିତା କ୍ଷମା କରିଅଛନ୍ତି ବୋଲି ବିଶ୍ୱାସ କରୁଅଛ କି ?

**ଉତ୍ତର :** ବିଶ୍ୱାସ କରୁଅଛୁ ।

**୩. ପ୍ରଶ୍ନ :** ତୁମ୍ଭେମାନେ ଯେ କୌଣସି ପାପକୁ ବଶୀଭୂତ ନ ହେଇ, ସମସ୍ତ ପ୍ରଲୋଭନକୁ ଈଶ୍ୱରଙ୍କ ପ୍ରତିଜ୍ଞା ଯୋଗୁଁ ଜୟ କରିବାକୁ ନିଶ୍ଚୟ କରୁଅଛ କି ?

**ଉତ୍ତର :** ହଁ । ନିଶ୍ଚୟ କରୁଅଛୁ ।

## ପାପ କ୍ଷମା ବିଜ୍ଞାପନ

ସତ୍ୟରେ ପାପ ପାଇଁ ଦୁଃଖ କରି, ତାହା ସ୍ୱୀକାର କରି, ଏହା ପରେ ଜାଗ୍ରତ ରହିବୁ ବୋଲି ପ୍ରତିଜ୍ଞା କଲେ, ସେହିପରି ମାନଙ୍କୁ ବାକ୍ୟ ଉପଦେଶକ ହେଇଥିବା ମୁଁ, ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ ନାମରେ ପାପ କ୍ଷମା ଘୋଷଣା କରୁଅଛି । ଆହୁରି ପାପ କ୍ଷମା ଘୋଷଣା କରୁଅଛି । ଆହୁରି ପାପ ସ୍ୱୀକାର ନକରି, ପାପ ସ୍ଥିତିରେ ରହିଥିବା ମାନଙ୍କୁ, ଅତିରିକ୍ତ ପାପ ବିଷୟ ଘୋଷଣା କରୁଅଛି ।

## ପ୍ରଭୁଙ୍କ ପ୍ରାର୍ଥନା ସମସ୍ତେ କରିବାର ଅଛି

**ଉପଦେଶକ :** ପ୍ରିୟମାନେ ! ପ୍ରଭୁ ଯୀଶୁ ଭୋଜନ ସମୟରେ ଗୋଟିଏ ଗାମୁଛା ଘେନି କଟି ବନ୍ଧନ କଲେ । ତେଣୁ ମୁଁ ମଧ

ସେହିପରି କରୁଅଛି । ଏହା ସେବାକାର୍ଯ୍ୟ କରିବାମାନଙ୍କୁ ଚିହ୍ନ ହୋଇଅଛି । ତତ୍ପରେ ସେ ପାତ୍ରରେ ଜଳ ଢ଼ାଳିଲେ । ମୁଁ ମଧ୍ୟ ସେହିପରି କରୁଅଛି । ତାପରେ ପ୍ରଭୁ ଶିଷ୍ୟ ମାନଙ୍କ ପାଦ ଧୋଇଦେଇ, ସେହି ଗାମୁଛାରେ ପୋଛିବାକୁ ଲାଗିଲେ । ମୁଁ ମଧ୍ୟ ସେହିପରି କରୁଅଛି । ''ଯଦି ମୁଁ ତୁମ୍ଭକୁ ଧୌତ ନ କରେ ତାହା ହେଲେ ମୋ ସହିତ ତୁମ୍ଭର କୌଣସି ଅଂଶ ନାହିଁ । ବୋଲି ପ୍ରଭୁ ପିତର ସହିତ କହିଲେ''. (ପ୍ରଭୁ ସହିତ ତୁମ୍ଭକୁ ଅଂଶ ହେଉ' ବୋଲି କହୁ କହୁ ଭୋଜନାର୍ଥ ମାନଙ୍କ ପାଦ ଧୋଇବାର ଅଛି) ଯୋହନ ୧୩:୧୨-୧୭.

## ଭୋଜନାଚାର ପ୍ରଶଂସା ପାଠ :

**ଉପଦେଶକ :** ପଭୁମାନଙ୍କ ପ୍ରଭୁଙ୍କର ଧନ୍ୟବାଦ କର, କାରଣ ତାହାଙ୍କ ଦୟା ଅନନ୍ତକାଳ ସ୍ଥାୟୀ । ଗୀତ ସଂହିତା ୧୩୬:୩.

**ମଣ୍ଡଳୀ :** ଯେ ମହତ ମହତ ଆଶ୍ଚର୍ଯ୍ୟକର୍ମ କରିବାରେ ଅଦ୍ୱିତୀୟ, ତାହାଙ୍କର ଧନ୍ୟବାଦ କର, କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ । ଗୀତସଂହିତା ୧୩୬:୪ ।

**ଉପଦେଶକ :** ସଦା ପଭୁଙ୍କର ପ୍ରଶଂସା କର, କାରଣ ସଦା ପ୍ରଭୁ ମଙ୍ଗଳମୟ, ଗୀତ ସଂହିତା ୧୩୫:୫ ।

**ମଣ୍ଡଳୀ :** ତାହାଙ୍କ ନାମ ଉଦ୍ଦେଶ୍ୟରେ ପ୍ରଶଂସାଗନ କର, କାରଣ ତାହା ମନୋହର । ଗୀତସଂହିତା ୧୩୫:୩ ।

**ଉପଦେଶକ :** ସେ ଆପଣା ଲୋକାମାନଙ୍କୁ ଆନନ୍ଦ ସହିତ ଓ

ଆପଣା ମନୋନୀତମାନଙ୍କ ଗାୟନ ସହିତ ବାହାର କରି ଆଣିଲେ । ଗୀତ ସଂହିତା ୧୦୫:୪ ।

**ମଣ୍ଡଳୀ :** ଆଉ, ସେ ଭୋଜନାର୍ଥେ ସେମାନଙ୍କ ଉପରେ ମାନ୍ନା ବର୍ଷାଇଲେ ଓ ସେମାନଙ୍କ ସ୍ୱର୍ଗର ଶସ୍ୟ ପ୍ରଦାନ କଲେ । ଗୀତସଂହିତା ୭୮:୨୪, ୨୫ ।

**ଉପଦେଶକ :** ହେ ପରମେଶ୍ୱର ! ଆମ୍ଭେମାନେ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁ । ଗୀତ ସଂହିତା ୭୫:୧ ।

**ମଣ୍ଡଳୀ :** ଆମ୍ଭେମାନେ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁ, କାରଣ ତୁମ୍ଭ ନିକଟବର୍ତ୍ତୀ, ଗୀତସଂହିତା ୭୫:୧ ।

## ସ୍ତୁତି ପ୍ରାର୍ଥନା

ପ୍ରେମମୟ ପିତା ! ତୁମ୍ଭ ପୁତ୍ରଙ୍କଠାରେ ତୁମ୍ଭଙ୍କୁ ପ୍ରକାଶ କରିଥିବା ତୁମ୍ଭଙ୍କୁ, ମହିମା, ମହିମା, ମହିମା ବୋଲି ପ୍ରଶଂସା କରୁଅଛୁ । ଏହି ଲକ୍ଷଣକୁ ଆମେ ସମ୍ମାନ ଦେଇପାରିବା ଜ୍ଞାନ, ଆଜ୍ଞା ଧୀନତା ପ୍ରଦାନ କର । ଆମେନ୍ ।

ହେ ପରମେଶ୍ୱର ! ଅରଣ୍ୟରେ ତୁମ୍ଭ ମନୋନୀତ ଲୋକ ହୋଇଥିବା ଇସ୍ରାଏଲ ମାନଙ୍କୁ ଭୋଜନ ମେଜ ପ୍ରସ୍ତୁତ କରିଥିବା ତୁମ୍ଭେ, ଆମ୍ଭକୁ ତୁମ୍ଭ ପୁତ୍ରଙ୍କ ଦ୍ୱାରା ଆମ୍ଭ ଜୀବନ ପୋଷଣାର୍ଥେ, ସଂସ୍କାର ଭୋଜନ ମେଜ ପକାଇଥିବା ଯୋଗୁଁ ତୁମ୍ଭକୁ ପ୍ରଶଂସା ଆଚରଣ କରୁଅଛୁ । ଏହା ଠିକ ଭାବରେ ଅନୁଭବ କରିବା ପାଇଁ ଆମ୍ଭମାନଙ୍କୁ ତୁମ୍ଭ ଆତ୍ମା ଦ୍ୱାରା ସେହି ସ୍ଥାନକୁ ଚଳାନ୍ତୁ । ଆମେନ୍ ।

# ପ୍ରଶଂସା ବାକ୍ୟ

ସିଂହାସନ ନିକଟରେ ଦୂତମାନେ ଗାଇଥିବା ସ୍ତୁତି ଗାନ : ଯିଶାଇୟ ୬:୩ ସୈନ୍ୟାଧିପତି ସଦାପ୍ରଭୁ ପବିତ୍ର, ପବିତ୍ର, ପବିତ୍ର, ସମୁଦାୟ ପୃଥିବୀ ତାହାଙ୍କ ମହିମାରେ ପରିପୂର୍ଣ୍ଣ । ୭ ଥର କରିବାର ଅଛି ।

# ଉପଦେଶ

**ଉପଦେଶକ :** ପ୍ରିୟମାନେ ! ତୁମ୍ଭେମାନେ ଏବେ ପ୍ରଭୁଙ୍କ ମେଜ ନିକଟକୁ ଆସିବା ପାଇଁ ଆଶା କରୁଛନ୍ତି । ଏହା ଉତ୍ତମ ହିଁ । ପ୍ରଭୁ ଡ଼ାକିଥିବାରୁ ଆପଣମାନେ ଆସିଲେ ଆପଣଙ୍କ ଆଗମନ କେତେ ଉତ୍ତମ । ଆପଣମାନେ ବହୁତ ଭୋକରେ ରହି ଆସୁଥିଲେ, ତୁମ୍ଭ ମାନଙ୍କର ଆଗମନ କେତେ ଉତ୍ତମ । ଆପଣମାନେ ଆପଣ ଚକ୍ଷୁକୁ ଦେଖାଯାଉଥିବା ରୋଟି, ଦ୍ରାକ୍ଷାରସ ମଧ ନେଉଥିବା ବେଳେ ପ୍ରଭୁଙ୍କର ଶରୀର ରକ୍ତକୁ ତୁମ୍ଭ ନିକଟରୁ ବିଚ୍ଛିନ୍ନ ହେବାକୁ ଦିଅ ନାହିଁ । ତୁମ୍ଭମାନଙ୍କ ହୃଦୟକୁ କୃତଜ୍ଞତା ସ୍ତୁତି ସହିତ ପୂର୍ଣ୍ଣ କରାନ୍ତୁ । ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତି ହେବେ ।

# ବାକ୍ୟ

ଜଗତର ପାପ ବୋହିନେଇଯାଉଥିବା, ଈଶ୍ୱରଙ୍କ ମେଷଶାବକ ହେଇଥିବା, ହେ ଖ୍ରୀଷ୍ଟ ତୁମ୍ଭ ଶାନ୍ତି ଆମ୍ଭମାନଙ୍କୁ ଅନୁଗ୍ରହ କରନ୍ତୁ । ଆମେନ୍ ।

ପ୍ରତିଷ୍ଠା କରିବା ଆହୁରି ପ୍ରଭୁଭୋଜ ବିଧି ସ୍ଥାପନ କରିବା
ବାକ୍ୟ : ମାଥିଉ ୨୬:୨୬-୨୯

ପ୍ରଭୁ ଯୀଶୁ ରୋଟି ନେଇଥିଲେ ତେଣୁ ମୁଁ ମଧ୍ୟ ସେହିପରି କରୁଅଛି । ପ୍ରଭୁ ଯୀଶୁ କୃତଜ୍ଞତା ସ୍ତୁତି ଦେଲେ ତେଣୁ ମୁଁ ମଧ୍ୟ ସେହିପରି କରୁଅଛି । ପ୍ରଭୁ ! ଏହା ପ୍ରଦାନ କରିଥିବା ଯୋଗୁଁ ତୁମ୍ଭକୁ ପ୍ରଶଂସା । ତତ୍ପରେ ପ୍ରଭୁ ରୋଟି ଭାଙ୍ଗିଲେ । ମୁଁ ମଧ୍ୟ ସେହିପରି କରୁଅଛି । ତତ୍ପରେ ପ୍ରଭୁ ତାହା ସେମାନଙ୍କୁ ଦେଇଥିଲେ । ମୁଁ ମଧ୍ୟ ସେହିପରି କରୁଅଛି । ନିଅ ଭୋଜନ କର, ଏହା ତୁମ୍ଭମାନଙ୍କ ନିମନ୍ତେ ଦିଆଯାଇଥିବା ଖ୍ରୀଷ୍ଟଙ୍କ ଶରୀର ।

ପ୍ରଭୁ ପାନପତ୍ର ନେଇଥିଲେ । ମୁଁ ମଧ୍ୟ ସେହିପରି କରୁଅଛି । ପ୍ରଭୁ କୃତଜ୍ଞତା ସ୍ତୁତି ଦେଇଥିଲେ । ତେଣୁ ମୁଁ ମଧ୍ୟ ସେହିପରି କରୁଅଛି ପିତା ! ଏହା ଦେଇଥିବା ଯୋଗୁଁ ତୁମ୍ଭକୁ ପ୍ରଶଂସା । ତତ୍ପରେ ପ୍ରଭୁ ତାହା ସେମାନଙ୍କୁ ଦେଇଥିଲେ । ମୁଁ ମଧ୍ୟ ସେହିପରି କରୁଅଛି । ଏଥିରୁ ସମସ୍ତେ ପାନ କର । ଏହା ଖ୍ରୀଷ୍ଟଙ୍କ ରକ୍ତ କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ପାଇଁ କ୍ଷମା ନିମନ୍ତେ ଦିଆଯାଇଥିବା ଏ ମୋହର ସେହି ରକ୍ତ ।

ଆମ୍ଭମାନଙ୍କ ପ୍ରଭୁ ହେଇଥିବା ଖ୍ରୀଷ୍ଟ ଯୀଶୁଙ୍କ ପବିତ୍ର ଶରୀର, ତାହାଙ୍କ ବହୁମୂଲ୍ୟ ରକ୍ତ ତୁମ୍ଭମାନଙ୍କ ଆତ୍ମିକ ଜୀବନକୁ ପୋଷଣ ଓ ଶକ୍ତି ପ୍ରାପ୍ତ କରି, ବରଙ୍କ ଆଗମନକୁ, ଅନନ୍ତ ଜୀବନକୁ ତୁମ୍ଭମାନଙ୍କୁ ପ୍ରସ୍ତୁତ କରନ୍ତୁ ! ଆମେନ୍ ।

Bible Mission HQ Guntur

**ପ୍ରାର୍ଥନା କରିବା : ଉପଦେଶକ :** ହେ ଆମ୍ଭମାନଙ୍କ ପ୍ରଭୁ ! ବର ରୂପେ ଆସୁଥିବା ଆମ୍ଭମାନଙ୍କ ପ୍ରିୟ ହେଇଥିବା ପ୍ରଭୁ ! ତୁମ୍ଭ ଶରୀର ରକ୍ତ ସହିତ ତୁମ୍ଭେ ଆମ୍ଭମାନଙ୍କୁ ପୋଷଣ କରୁଥିବାରୁ ତୁମ୍ଭକୁ କୃତଜ୍ଞ ଅଟୁ । ଏହି ସଂସ୍କାର ଭୋଜନରେ ଥିବା ଆଶ୍ଚର୍ଯ୍ୟ କାର୍ଯ୍ୟକୁ ଆମେ ବୁଝି ପାରିନଥିଲେ ମଧ, ସେହି କାର୍ଯ୍ୟକୁ, ସେହି କାର୍ଯ୍ୟର ଫଳକୁ ଆମ୍ଭେମାନେ ବିଶ୍ୱାସ କରି ଧନ୍ୟବାଦ କରୁଅଛୁ । ସ୍ୱର୍ଗୀୟ ପିତା ! ତୁମ୍ଭ ପୁତ୍ରଙ୍କ ଦ୍ୱାରା ତୁମ୍ଭ ମଣ୍ଡଳୀକୁ ତୁମ୍ଭେ ପ୍ରଦାନ କରିଥିବା ଏହି ପବିତ୍ର ଭୋଜନର ଉଦ୍ଦେଶ୍ୟ ଗୁଡ଼ିକ ବିଷୟରେ ତୁମ୍ଭକୁ ସ୍ତୁତି ସମର୍ପଣ କରୁ କରୁ, ତୁମ୍ଭ ଉଦ୍ଦେଶ୍ୟ ସଫଳ ହେବା ନିମନ୍ତେ ତୁମ୍ଭ ଆତ୍ମା ପ୍ରେରଣ ଦୟା କରନ୍ତୁ ବୋଲି ପ୍ରଭୁଙ୍କ ଦ୍ୱାରା ବିନତି କରୁଅଛି । ଆମେନ୍ ।

(ଗୀତ ଗାନ କରୁଥିବା ବେଳେ ଚାନ୍ଦା ଉଠା ହେବ)

## ପ୍ରଭୁଙ୍କ ପ୍ରାର୍ଥନା - ଆଶୀର୍ବାଦ

ଆଦି : ୧୪:୧୮, ଯାତ୍ରା : ୧୨:୨୧-୧୮, ୨ ସାମୂଏଲ ୯:୧୩, ଗୀତ ସଂହିତା ୨୩ ଅଧ୍ୟାୟ ।

ମାଥିଉ ୨୬:୨୭-୨୯, ୫:୬, ୨୨:୪-୨୨, ମାର୍କ ୧୪:୨୨-୨୫,

ଲୂକ ୧୪:୧୫-୨୪, ୧୫:୨୨-୨୩, ୨୨:୨୫-୨୦, ଯୋହନ ୬:୪୭-୫୯, ଯୋହନ ୧୩:୪-୧୫, ୧ କରିନଥିୟ ୧୦:୨୧, ୧୧:୨୩-୨୯, ପ୍ରକାଶିତ ୧୯:୯ ।

--୪୦୪--

# ବାପ୍ତିସ୍ମ ଆରାଧନା କ୍ରମ

**ମାଥିଉ ୨୮:୧୯, ମାର୍କ ୧୬:୧୭, ରୋମି ୬:୩, ୪:୬:୧, କରିନଥିୟା ୧୨:୧୩ ।**

**ଉପଦେଶକ :** ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ ନାମରେ ଆମେନ୍ ।

ପ୍ରିୟମାନେ ! ମନୁଷ୍ୟମାନେ ସମସ୍ତେ ପାପ ଦ୍ୱାରା ଜନ୍ମ, ପାପ ଜୀବନ ପାଇଅଛନ୍ତି । ତେଣୁ ବାକ୍ୟ ପ୍ରକାର ମନ ପରିବର୍ତ୍ତନ ପାଇ, ପ୍ରଭୁଙ୍କ ନିକଟକୁ ନିତ୍ୟ ପରିତ୍ରାଣାର୍ଥେ ଆସିବାର ଅଛି । ପରିତ୍ରାଣ ଚାହୁଁଥିବା ବିଶ୍ୱାସିକୁ ପରିତ୍ରାଣ ଅନୁଗ୍ରହ କରାହେଇଅଛି ବୋଲି ଜଣା ହେବା ନିମନ୍ତେ, ବିଶ୍ୱାସିକୁ ପରିତ୍ରାଣ ଅନୁଗ୍ରହ କରାହେଇଅଛି ବୋଲି ଜଣା ହେବା ନିମନ୍ତେ, ବିଶ୍ୱାସିକୁ ଭୂଲୋକ ମଣ୍ଡଳୀ ଭିତରକୁ ଅଧିକ ଭାବରେ ପ୍ରଭୁ ପ୍ରବେଶ କରାଉଛନ୍ତି ବୋଲି ବିଷୟ ନିଶ୍ଚୟ ଭାବରେ ଜଣା ହେବା ନିମନ୍ତେ, ବାପ୍ତିସ୍ମ କ୍ରମ ଆମ୍ଭେମାନେ ଆଚରଣ କରୁଅଛୁ, ବାପ୍ତିସ୍ମ ପାଇଁ ତୁମ୍ଭେମାନେ ଏହିଟିକୁ ଆସିଅଛନ୍ତି । ସେଥିପାଇଁ ବାଇବଲ ମିଶନ ଉପଦେଶକ

Bible Mission HQ Guntur

ହେଇଥିବା ମୁଁ ଏବେ ତୁମ୍ଭମାନଙ୍କୁ ପଚାରିବା ପ୍ରଶ୍ନ ଗୁଡ଼ିକକୁ ତୁମ୍ଭେ ତ୍ରିଏକ ଈଶ୍ୱର ନିକଟରେ ତାହାଙ୍କ ପବିତ୍ରଗଣ ସମସ୍ତଙ୍କ ନିକଟରେ ପ୍ରତିଜ୍ଞା କରିବାର ଅଛି ।

**୧. ପ୍ରଶ୍ନ :** ତୁମ୍ଭେ ଶୟତାନକୁ ତାହାର ସମସ୍ତ କାର୍ଯ୍ୟକୁ ପରିତ୍ୟାଗ କରୁଅଛୁ କି ?

**ଉତ୍ତର :** ହଁ । ପରିତ୍ୟାଗ କରୁଅଛୁ ।

**୨. ପ୍ରଶ୍ନ :** ବାଇବଲ ବୋଲି ଗ୍ରନ୍ଥରେ ଲିଖାହେଇଥିବା ବିଷୟ ସବୁ ସତ୍ୟ ବୋଲି ବିଶ୍ୱାସ କରୁଅଛ କି ?

**ଉତ୍ତର :** ହଁ, ସତ୍ୟ ବୋଲି ବିଶ୍ୱାସ କରୁଅଛୁ ।

**୩. ପ୍ରଶ୍ନ :** ବାଇବଲ ଉପଦେଶ କରୁଥିବା ଧର୍ମ ସବୁ ପ୍ରକାର ଚାଲିବ କି ?

**ଉତ୍ତର :** ହଁ । ଚାଲିବି ।

**୪. ପ୍ରଶ୍ନ :** ବାଇବଲ ମିଶନ ସ୍ୱୀକାର କରୁଥିବା, ତୁମ୍ଭେ ଶିକ୍ଷା କରୁଥିବା ସ୍ୱୀକାର ସବୁ, ସ୍ୱକାର କରୁଅଛ କି ?

**ଉତ୍ତର :** ହଁ । ସ୍ୱୀକାର କରୁଅଛି ।

**୫. ପ୍ରଶ୍ନ :** ପରିତ୍ରାଣାର୍ଥେ ଜଳ ବାପ୍ତିସ୍ମ ଯେତେ ଆବଶ୍ୟକ, ଆତ୍ମୀୟ ଜୀବନର ବୃଦ୍ଧି ନିମନ୍ତେ ପବିତ୍ରାତ୍ମା ବାପ୍ତିସ୍ମ ସେତେ ଆବଶ୍ୟକ ବୋଲି ବିଶ୍ୱାସ କରୁଅଛୁ କି ?

**ଉତ୍ତର :** ହଁ । ବିଶ୍ୱାସ କରୁଅଛି ।

୬. ପ୍ରଶ୍ନ : ବିଶ୍ୱାସୀମାନଙ୍କୁ ବାଇବଲ ଗ୍ରନ୍ଥକର୍ତ୍ତା ହେଇଥିବା ଈଶ୍ୱର ସମୟକୁ, ଆବଶ୍ୟକତା ଯୋଗୁଁ ନୂତନ ବିଷୟ ପ୍ରକାଶ କରିବ ବୋଲି ବିଶ୍ୱାସ କରୁଅଛୁ କି ?

ଉତ୍ତର : ହଁ । ବିଶ୍ୱାସ କରୁଅଛି ।

୭. ପ୍ରଶ୍ନ : ଜଗତରେ ରହୁଥିବା ସବୁ ମିଶନମାନେ ଭିନ୍ନ ଧାରଣା ସିଦ୍ଧାନ୍ତ ପାଇଥିବାମାନେ ହେଇଥିଲେ ମଧ ପ୍ରଭୁ, ଯୀଶୁ ଉପରେ ଥିବା ଭକ୍ତି ପଥକୁ ଉପଦେଶ ଦେଉଅଛନ୍ତି ବୋଲି ବିଶ୍ୱାସ କରୁଅଛନ୍ତି କି ?

ଉତ୍ତର : ହଁ । ବିଶ୍ୱାସ କରୁଅଛି ।

୮. ପ୍ରଶ୍ନ : କଷ୍ଟ ସ୍ଥିତିରେ, ନିରାଶା ସମୟରେ, ଈଶ୍ୱରଙ୍କ ପ୍ରତିଜ୍ଞା ପାଠ କରି, ପ୍ରାର୍ଥନା କରି, ପ୍ରଶଂସା କରି, ଅପେକ୍ଷା କରିବା ଦ୍ୱାରା ନୂତନ ସାନ୍ତ୍ୟନା ପାଇବାକୁ ଚେଷ୍ଟା କରୁଅଛୁ କି ?

ଉତ୍ତର : ହଁ । ଚେଷ୍ଟା କରୁଅଛି ।

୯. ପ୍ରଶ୍ନ : ବଧୂ ଗ୍ରହଣ କରାଯାଇଥିବା ଦ୍ୱିତୀୟ ଆଗମନ, ବହୁତ ନିକଟସ୍ଥ ହେଇଅଛି ବୋଲି ସନ୍ଦେହ ନ କରି ବିଶ୍ୱାସ କରି ତାହା ବିଷୟରେ ପ୍ରସ୍ତୁତ ରହିବ କି ?

ଉତ୍ତର : ହଁ, ପ୍ରସ୍ତୁତ ରହିବି ।

୧୦. ପ୍ରଶ୍ନ : ଯେଉଁ ବିଶ୍ୱାସ ଭିତରକୁ ବାପ୍ତିସ୍ମ ପାଇବାର ଅଛି, ସେହି ବିଶ୍ୱାସ ପ୍ରତିଜ୍ଞା କୁହ ।

ଉତ୍ତର : (ବିଶ୍ୱାସ ପ୍ରତିଜ୍ଞା କହିବାର ଅଛି କିମ୍ବା କୁହାଇବାର ଅଛି)

Bible Mission HQ Guntur

# ବିଶ୍ୱାସ ପ୍ରତିଜ୍ଞା

ଈଶ୍ୱର ପିତାଙ୍କ ଭାବରେ, ପୁତ୍ରଙ୍କ ଭାବରେ, ପବିତ୍ରାତ୍ମାଙ୍କ ଭାବରେ ମାନବ ପରିତ୍ରାଣାର୍ଥେ ପ୍ରକାଶ ହେଇ ଅଛନ୍ତି ବୋଲି, କାର୍ଯ୍ୟ ଯୋଗୁଁ ସେମାନେ ତିନି ଜଣ ଭାବରେ ଦେଖା ହେଲେ ମଧ୍ୟ ଏକ ଅଟନ୍ତି ବୋଲି (ତ୍ରିଏକତ୍ୱ ସେ ସମସ୍ତେ ମନୁଷ୍ୟମାନଙ୍କୁ ପିତା, ଈଶ୍ୱର, ସର୍ବ ହେଇ ଅଛନ୍ତି ବୋଲି ବିଶ୍ୱାସ କରୁଅଛି ।

ପରମେଶ୍ୱର ନର ଅବତାର ହୋଇ ଖ୍ରୀଷ୍ଟଯୀଶୁଙ୍କ ନାମରେ ଏହି ଜଗତକୁ ଆସି ଅଛନ୍ତି ବୋଲି, ମନୁଷ୍ୟମାନଙ୍କୁ ଆବଶ୍ୟକ ବିଷୟ ଉପଦେଶ କରି, ଆଶ୍ଚର୍ଯ୍ୟ ଉପକାର ଦ୍ୱାରା ମନୁଷ୍ୟମାନଙ୍କୁ ସାନ୍ତ୍ୟନା ଦେଇ ଶେଷରେ କ୍ରୁଶବିଧ ହୋଇ, ମୃତ୍ୟୁବରଣ କରି, ପୁଣି ଉଠି, ସ୍ୱର୍ଗକୁ ଯାଇ ଶୀଘ୍ର ଆସୁଅଛନ୍ତି ବୋଲି, ତାହାଙ୍କ ଆଗମନରେ ସ୍ୱର୍ଗକୁ ଉଠି ନଥିବା ଅତିରିକ୍ତ ଲୋକମାନଙ୍କୁ ସାତ ବର୍ଷ କ୍ଳେଶ ଆସିବ ବୋଲି, ତତ୍ପରେ ସେ ହିଁ ଭୂମି ଉପରକୁ ଆସି ହଜାର ବର୍ଷ ଧାର୍ମିକ ଶାସନ କରିବେ ବୋଲି, ତତ୍ପରେ ଶେଷ ବିଚାର ବୋଲି ବିଶ୍ୱାସ କରୁଅଛି । ଜଳରେ ଦେଇଥିବା ପବିତ୍ର ବାପ୍ତିସ୍ମ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ପାଇଁ, ଦ୍ୱାର ବୋଲି ବିଶ୍ୱାସ କରୁଅଛି । ଭୂଲୋକ ଖ୍ରୀଷ୍ଟୀୟ ମଣ୍ଡଳୀରେ ପ୍ରବେଶ କରିବାକୁ ଚାହୁଁଥିବା ଲୋକମାନେ, ଏହି ବାପ୍ତିସ୍ମ ନଥିଲେ ସଭ୍ୟମାନେ ଭାବରେ ରହିପାରିବେ ନାହିଁ ବୋଲି ବିଶ୍ୱାସ କରୁଅଛି । ପ୍ରଭୁ ଭୋଜନ ସଂସ୍କାର ସମୟରେ ବିଶ୍ୱାସି ଆନ୍ତରିକ ଭାବରେ ଖ୍ରୀଷ୍ଟଙ୍କ ଶରୀର ରକ୍ତ ପାଇବ ବୋଲି ବିଶ୍ୱାସ କରୁଅଛି । ପ୍ରଭୁ ଭୋଜନ

ନେଇଥିବା କେତେକ ରୋଗୀମାନେ ସୁସ୍ଥତା ପାଇବେ ବୋଲି ବିଶ୍ୱାସ କରୁଅଛି ।

ଖ୍ରୀଷ୍ଟିୟାନମାନେ ସମସ୍ତେ ପ୍ରଭୁ ଯୀଶୁ ଦେଇଥିବା ପବିତ୍ରାତ୍ମାଙ୍କ ଦ୍ୱାରା ବାପ୍ତିସ୍ମ ପାଇ ସେ ଆତ୍ମ ଦେବା ଅନୁଗ୍ରହ ଦାନ ସବୁ ତାହାଙ୍କ ଇଚ୍ଛାନୁସାରେ ବ୍ୟବହାର କରିବାକୁ, ପବିତ୍ରାତ୍ମା ବାପ୍ତିସ୍ମ ସ୍ୱର୍ଗ ରାଜ୍ୟ ସଭ୍ୟାତ୍ୱକୁ ଚିହ୍ନ ସ୍ୱରୂପ ବୋଲି ବିଶ୍ୱାସ କରୁଅଛୁ । ଖ୍ରୀଷ୍ଟ ଯୀଶୁ ଭାବରେ ଆସିଥିବା ଈଶ୍ୱର ବିନା ଆଉ କେହି ଜଗତ ପରିତ୍ରାଣ କର୍ତ୍ତା ହେଇ ପାରିବେ ନାହିଁ ବୋଲି, ଯେଉଁ ଧର୍ମର ଲୋକ ହେଲେ ମଧ୍ୟ କେବେ ହେଲେ ଗୋଟେ ବେଳରେ ପ୍ରଭୁ ଯୀଶୁଙ୍କ ନିମନ୍ତେ ଶୁଣିବେ ବୋଲି, ପ୍ରଭୁଙ୍କ ଆଡ଼କୁ ଫେରିବାକୁ ଯଥେଷ୍ଟ ସମୟ ସମସ୍ତେ ପାଇବେ ବୋଲି, ସେତେ ପର୍ଯ୍ୟନ୍ତ ମୋକ୍ଷ ନରକ ନିର୍ଣ୍ଣୟ ହେଇପାରିବ ନାହିଁ ବୋଲି ବିଶ୍ୱାସ କରୁଅଛି । ସର୍ବଲୋକଙ୍କ ପରିତ୍ରାଣାର୍ଥେ ଆୟୋଜନ ହେଇଥିବା ଧର୍ମ, ଖ୍ରୀଷ୍ଟୀୟ ଧର୍ମ ବୋଲି ଗ୍ରନ୍ଥ ଯୋଗୁଁ ନୁହେଁ, ଭିନ୍ନ ଧାରଣା ଭେଦ ଯୋଗୁଁ ତାହା ଅନେକ ମିଶନ ଭାବରେ ବିଭକ୍ତ ହେଲେ ମଧ୍ୟ ଗୋଟିଏ ପରମେଶ୍ୱରକୁ, ଗୋଟିଏ ପରିତ୍ରାଣକର୍ତ୍ତାକୁ, ଗୋଟିଏ ଗ୍ରନ୍ଥକୁ ସୂଚନା ଭାବରେ ରହିଅଛି ବୋଲି ବିଶ୍ୱାସ କରୁଅଛି ।

## ବାପ୍ତିସ୍ମ

**ଉପଦେଶକ :** ବାପ୍ତିସ୍ମ ପାଇବା ବ୍ୟକ୍ତିଙ୍କୁ ନା ସହିତ ........... ଡ଼ାକି ପ୍ରଭୁ ହେଇଥିବା ଖ୍ରୀଷ୍ଟ ଯୀଶୁଙ୍କୁ ତୁମ୍ଭ ନିଜର ପରିତ୍ରାଣକର୍ତ୍ତା ଭାବରେ ସ୍ୱୀକାର କରୁଅଛୁ କି ?

**ଉତ୍ତର :** ହଁ, ସ୍ୱୀକାର କରୁଅଛି ।

ବାପ୍ତିସ୍ମ ପାଇବାକୁ ଆସିଥିବା ଲୋକମାନେ ଆଣ୍ଠୁମାଡ଼ି ରହିଲା ବେଳେ ପାଳକ ତିନି ଥର ଜଳ ପକାଇ (କିମ୍ବା ଜଳରେ ବୁଡ଼ାଇ) ଏହିପରି କହିବାର ଅଛି ।

**ଉପଦେଶକ :** ତୁମ୍ଭେ ପ୍ରଭୁ ଯୀଶୁଙ୍କୁ ତୁମ୍ଭ ନିଜର ପରିତ୍ରାଣକର୍ତ୍ତା ଭାବରେ ସ୍ୱୀକାର କରିବି ବୋଲି ପ୍ରତିଜ୍ଞା କରିଅଛୁ । ତେଣୁ ବାକ୍ୟ ସେବକ ହେଇଥିବା ମୁଁ, ତୁମ୍ଭକୁ ସୃଷ୍ଟି କରିଥିବା ପିତାଙ୍କ, ତୁମ୍ଭକୁ ରକ୍ଷା କରିଥିବା ପୁତ୍ର ହେଇଥିବା ପିତାଙ୍କ, ତୁମ୍ଭକୁ ଉତ୍ସାହ କରିଥିବା ପବିତ୍ରାତ୍ମା ପିତାଙ୍କ ମହା ପବିତ୍ର ନାମରେ ତୁମ୍ଭକୁ ବାପ୍ତିସ୍ମ ଦେଉଅଛି ।

(ଉପଦେଶକ ବାପ୍ତିସ୍ମ ପାଇଥିବା ମାନଙ୍କ କପାଳ ଉପରେ କ୍ରୁଶ ଚିହ୍ନ ଦେବାର ଅଛି)

## ବାପ୍ତିସ୍ମ

ତୁମ୍ଭକୁ ବାପ୍ତିସ୍ମ ଦ୍ୱାରା ହେଉଥିବା ମଙ୍ଗଳ ଦାନ ସବୁ ହେଉ !

## ପ୍ରାର୍ଥନା

୧) ହେ ପ୍ରଭୁ ! ଏମାନଙ୍କୁ ତୁମ୍ଭେ ଯେଉଁ କାର୍ଯ୍ୟ ନିମନ୍ତେ ଡ଼ାକିଅଛୁ, ସେହି କାର୍ଯ୍ୟ ସବୁ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସାହାଯ୍ୟ କର ବୋଲି ତୁମ୍ଭକୁ ବିନତି କରୁଅଛି ।

୨) ଅପବ୍ୟୟ ପୁତ୍ରମାନଙ୍କୁ ଯୋଗ ଦେଉଥିବା ପିତା ! ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ଥ ଲୋକ ସମସ୍ତେ, ମୋ’ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ

ବିଶ୍ରାମ ଦେବି । ବୋଲି ଡ଼ାକୁଥିବା ପିତା ! ସୁସମାଚାର ସନ୍ଦେଶ ଦ୍ୱାରା ଏହି ତୁମ୍ଭ ସନ୍ତାନମାନଙ୍କୁ ଆଣିଥିବା ପିତା ! ଏହି ତୁମ୍ଭ କାର୍ଯ୍ୟ ନିମନ୍ତେ ଏହାଙ୍କୁ ତୁମ୍ଭ ଉପସ୍ଥିତିରେ ରକ୍ଷା କରି, ଚଳାନ୍ତୁ ବୋଲି ବିନତି କରୁଅଛ । ଆମେନ୍ ।

## ତୁମ୍ଭଙ୍କୁ ଶାନ୍ତି ହେଉ ! ଚାନ୍ଦା

### ସମସ୍ତେ ପ୍ରଭୁ ଶିଖାଇଥିବା ପ୍ରାର୍ଥନା କହିବାର ଅଛି ।

### ଶେଷ ପ୍ରାର୍ଥନା : ଆଶୀର୍ବାଦ

ମାଥିଉ : ୩:୧୧, ମାର୍କ : ୧:୫:୮, ଲୂକ : ୩:୬, ଯୋହାନ : ୧:୩୧-୩୩, ଲୂକ : ୭:୨୯-୩୦, ମାଥିଉ : ୨୮:୨୯, ମାର୍କ: ୧୬:୧୫-୧୬, ପ୍ରେରିତ : ୧:୫:୮, ୧୬-୧୦:୪୮, ୧୯:୫, ୨୨:୧୬, ୨:୩୮:୧, କରିନଥିୟା ୧୨:୧୩, ଏଫସି ୪:୧୫, ଯୋହାନ ୩:୧-୮, ରୋମି ୬:୩,୧ କରିନଥିୟା ୧୦:୨, ଗଲତିୟ ୩:୨୭, କଲସିୟ ୨:୧୨, ତୀତସ୍ ୩:୫-୬, ୧ ପିତର ୩:୨୧

--୪୦୪--

# ଛୋଟ ପିଲାମାନଙ୍କ ପ୍ରତିଷ୍ଠା ଆରାଧନା କ୍ରମ ବାକ୍ୟ ପଠନ

ଲୂକ : ୨:୨୧-୩୨, ୫୨, ମାଥିଉ : ୧୮:୩-୬, ୧୯:୧୩-୧୫, ମାର୍କ: ୧୦:୧୩-୧୬, ଲୂକ ୧୮:୧୭, ଗୀତସଂହିତା ୮:୨, ୨୨:୯,

**ଉପଦେଶକ :** ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ, ନାମରେ ଅନୁଗ୍ରହ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ । ଆମେନ୍ ।

ପ୍ରିୟମାନେ ! ଆମ୍ଭେ ପ୍ରଭୁ ହେଇଥିବା ଯୀଶୁ ମନ୍ଦିରକୁ ଘେନିଯାଇ, ଶିମିୟୋନ ଦ୍ୱାରା ପ୍ରତିଷ୍ଠା କରାଗଲା । ସେହି ପ୍ରକାର ଆମ୍ଭମାନଙ୍କ ସନ୍ତାନ ମାନଙ୍କୁ ମନ୍ଦିରରେ ଈଶ୍ୱରକୁ ସମର୍ପଣ କରିବା ଉତ୍ତମ, ଆଶୀର୍ବାଦ କାରଣ ଅଟେ । ପ୍ରଭୁଙ୍କୁ ନାମ ଦେଇଥିବା ପରି ଆମ୍ଭ ସନ୍ତାନମାନଙ୍କୁ ମଧ୍ୟ ନାମ ଦେବା । (ଉପଦେଶକ ଏହି ତଳେ ପ୍ରଶ୍ନ ଗୁଡ଼ିକ ପଚାରିବାର ଅଛି)

**ପ୍ରଶ୍ନ :** ଶୟତାନ କାର୍ଯ୍ୟ ସବୁ ପରିତ୍ୟାଗ କରିବା ପରି ତୁମ୍ଭ ଶିଶୁଙ୍କୁ ବଢ଼ାଇବ କି ?

**ଉତ୍ତର :** ପ୍ରଭୁଙ୍କ ସାହାଯ୍ୟରେ ସେହିପରି ବଢ଼ାଇବୁ ।

**ଉପଦେଶକ :** ଈଶ୍ୱରଙ୍କ ବାକ୍ୟ ଶିଖାଇ ତାହାକୁ ପ୍ରଭୁଙ୍କ ପଥରେ ବଢ଼ାଇବ କି ?

**ଉତ୍ତର :** ପ୍ରଭୁଙ୍କ ସାହାଯ୍ୟରେ ସେହିପରି ବଢ଼ାଇବୁ ।

**ପ୍ରଶ୍ନ :** ବାଇବଲ ମିଶନମାନେ ଶିକ୍ଷା ଦେଉଥିବା ଶିକ୍ଷା ସେନାନଙ୍କୁ ଶିଖାଇବ କି ?

**ଉତ୍ତର :** ପ୍ରଭୁଙ୍କ ସାହାଯ୍ୟରେ ସେହିପରି ଶିଖାଇବି ।

## ପ୍ରାର୍ଥନା

ସ୍ୱର୍ଗୀୟ ପିତା ! ଏହି ତୁମ୍ଭ ସନ୍ତାନକୁ ଜ୍ଞାନରେ, ବୟସରେ, ଈଶ୍ୱରଙ୍କ ଦୟାରେ, ମନୁଷ୍ୟ ମାନଙ୍କ ଦୟାରେ, ବୃଦ୍ଧି ପାଇବା ପାଇଁ ଆଶୀର୍ବାଦ କରନ୍ତୁ । ପିତା ମାତା ଏହି ଶିଶୁଙ୍କୁ ତୁମ୍ଭ ବାକ୍ୟରେ, ଈଶ୍ୱରଙ୍କ ସହବାସ ଅନୁଭବରେ ବଢ଼ାଇବା ଅନୁଗ୍ରହ ଦୟା କର । ବାଇବଲ ମିଶନକୁ ତୁମ୍ଭେ ହିଁ ପ୍ରକାଶ କରିଥିବା ବିଷୟ ଏହି ଶିଶୁ ଦ୍ୱାରା ବାହାରକୁ ପ୍ରକାଶ ହେବା ପରି ରକ୍ଷାକରି ଚଳାଅ ଆହୁରି ଶୟତାନର ସବୁ ମନ୍ଦ କାର୍ଯ୍ୟ ଠାରୁ ମୋଚନ କରାଇ, ପ୍ରଭୁ ଖ୍ରୀଷ୍ଟଙ୍କ ଆଗମନକୁ ଉଥିତ ହେବା ନିମନ୍ତେ ତୁମ୍ଭ ପବିତ୍ରାତ୍ମାଙ୍କ ପୂର୍ଣ୍ଣତା ଦୟାକର । ଶୀଘ୍ର ଆସୁଥିବା ଯୀଶୁଙ୍କ ନାମରେ ବିନତି କରୁଅଛୁ । ଆମେନ୍ ।

## ଆଶୀର୍ବାଦ

ପ୍ରଭୁ ଏହି ଶିଶୁକୁ ଜ୍ଞାନରେ, ଆରୋଗ୍ୟ ଆୟୁଷ୍କାଳରେ, ବିଧିରେ, ଈଶ୍ୱରଙ୍କ ଭକ୍ତିରେ, ସକଳ ଧନ ସମ୍ପଦରେ ବୃଦ୍ଧି କରି ତାହାଙ୍କ ଇଛାନୁସାରେ ବ୍ୟବହାର କରନ୍ତୁ ! ଆମେନ୍ ।

ସ୍ୱର୍ଗୀୟ ପ୍ରାର୍ଥନା ଆଶୀର୍ବାଦ

# ମନ୍ଦିର ପ୍ରତିଷ୍ଠା ଆରାଧାନ

(ସମସ୍ତେ ମନ୍ଦିର ଦ୍ୱାର ନିକଟରେ ଗୋଟିଏ ଭାଗରେ କ୍ରମିକ ଭାବରେ ଛିଡ଼ା ହୋଇ, ମନ୍ଦିର ଚାରି ପାର୍ଶ୍ୱରେ ବୁଲି ତିନି ଥର ବୁଲି ଦ୍ୱାର ସମ୍ମୁଖରେ ରହିବାର ଅଛି ।)

# ମନ୍ଦିର ଦ୍ୱାର ଖୋଲିବା

**ଉପଦେଶକ :** ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କୁ ମହିମା ହେଉ !

(ମନ୍ଦିର ନେତା ଉପଦେଶକଙ୍କୁ ମନ୍ଦିର ଚାବି ଦେବାର ଅଛି)

**ଉପଦେଶକ :** ବାକ୍ୟ ସେବକ ହେଇଥିବା ମୁଁ ଆରାଧନାକୁ ବ୍ୟବହାର କରିବା ନିମନ୍ତେ, ବାଇବଲ ମିଶନର ...........ବୋଲି ନାମରେ ଥିବା ଏହି ନୂତନ ମନ୍ଦିର ଦ୍ୱାରକୁ ପିତାଙ୍କ, ପୁତ୍ରଙ୍କ ପବିତ୍ରାତ୍ମାଙ୍କ ନାମରେ ଖୋଲୁଅଛି ।

''ସଦା ପ୍ରଭୁଙ୍କ ମନ୍ଦିରକୁ ଯିବା ବୋଲି ଲୋକମାନେ ମୋ ସହିତ କହିଲାବେଳେ ମୁଁ ଆନନ୍ଦ କରିଥିଲି'' ।

ତୁମ୍ଭେ ପରମେଶ୍ୱରଙ୍କ ଗୃହକୁ ଯିବା ବେଳେ ସାବଧାନରେ ଆପଣା ଚରଣ ରଖ । ଉପଦେଶକ ୫:୧ (ଗୀତ ଗାଉ ଗାଉ ସମସ୍ତେ ମନ୍ଦିର ଭିତରକୁ ଯାଇ ବସିବାର ଅଛି । ମାତ୍ର କେବଳ ଉପଦେଶକ ବେଦୀ ନିକଟକୁ ଯିବାର ଅଛି । ସେ ବାଇବଲ, ଗୀତ ପୁସ୍ତକ, ସଂସ୍କାର ଭୋଜନ ପାତ୍ର ଗୁଡ଼ିକ, ଚାନ୍ଦା ଥାଳି, ଆଉ କିଛି ବସ୍ତୁ ଗୁଡ଼ିକ ଥିଲେ ତାହା ମଧ୍ୟ ସାବଧାନରେ ବେଦୀ ଉପରେ ରଖିବାର ଅଛି ।

**ଉପଦେଶକ :** ପୁଣି, ତାହାଙ୍କ ମନ୍ଦିରରେ ସମସ୍ତ ବିଷୟ ଗୌରବ, ଗୌରବ ବୋଲି କହନ୍ତି । ଗୀତ ସଂହିତା ୨୯:୯ ।

**ମଣ୍ଡଳୀ :** ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରର ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀପନ ସଦାପ୍ରଭୁଙ୍କ ଗୃହରେ ବାସ କରିବା ଗୀତସଂହିତା ୨୭:୪

**ଉପଦେଶକ :** ସ୍ତୁତି ପ୍ରାର୍ଥନା : ହେ ଈଶ୍ୱର ! ଆମ୍ଭେମାନେ ତୁମ୍ଭକୁ ଆତ୍ମା ସହିତ, ସତ୍ୟ ସହିତ ଆରାଧନା କରିବା ପାଇଁ ଏହି ମନ୍ଦିରକୁ ଦୟା କରିଥିବାରୁ ତୁମ୍ଭକୁ ଅନେକ ଧନ୍ୟବାଦ । ଏହା ତୁମ୍ଭ ପୁତ୍ର, ଆମ୍ଭ ପ୍ରଭୁଙ୍କ ଯୋଗୁଁ ଗ୍ରହଣ କର ।

**ମଣ୍ଡଳୀ :** ସମ୍ଭ୍ରମ ଓ ମହିମା ତାହାଙ୍କର ସମ୍ମୁଖର୍ତ୍ତି ଶକ୍ତି ଓ ଶୋଭା ତାହାଙ୍କ ଧର୍ମଧାମରେ ବିଦ୍ୟମାନ । ହେ ନାନା ଦେଶୀୟ ଗୋଷ୍ଠୀବର୍ଗ, ତୁମ୍ଭେମାନେ ସଦାପ୍ରଭୁଙ୍କର କୀର୍ତ୍ତନ କର । ସଦାପ୍ରଭୁଙ୍କ ନାମରେ ଯେଥୋଚିତ ଗୌରବ କୀର୍ତ୍ତନ କର, ନୈବେଦ୍ୟ ଆଣ ଓ ତାହାଙ୍କ ପ୍ରାଙ୍ଗଣକୁ ଆସ । ଆହେ ପବିତ୍ରତାରେ ସୌନ୍ଦର୍ଯ୍ୟରେ ସଦାପ୍ରଭୁଙ୍କର ଭୋଜନ କର, ସମୁଦାୟ ପୃଥିବୀ, ତାହାଙ୍କ ଛାମୁରେ କମ୍ପମାନ ହୁଅ । ଗୀତସଂହିତା ୯୬:୬୮ ।

## ବାକ୍ୟ ପଠନ

**ଉପଦେଶ ପ୍ରାର୍ଥନା :** ପିତା ! ଅମକ ସମୟାନୁସାରେ କଥା ଗୁଡ଼ିକ ତୁମ୍ଭ ବାକ୍ୟରେ ଲିଖାଇଥିବା ତୁମ୍ଭ ଅନୁଗ୍ରହ ନିମନ୍ତେ ପ୍ରଶଂସା । ଆଜି ମନ୍ଦିର ପ୍ରତିଷ୍ଠାକୁ ଆମେ ସ୍ମରଣ କରିପାରିବା ଗୋଟିଏ ବାକ୍ୟ

ଧ୍ୟାନ କରିବାକୁ ଚାହୁଁଅଛୁ । ଏହି ବାକ୍ୟ ବିବରଣ ତୁମ୍ଭ ବାକ୍ୟକୁ ତଦନୁରୂପେ ରହିବା ପାଇଁ ଉପଦେଶ ଦୟାକର । ଆମେନ୍ ।

## ମନ୍ଦିରକୁ ପାତ୍ର ଗୁଡ଼ିକକୁ ଅଭିଷେକ କରିବା

**ଉପଦେଶକ :** ଏହି ଅଭିଷେକକୁ, ତ୍ରିଏକ ଈଶ୍ୱର, ତାହାଙ୍କ କାର୍ଯ୍ୟକାରୀମାନେ ଆସିଥିଲେ ବୋଲି ବିଶ୍ୱାସ ଦ୍ୱାରା ଅନୁଭବ କରୁଅଛୁ, ହେ, ସଦାପ୍ରଭୁ, ମହତ୍ତ୍ୱ, ପରାକ୍ରମ, ଶୋଭା, ଜୟ ଓ ପ୍ରତାପ ତୁମ୍ଭର (ପ୍ରଥମ ବଂଶାବଳୀ ୨୯:୧୧) ।

## (ସମ୍ମାନାର୍ଥେ ମଣ୍ଡଳୀ ଉଠି ଠିଆ ହେବେ)

**ପ୍ରତିଷ୍ଠିତ :** ମୁଁ ଏହି ଈଶ୍ୱରଙ୍କ ଗୃହ ପ୍ରତିଷ୍ଠା ମହୋତ୍ସବ ସମୟରେ ବାଇବଲ ମିଶନର ନୂତନ ମନ୍ଦିରକୁ ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ ନାମରେ ଈଶ୍ୱରଙ୍କ ମନ୍ଦିର ଭାବରେ ଘୋଷଣା କରୁ କରୁ, ଈଶ୍ୱରଙ୍କ ଆରାଧନା ନିମନ୍ତେ ପ୍ରତିଷ୍ଠା କରୁଅଛି । ଏହି ମନ୍ଦିରକୁ ପ୍ରତିଷ୍ଠା କରିବାରେ ତନ୍ମଧ୍ୟରେ ଆରାଧନା ପାଇଁ ବ୍ୟବହାର କରିବା ବସ୍ତୁ ଗୁଡ଼ିକ ସବୁ ପ୍ରତିଷ୍ଠା କରୁଅଛି ।

## ମଣ୍ଡଳୀ ୭ ଥର ଆମେନ୍ କହିବାର ଅଛି

## ମନ୍ଦିରକୁ, ପାତ୍ର ଗୁଡ଼ିକକୁ ସମର୍ପଣ କରିବା

**ଉପଦେଶକ :** ରବିବାର ଆରାଧନାକୁ, ଅନ୍ୟାନ୍ୟ ସମୟରେ ହେଉଥିବା ଧର୍ମ ସମ୍ବନ୍ଧୀୟ ସଭା ଗୁଡ଼ିକକୁ, ଜଣେ ଜଣେ କିରପାରିବା ପ୍ରାର୍ଥନା ଗୁଡ଼ିକକୁ, ଧ୍ୟାନ ଗୁଡ଼ିକକୁ, ଏହି ଦେବସ୍ଥାନକୁ ଠିକ୍ ଭାବରେ

ବ୍ୟବହାର କରିବ ବୋଲି ବିଶ୍ୱାସ କରି ଏହି ଦାୟିତ୍ୱକୁ ସମର୍ପଣ କରୁଅଛି । ପ୍ରଭୁ ସବୁ ବିଷୟ ଦ୍ୱାରା ମହିମା ପାଉନ୍ତୁ !

**ମଣ୍ଡଳୀ :** ଆମେନ୍, ଆମନ୍େ, ଆମେନ୍ ।

ସ୍ତୁତି ଗୀତ ଗାଇବାର ଅଛି ।

**ପ୍ରାର୍ଥନା :** ମହାଶୋଭାଶୀଳ ପିତା ! ମନ୍ଦିର ନିର୍ମାଣ କରିବା ପାଇଁ ଶଲୋମନକୁ କହିଥିବା ପିତା ! ଆକାଶ ମହାଆକାଶ ନ ଅଣ୍ଟିବା ତୁମ୍ଭେ, ମାନବ ନିର୍ମିତ ହେଇଥିବା ମନ୍ଦିରରେ ବାସ କରିବା ଆମ୍ଭକୁ କେତେ ଆଶ୍ଚର୍ଯ୍ୟ ଲାଗୁଅଛି । ତୁମ୍ଭ ବାସସ୍ଥାନ ପ୍ରତିଜ୍ଞା ନିମନ୍ତେ ତୁମ୍ଭକୁ ଅନେକ ଧନ୍ୟବାଦ । ତୁମ୍ଭ ଲୋକମାନେ ଏହି ସ୍ଥାନରେ ସ୍ୱୀକାର କରୁଥିବା ପାପ ସବୁ କ୍ଷମା କର ବୋଲି, ତାହା ମାତ୍ର ନୁହେଁ ନର ସ୍ୱଭାବ ପ୍ରକାର କରିବା ଆରାଧନାରେ ରହୁଥିବା ଭୂଲ ମଧ୍ୟ କ୍ଷମା କରନ୍ତୁ ବୋଲି, ଆମ୍ଭମାନଙ୍କୁ ଉପଯୁକ୍ତ ହେଉଥିବା ଉପଦେଶ ସବୁ ସେମାନଙ୍କୁ ଶୁଣାଅ-ବୋଲି, ସେମାନେ ଆଣୁଥିବା ଦାନ ସବୁ ଗ୍ରହଣ କର ବୋଲି ବିନତି କରୁଅଛି । ପାପ ପ୍ରଲୋଭନ ସମୟରେ, ଶତ୍ରୁ ଭୀତି ସମୟରେ, ଦୁର୍ଭିକ୍ଷ ସମୟରେ, ରୋଗ ସମୟରେ, ମନ୍ଦ ସ୍ଥିତି ସମୟରେ ବର୍ଷା ନଥିବା ସମୟରେ, ଲୋକମାନେ ଏହି ସ୍ଥାନରେ କରିବା ପ୍ରାର୍ଥନା ସବୁ ତୁମ୍ଭ ପୁତ୍ରଙ୍କ ମୁଖମଣ୍ଡଳ ଦେଖି ଶ୍ରବଣ କର । ଶଲୋମନଙ୍କ ଦ୍ୱାରା ନିର୍ମିତ ମନ୍ଦିର ଯାଜକମାନେ ପ୍ରବେଶ କରୁନଥିବା ଉଜ୍ଜ୍ୱଳ ସହିତ ପରିପୂର୍ଣ୍ଣ ଥିଲା ପରି, ଏହି ମନ୍ଦିର ତୁମ୍ଭ କୃଶ ଆଲୋକରେ ପୂର୍ଣ୍ଣହେଇ ରହିବା ପରି ଆୟୋଜନ କର ।

Bible Mission HQ Guntur

ଖ୍ରୀଷ୍ଟଯୀଶୁ ପ୍ରଭୁ ! ଆମ୍ଭ ପରିତ୍ରାଣକର୍ତ୍ତା ! ଆମ୍ଭ ଈଶ୍ୱର ! ଆମ ମନୁଷ୍ୟମାନଙ୍କ ମଧ୍ୟରେ ମନୁଷ୍ୟ ରୂପେ ବାସ କରିଥିବା ମନୁଷ୍ୟପୁତ୍ର ! ଆମ୍ଭମାନଙ୍କ ପରି ମନୁଷ୍ୟମାନଙ୍କ ସହିତ ମନ୍ଦିରରେ ବସିଥିବା ପିତା ! ତୁମ୍ଭକୁ ପ୍ରଶଂସା । ଆମ୍ଭ ନିମନ୍ତେ ଏବେ ସ୍ୱର୍ଗ ସିଂହାସନ ନିକଟରେ ପ୍ରାର୍ଥନା କରୁଥିବା ଆମ୍ଭମାନଙ୍କ ପ୍ରଧାନ ଯାଜକ ! ଆମ୍ଭମାନଙ୍କ ଭାର ସବୁ ତାହାଙ୍କ ଉପରେ ପକାଇବା ଦ୍ୱାରା ଆମ୍ଭ ପ୍ରାର୍ଥନା ସବୁ ସଫଳ କରିବାକୁ କାରଣ ହେଇଥିବା ଶାନ୍ତିକର୍ତ୍ତା । ତୁମ୍ଭେ ଆମ୍ଭକୁ ଏହିପରି ଈଶ୍ୱର ହେଇଅଛୁ ସେଥି ନିମନ୍ତେ ତୁମକୁ ଅନେକ ପ୍ରଶଂସା । ସଦାକାଳ ତୁମ୍ଭମାନଙ୍କ ସହିତ ମୁଁ ଅଛି ବୋଲି କହିଥିବା ପ୍ରଭୁ ! ଦୁଇଜଣ, ତିନି ଜଣ ମୋ ନାମରେ ଯେଉଁ ସ୍ଥାନରେ ସମାବେଶ ହେବେ ସେଠାରେ ସେମାନଙ୍କ ମଧ୍ୟରେ ରହିବି ବୋଲି ପ୍ରତିଜ୍ଞା କରିଥିବା ଈଶ୍ୱରଙ୍କ ପୁତ୍ର ! ତୁମ୍ଭ କଥା ନିମନ୍ତେ ଅନେକ ଧନ୍ୟବାଦ । ସେହି ତୁମ୍ଭ କଥାନୁସାରେ ଆଜି ଏହି ସ୍ଥାନରେ ଆମ୍ଭମାନଙ୍କ ମଧ୍ୟରେ ଅଛୁ ବୋଲି ବିଶ୍ୱାସ ଦ୍ୱାରା ଆମ୍ଭେ ଜାଣି ପାରିବୁ । ତୁମ୍ଭକୁ ଅନେକ ପ୍ରଶଂସା । ଆମ ଶରୀର ପରି ଶରୀର ଧାରଣ କରିବା ଦ୍ୱାରା ଆମ୍ଭ ନରମାନଙ୍କ ମଧ୍ୟରେ ବାସ କରିଥିବା ତୁମ୍ଭେ, ଆଜି ମହିମା ଶରୀରରେ ଆମ ସମସ୍ତଙ୍କ ନିକଟରେ ବାସ କରୁଅଛୁ ବୋଲି ଆନନ୍ଦ କରି, ହୃଦୟରେ ସ୍ମରଣ କରି ନମସ୍କାର କରୁଅଛି ତୁମ୍ଭକୁ ପ୍ରଶଂସା । ଆମ୍ଭ ମନୁଷ୍ୟ ମାନଙ୍କଠାରେ ଜଣେ ମନ୍ଦିର ଆରାଧନା କରୁଥିବା ଆମ୍ଭେମାନେ ଦେଖିଲା ବେଳେ, ଆମ୍ଭ ପ୍ରଧାନ ଯାଜକତ୍ୱ କାର୍ଯ୍ୟ ମହିମାକୁ ଆମ୍ଭ ବିଶ୍ୱାସ ନେତ୍ରକୁ ଦେଖାଅ ।

ହେ ପବିତ୍ରାତ୍ମା ହୋଇଥିବା ପିତା ! ସୃଷ୍ଟିରେ ଜଳ ଉପର ଭାଗରେ ବାସସ୍ଥାନ ଆୟୋଜନ କରିଥିବା ଈଶ୍ୱର ! ଆମ୍ଭକୁ କେତେ ଉତ୍ତମ ପରମ୍ପରା, ଉତ୍ତମ କାର୍ଯ୍ୟଥିଲେ ସୁଧା, ତୁମ୍ଭେ ନଥିଲେ ସେହି ପରମ୍ପରାରେ, ସେହି ଉତ୍ତମ କାର୍ଯ୍ୟରେ ତାହାକୁ ଜୀବନ କିମ୍ବା ବୃଦ୍ଧି ରହିବ ନାହିଁ । ତେଣୁ ତୁମ୍ଭ ଅନ୍ତଃକରଣ କାର୍ଯ୍ୟ ନିମନ୍ତେ, ମହା ଆଲୋକ ହେଇଥିବା ଏହି କାର୍ଯ୍ୟ ସବୁ ବିଷୟରେ ତୁମ୍ଭକୁ ଅନେକ ପ୍ରଶଂସା । ସବୁଠାରେ ତୁମ୍ଭେ ରୁହ ବୋଲି ବନତି କରୁଅଛି । ତୁମ୍ଭେ ଆମ୍ଭ ସହିତ ବାସ କରିବୁ ବୋଲି, ଆମ୍ଭମାନଙ୍କ ମଧ୍ୟରେ ରହିବ ବକି ତୁମ୍ଭ ସହିତ ବାସ କରିବୁ ବୋଲି, ଆମ୍ଭମାନଙ୍କ ମଧ୍ୟରେ ରହିବ କି ତୁମ୍ଭ ବାକ୍ୟ ଦ୍ୱାରା ଶିକ୍ଷା ପାଉଅଛୁ, ଉତ୍ସାହ କରୁଅଛୁ, ଉଧୀପନା ପାଉଅଛୁ, ତୁମ୍ଭକୁ ପ୍ରଶଂସା ! ପବିତ୍ରାତ୍ମା କପୋତ ! ତୁମ୍ଭେ ଆମ୍ଭ ମନ୍ଦିରରେ, ଆମ୍ଭ ହୃଦୟରେ ନିତ୍ୟ ନିବାସୀ ଭାବରେ ରହି, ଆମ୍ଭମାନଙ୍କୁ ଆଲୋକ କରି, ବୃଦ୍ଧି କରି, ରକ୍ଷାକର ବୋଲି ବିନତି କରୁଅଛି । ଏହିପରି କରିବ ବୋଲି ବିଶ୍ୱାସ କରୁଅଛି । ତୁମ୍ଭେ କାର୍ଯ୍ୟ ନକଲେ । ଯେ କୌଣସି କାର୍ଯ୍ୟ ହେଇପାରିବ ନାହିଁ । ତେଣୁ ତୁମ୍ଭ ବାକ୍ୟ ସହିତ, ବାପ୍ତିସ୍ମ ସହିତ, ପ୍ରଭୁ ଭୋଜନ ସଂସ୍କାର ସହିତ, ମଣ୍ଡଳୀ କାର୍ଯ୍ୟ କରୁ କରୁ, ମଣ୍ଡଳୀକୁ ମନ୍ଦିରରେ ବାସ କରାନ୍ତୁ ବୋଲି ତୁମ୍ଭକୁ ବିନତି କରୁଅଛୁ । ତୁମ୍ଭ ଆତ୍ମା ବୃଷ୍ଟି ନିମନ୍ତେ ଅନେକ ଲୋକ ଏହି କାଳରେ ମଧ୍ୟ ଆନନ୍ଦ କରିବା, ପ୍ରାର୍ଥନା କରିବା, ଅପେକ୍ଷା କରିବା, ଏହିପରି କାର୍ଯ୍ୟ କରିବା ଦ୍ୱାରା ଅନେକ ଅପମାନ ସହି ରହିବା, ତୁମ୍ଭ ସହାୟ କାର୍ଯ୍ୟ ବୋଲି ଚିନ୍ତା କରି ଆନନ୍ଦ କରୁ କରୁ, ତୁମ୍ଭକୁ ପ୍ରଶଂସା କରୁଅଛୁ । ହେ ଆତ୍ମା ନିବାସୀ ହୋଇଥିବା

Bible Mission HQ Guntur

ଆତ୍ମା ! ଆତ୍ମାରେ ପବିତ୍ରାତ୍ମା ବାପ୍ତିସ୍ମ ବୋଲି ମନ ପକାଉଥିବା ବେଳେ ଏହି କାର୍ଯ୍ୟ ବହୁତ ଶୀଘ୍ର ସଫଳ କର । ପ୍ରଭୁ ଯୀଶୁଙ୍କ ଦ୍ୱିତୀୟ ଆଗମନ ଅତି ନିକଟସ୍ଥ ଅଛି ବୋଲି ଏହି କାଳରେ, ତୁମ୍ଭ ବାପ୍ତିସ୍ମ କାଳକୁ ସମ୍ପୂର୍ଣ୍ଣ ଭାବରେ ହେବାକୁ ଦିଅ । ସେତେବେଳେ ତୁମ୍ଭ ଆଗମନକୁ ବଧୂ ରୂପେ ପ୍ରସ୍ତୁତ ହେଇପାରିବୁ । ଏହି ଅନୁଗ୍ରହ ତୁମ୍ଭ ବିଶ୍ୱାସ ଜଣମଣ୍ଡଳୀକୁ ଉପକାର ହେବ ବୋଲି ବିଶ୍ୱାସ କରି ପ୍ରଶଂସା କରୁଅଛୁ ।

ହେ ତ୍ରିଏକ ଈଶ୍ୱର ! ପିତା ! ତୁମ୍ଭ ବାସସ୍ଥାନ ପାଇଁ ପ୍ରେରଣ ଯୋଗୁଁ ନିର୍ମାଣ କରିଥିବା ଏହି ସ୍ତୁତି ମନ୍ଦିରରେ ବାରଂବାର, ଅଧିକ ଭାବରେ ତୁମ୍ଭକୁ ଆମ ଆତ୍ମ କରିବା ସ୍ତୁତି ପ୍ରଶଂସା ଆପଣ ପାଇ ଆମ୍ଭକୁ ଆଶୀର୍ବାଦ କରନ୍ତୁ । ବାପ୍ତିସ୍ମ କାଳରେ କରିବା ପ୍ରତିଜ୍ଞା, ପ୍ରାର୍ଥନା ଶେଷ ପର୍ଯ୍ୟନ୍ତ ସ୍ଥିର କରିପାରିବା ଶକ୍ତି ସ୍ଥାନୀୟ ଲୋକମାନଙ୍କୁ ଦୟା କର । ବାପ୍ତିସ୍ମ ଦ୍ୱାରା ତୁମ୍ଭକୁ, ଆମ୍ଭକୁ, ପିତା, ସନ୍ତାନ କ୍ରମ ଆୟୋଜନ ହେଇଅଛି ବୋଲି, ବାହ୍ୟ ମଣ୍ଡଳୀ ପ୍ରବେଶ ହେଲା ବୋଲି ତୁମ୍ଭ ବାକ୍ୟ ପ୍ରବେଶ ପ୍ରାପ୍ତ ହେଲା ବୋଲି, ପ୍ରଥମ ଥର ଆନନ୍ଦ କରିବା ମହିମା ହେବା ସୋପାନ ଦୟା କର । ଆହୁରି ସଂସ୍କାର ଭୋଜନ ସମୟରେ ଶ୍ରେଷ୍ଠ ଆଚାର ଗୁଡ଼ିକ, ଗୀତ, ଉପଦେଶ, ଆମ୍ଭମାନଙ୍କ ଆତ୍ମୀୟ ବୃଦ୍ଧି ନିମନ୍ତେ, ତୁମ୍ଭ ସମ୍ମାନ ନିମନ୍ତେ ସମ୍ଭବ ହେବା ପରି ଆଶୀର୍ବାଦ କର । ହେ ପ୍ରଭୁ ! ଆମ୍ଭେ ଏହି ମନ୍ଦିର ଛାଡ଼ି, ସର୍ବଦା ସଦାପ୍ରଭୁଙ୍କ ଗୃହରେ ବାସ କରିବି । ବାକ୍ୟର୍ଥ କେଉଁଠି ସମ୍ପୂର୍ଣ୍ଣ ଭାବରେ ଦେଖି ପାରିବ, ସେ ସ୍ୱର୍ଗ ମନ୍ଦିର ଭିତରେ ପ୍ରବେଶ କରିବା ପର୍ଯ୍ୟନ୍ତ, ସେହି ମନ୍ଦିରର ଲାବନ୍ୟ ଏହି

ମନ୍ଦିରକୁ ପୂର୍ବେ ଅନୁଭବ କରିବାକୁ ଦୟାକର । ଏହି ଆତ୍ମମାନଙ୍କ ପ୍ରାର୍ଥନା, ସ୍ତୁତି, ପ୍ରଶଂସା ସବୁ ସଫଳିକୃତ ହେବାପରି ତୁମ୍ଭ ପ୍ରିୟ ପୁତ୍ର ବର ରୂପେ ଆସୁଥିବା ଆତ୍ମ ପରିତ୍ରାଣ କର୍ତ୍ତା ହେଇଥିବା ଖ୍ରୀଷ୍ଟ ଯୀଶୁ ପ୍ରଭୁଙ୍କ ଦ୍ୱାରା ବିନତି କରୁଅଛୁ । ଆମେନ୍ ।

**ଗୀତ :** ଦାନ ସଂଗ୍ରହ, ମଣ୍ଡଳୀ ଗୁରୁଜନ କରିବେ ।

**ଦାନ ପାଇଁ ପ୍ରାର୍ଥନା :** ସ୍ଥାନୀୟ ମଣ୍ଡଳୀ ପାଳକ ।

**ବିବରଣୀ ସମର୍ପଣ କରିବା :** କାର୍ଯ୍ୟ ନିର୍ବାହକ ମାନେ ।

**ଧନ୍ୟବାଦ ଅର୍ପଣ :**

**ଶେଷ ପ୍ରାର୍ଥନା :** ପ୍ରଭୁ ପ୍ରାର୍ଥନା, ଆଶୀର୍ବାଦ ।

--୪୦୪--

# ବିବାହ ଆରାଧାନା

## (ବିବାହ ଦିନକୁ ପୂର୍ବରେ ତିନିଟା ଘୋଷଣା ମନ୍ଦିରରେ କରିବାର ଅଛି)

ଗ୍ରାମର ନାମ...ଥିବା, ବରର ନାମ....ଙ୍କ, .....ଥିବା, ବଧୁ ନାମ....ଙ୍କ, ବିବାହ ଘୋଷଣା କରୁଅଛି । ଏମାନେ ଦୁଇ ଜଣ ବିବହା କରିପାରିବେ ନାହିଁ ବୋଲି କୌଣସି କାରଣ ନ୍ୟାୟଯୁକ୍ତ ପ୍ରତିରୋଧ ଯଦି ଥିଲେ, ଆପଣମାନଙ୍କ ମଧ୍ୟରେ କେହି ଯଦି ଜାଣିଥିଲେ ତାହା ପ୍ରକାଶ କରିବାର ଅଛି ।

(୧) ବିବାହ କରିବାକୁ ଚାହୁଁଥିବା ମାନଙ୍କ ଜୀବନ ପବିତ୍ର ବାକ୍ୟାନୁସାରେ ରହିବ । (୨) ରାଜ୍ୟ, ମଣ୍ଡଳୀ, ଶାସନ ସବୁ ସମ୍ଭାବନା ରହିବ । (୩) ବଧୁ, ବରମାନେ ଯୁବା ବୟସରେ ରହିବା, (୪) ବିବାହା କାର୍ଯ୍ୟକ୍ରମ ଗୀର୍ଜାରେ କରିବାର ଅଛି । ଆବଶ୍ୟକତା ଯୋଗୁଁ ଅନ୍ୟ ଜାଗାରେ କରାଇପାରିବେ ।

# ବିବାହ କାର୍ଯ୍ୟକ୍ରମ

ବର ପ୍ରଥମେ ଗୀର୍ଜାକୁ ଯାଇ, ନିୟମିତ ସ୍ଥାନରେ ବସିବାର ଅଛି । ତାହା ପରେ ବଧୁ ପ୍ରବେଶ କଲାବେଳେ ଗୀତ ଗାଇବାର ଅଛି । ମଣ୍ଡଳୀ ଉଠି ଛିଡ଼ା ହେବେ ।

ପାଳକ ଏହି ତଳେ ଲିଖିତ ଆଶୀର୍ବାଦ କହିବାର ଅଛି ।

ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ ନାମରେ ଅନୁଗ୍ରହ ଶାନ୍ତି ତୁମ୍ଭ ପ୍ରତି ହେଉ ! ଆମେନ୍ ।

ମଣ୍ଡଳୀ ଠିଆ ହୋଇ ରହିଲାବେଳେ, କୌଣସି ଗୋଟିଏ ବାକ୍ୟ ପଢ଼ିବାର ଅଛି । (ଗୀତ ସଂହିତା ୩୭:୩-୭, ୬୭ ଅଧ୍ୟାୟ । ବା ୧୨୮ ଅଧ୍ୟାୟ ।)

## ସ୍ତୁତି ପ୍ରାର୍ଥନା

ତ୍ରିଏକ ଈଶ୍ୱର ହୋଇଥିବା ପିତା ! ତୁମ୍ଭ ଉତ୍ତମ ଗୁଣ ନିମନ୍ତେ ଧନ୍ୟବାଦ । ମନୁଷ୍ୟ ନିମନ୍ତେ ସମସ୍ତ ଦାନ ଗୁଡ଼ିକ ଥିବା ସର୍ବ ସୃଷ୍ଟିକୁ ସୃଷ୍ଟି କରିଥିବା ତୁମ୍ଭକୁ ପ୍ରଶଂସା । ମନୁଷ୍ୟକୁ ତୁମ୍ଭ ପ୍ରତିମୂର୍ତ୍ତିରେ, ତୁମ୍ଭ ସଦୃଶ୍ୟରେ କରିଥିବା ପିତା ! ତୁମ୍ଭକୁ ପ୍ରଶଂସା । କାନା ବିବାହକୁ ନିମନ୍ତ୍ରଣ କରାଯାଇ ଜଳକୁ ଦ୍ରାକ୍ଷାରସ ରୂପେ କରିଥିବା ପୁତ୍ର ହୋଇଥିବା ପିତା ! ତୁମ୍ଭକୁ ପ୍ରଣାମ । ବିବାହ ବର ରୂପେ ଆସୁଥିବା ଖ୍ରୀଷ୍ଟ ପ୍ରଭୁଙ୍କ ଭୂଲୋକ ମଣ୍ଡଳୀ ବଧୁଙ୍କୁ ପ୍ରସ୍ତୁତ କରି ମହିମା ମେଘ ଭିତରକୁ ଘେନିଯାଇ ପ୍ରଭୁଙ୍କୁ ଯୋଡ଼ି କରିବା ପବିତ୍ରାତ୍ମା ପିତା ! ତୁମ୍ଭକୁ ସଂସ୍ତୁତି । ଆପଣ, ସ୍ୱର୍ଗୀୟ ଦୂତମାନେ, ପବିତ୍ରମାନେ, ଏହି ବିବାହ ମଧ୍ୟକୁ ଆସି, ନୂତନ ଭାବରେ ଯୋଡ଼ି ହୋଉଥିବା ଏହି ବଧୂବର ମାନଙ୍କୁ ଆଶୀର୍ବାଦ କରିବା ପାଇଁ ପ୍ରାର୍ଥନା କରୁଅଛୁ । ଆମେନ୍ ।

## ବିବାହ ଗୀତ

୧) ପୁରାତନ ନିୟମ ପାଠ : ଆଦି ପୁସ୍ତକ ୨:୧୮-୨୪

୨) ନୂତନ ନିୟମ ପାଠ : ଯୋହାନ ୨:୧-୧

୩) ପତ୍ରିକା ପାଠ : ପ୍ରକାଶିତ ୧୯:୬-୯

Bible Mission HQ Guntur

# ପ୍ରାର୍ଥନା

ତ୍ରିଏକ ହୋଇଥିବା ପିତା ! ତୁମ୍ଭ ଆଶୀର୍ବାଦ ଭୂମି ଉପରେ ହେଉଥିବା ସବୁ ବିବାହ ଉପରେ ଅଛି । ତେଣୁ ଧନ୍ୟବାଦ । ତୁମ୍ଭେ ବିବାହକୁ ଆୟୋଜନ କରିଥିବା ବେଳେ ତାହା ପୂର୍ବରେ ଚରିତ୍ର, ବୃତ୍ତାନ୍ତ ନାହିଁ । ତୁମ୍ଭ ବିଶାଲ ପ୍ରେମ ଯୋଗୁଁ ଦୁଇଜଣ ଜଣେ ଭାବରେ, ଜଣେ ଦୁଇଜଣ ଭାବରେ ଜୀବନ ଯାପନ କରୁ କରୁ । ଜଣଙ୍କଠାରେ ଜଣକୁ ଦେଖୁ ଦେଖୁ, ସେମାନଙ୍କଠାରେ ତୁମ୍ଭ ସ୍ୱରୂପକୁ ସୃଷ୍ଟିକୁ ପ୍ରକାଶ କରିବା ଶାସକମାନେ ହୋଇ ପରିଚାଳନା କରିବା ପାଇଁ ତୁମ୍ଭେ ମନୋନିତ କରିଥିବାରୁ ବିବାହ ସବୁ ବିଷୟରେ କରିବା ପାଇଁ ତୁମ୍ଭେ ମନୋନିତ କରିଥିବାରୁ ବିବାହ ସବୁ ବିଷୟରେ ମହାନ ଅଟେ ତେଣୁ ଧନ୍ୟବାଦ ।

ସାରା ଜଗତରେ ହେଉଥିବା ବିବାହଠାରୁ ତୁମ୍ଭେ ଉପସ୍ଥିତ ରହିଅଛି । କାହିଁକି ମାନେ ସମସ୍ତେ ତୁମ୍ଭକୁ ପ୍ରିୟ ଅଟନ୍ତି । ମନୁଷ୍ୟମାନେ ତୁମ୍ଭଠାରୁ ଅଲଗା ହୋଇଅଛନ୍ତି ମାତ୍ର ତୁମ୍ଭେ କେବେ ମଧ୍ୟ ସେମାନଙ୍କ ଠାରୁ ଅଲଗା ନାହିଁ । ତୁମ୍ଭେ ଦୟାମୟ ଅଟ । ସେଥିପାଇଁ ମନୁଷ୍ୟମାନଙ୍କୁ ଚଳାଇବା ଈଶ୍ୱର ଅଟ । ମନୁଷ୍ୟଠାରେ ଭୁଲ ଥିଲେ ମଧ୍ୟ, ତୁମ୍ଭ ପ୍ରେମରେ ଭୁଲ ନାହିଁ ତେଣୁ ଧନ୍ୟବାଦ । ଆଦି ଦମ୍ପତିମାନେ କିପରି ମହାନ ଶାସନକର୍ତ୍ତା ମାନଙ୍କ ପରି କରିବାକୁ ଉଦ୍ଦେଶ୍ୟ କରିଥିଲ ସେହି ମହାନ ଶାସନକର୍ତ୍ତାମାନଙ୍କ ପରି କରିବାକୁ ଉଦ୍ଦେଶ୍ୟ କରିଥିଲ ସେହି ମହାନ କାର୍ଯ୍ୟକୁ ଖ୍ରୀଷ୍ଟ ସ୍ୱରୂପରେ ଥିବା ବଧୂ ମଣ୍ଡଳୀ ସହିତ ପ୍ରଭୁ ଖ୍ରୀଷ୍ଟ ଆସି, ହଜାର

ବର୍ଷ ପାଳନ ସମୟରେ ତାହାକୁ ପ୍ରକାଶ କରିବ । ତେଣୁ ଧନ୍ୟବାଦ । ଏହି ବିବାହ କାର୍ଯ୍ୟକ୍ରମ ତୁମ୍ଭ ମହିମା ପାଇଁ, ଏହି ବଧୁବର ମାନଙ୍କ ମଙ୍ଗଳ ନିମନ୍ତେ ଏହି ସ୍ଥାନରେ ଉପସ୍ଥିତ ସମସ୍ତଙ୍କ ଆଶୀର୍ବାଦ ନିମନ୍ତେ, ହେବାକୁ ଦିଅ ବୋଲି ଶୀଘ୍ର ଆସୁଥିବା ଖ୍ରୀଷ୍ଟ ପ୍ରଭୁଙ୍କ ଦ୍ୱାରା ବିନତି କରୁଅଛୁ । ଆମେନ୍ ।

## ଉପଦେଶ

(ପୁରୁଷକୁ ବାମ ଆଡ଼େ ସ୍ତ୍ରୀ ଠିଆ ହୋଇ ରହିଲାବେଳେ ଗୁରୁ ଏହିପରି କହିବାର ଅଛି ।)

**ଉପଦେଶକ :** ଅତି ପ୍ରିୟମାନେ ! ଏହି ସ୍ତ୍ରୀ ପୁରୁଷ ମାନଙ୍କୁ ପବିତ୍ର ବିବାହ କରିବାକୁ ଈଶ୍ୱରଙ୍କ ସମ୍ମୁଖରେ । ଏହି ସଭା ନିକଟରେ ଆମ୍ଭେମାନେ ଏକତ୍ର ହୋଇଅଛୁ । ବିବାହ ବୋଲି କାର୍ଯ୍ୟ ଈଶ୍ୱର ନିଜେ ନିଯୁକ୍ତ କରିଥିବା ମହାନ ସ୍ଥିତି ହୋଇଅଛି । ଈଶ୍ୱର ନିଜେ ଆଦମକୁ ସୃଷ୍ଟି କରି ଖଣ୍ଡେ ପଞ୍ଜରାକୁ ନେଇ ହବାକୁ କରି ଭାର୍ଯ୍ୟା ଭାବରେ ଦେଇଥିବା ଦ୍ୱାରା, ଆଦି ଦମ୍ପତିମାନେ ପତନ ସମୟରେ ସ୍ତ୍ରୀ ସନ୍ତାନଠାରେ ଜଗତକୁ ପରିତ୍ରାଣ କର୍ତ୍ତା ରୂପେ ଜନ୍ମ ଗ୍ରହଣ କରିବେ ବୋଲି ପ୍ରତିଜ୍ଞା କରାଯାଇଥିବା ଖ୍ରୀଷ୍ଟପ୍ରଭୁ ଆସି, କାନା ବିବାହରେ ଜଳକୁ ଦାକ୍ଷାରସ କରିଥିବା ପ୍ରଥମ ଆଶ୍ଚର୍ଯ୍ୟ ।

କ୍ରିୟା ଦ୍ୱାରା, ଖ୍ରୀଷ୍ଟୀୟ ମଣ୍ଡଳୀକୁ ପବିତ୍ରାତ୍ମା ବଧୁ ରୂପେ ପ୍ରସ୍ତୁତ କରି ବର ହୋଇଥିବା ଖ୍ରୀଷ୍ଟ ପ୍ରଭୁଙ୍କ ସହିତ ଏକ କରିବା ପାଇଁ ମଧ୍ୟ ଆକାଶ ଭିତରକୁ ନେଇଯାଉଥିବା ଦ୍ୱାରା ଖ୍ରୀଷ୍ଟଙ୍କୁ, ତାହାଙ୍କ ମଣ୍ଡଳୀକୁ ମଧ୍ୟରେ ଥିବା ଏକ ଗୁପ୍ତ ଏକତା ଏହି ବିବାହକୁ

ସୂଚନା ଭାବରେ ଅଛି । ସେଥିପାଇଁ ଏହି ବିବାହ ସେ ପବିତ୍ରମୟ ସ୍ଥିତିକୁ ସଜ୍ଜିତ କରୁଅଛି । ଆହୁରି ଏହା ମହାନ ବିଷୟ ରୂପେ ମନୋନୀତ କରିପାରିବ ବୋଲି ପବିତ୍ର ବାକ୍ୟ ପ୍ରଶଂସା କରୁଅଛି । ସେଥିପାଇଁ ଏହାକୁ କେହି ମଧ୍ୟ କୁଦୃଷ୍ଟିରେ ଦେଖିବା, ଆଲୋଚନା ନଥାଇ, ଏହି କାର୍ଯ୍ୟ କରିପାରିବ ନାହିଁ । ବିବାହ ଆୟୋଜନ ହେଇଥିବା ଉଦ୍ଦେଶ୍ୟ ଅନୁସାରେ ଆଲୋଚନା କରି ଭକ୍ତି ବିନୟର ସହିତ, ବିବେକରେ, ସୁବୁଦ୍ଧିରେ, ଈଶ୍ୱରଙ୍କ ଭୟରେ ଏହାକୁ କରିବାର ଅଛି ।

## ବିବାହ ଉଦ୍ଦେଶ୍ୟ କ'ଣ ମାନେ

୧. ଈଶ୍ୱର - ତୁମ୍ଭେମାନେ ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି, ପୃଥିବୀକୁ ପରିପୂର୍ଣ୍ଣ କରି ବଶୀଭୂତ କର, ବୋଲି ଆଶୀର୍ବାଦ କରିବା ଦ୍ୱାରା ପରିବାର ଭାବରେ ଆୟୋଜନ କରାଯାଇ ସନ୍ତାନମାନଙ୍କୁ ପାଇ ସେମାନଙ୍କୁ ଈଶ୍ୱରଙ୍କ ମହିମାର୍ଥେ ଆମ୍ଭ ପ୍ରଭୁ ହେଇଥିବା ଖ୍ରୀଷ୍ଟଯୀଶୁଙ୍କ ଠାରେ ପ୍ରେମ ଜ୍ଞାନଠାରେ, ବଢ଼ାଇବା ପରି ବିବାହ ଆୟୋଜନ ହେଇଅଛି ।

୨. ବିବାହ ପାଇଁ ଥିବା ଚିନ୍ତା ନରମାନଙ୍କ ମଧ୍ୟରେ ସହଜ ଚିନ୍ତା ଭାବରେ ଦେଖାଯାଉଅଛି । ଏହା ବାଇବଲରେ ବାକ୍ୟନୁସାରେ ଅଛି । ପାପ ଦ୍ୱାରା ବିବାହକୁ କିଛି କାଳ ପର୍ଯ୍ୟନ୍ତ ଭଙ୍ଗ ହେଲେ ମଧ୍ୟ, ଗୌରବ ବୁଦ୍ଧି ହଟାଇ ନାହିଁ । ଏହିପରି ଗୌରବ ବୁଦ୍ଧି ପାଇଥିବା ଯୋଗୁଁ ଏହା ଆୟୋଜନ ହେଇଅଛି ।

୩. ଜଣଙ୍କ ଠାରୁ ଦୁଇଜଣ ରହିବା ମଙ୍ଗଳ, ବଳ ହେଇଅଛି । ଶରୀର ଆତ୍ମା ବିଷୟରେ ଏକତ୍ର ହୋଇ, ପରସ୍ପରକୁ ସହବର୍ତ୍ତୀ ହେଇ ଗୋଟିଏ ଆରାଧାନ, ଗୋଟିଏ ବିଶ୍ୱାସ, ଗୋଟିଏ ଭରସା ପାଇଁ ଆନନ୍ଦରେ ଜୀବନ ଜାପନ କରିବା ନିମନ୍ତେ, ଈଶ୍ୱର ତାହାଙ୍କ ଅନୁଗ୍ରହ ପ୍ରକାର ନିୟମିତ କରିବା ଯୋଗୁଁ ଏହା ଆୟୋଜନ ହେଇଅଛି ।

## ବିବାହ

ଉପଦେଶକ : ଈଶ୍ୱରଙ୍କ ଉପସ୍ଥିତିରେ ଠିଆ ହେଇଥିବା ଏମାନେ ଦୁଇଜଣ ପବିତ୍ର ସ୍ଥିତିରେ ଯୋଡ଼ି ହେବା ନିମନ୍ତେ ଆସିଅଛନ୍ତି । ସେଥିପାଇଁ ଏହି ସ୍ଥାନରେ ଉପସ୍ଥିତ ମାନଙ୍କ ମଧ୍ୟରେ ଏମାନେ ବିବାହ କରିପାରିବ ନାହିଁ ବୋଲି ନ୍ୟାୟଯୁକ୍ତ ହେଇଥିବା କାରଣ ଯଦି ଜାଣିଥିଲେ ତାହାକୁ ଏବେ ପ୍ରକାଶ କରିବାର ଅଛି । ଯଦି କିଛି ନଥିଲେ ଏହା ପରେ ସଦାବେଳେ ନିରବ ରହିବାର ଅଛି ।

(ଆପତ୍ତି ନଥିଲେ, ଗୁରୁ ବିବାହ କରିବାକୁ ଚାହୁଁଥିବା ମାନଙ୍କ ସହିତ ଏହିପରି କହିବାର ଅଛି ।)

**ଉପଦେଶକ :** ଈଶ୍ୱରଙ୍କ ନିର୍ଣ୍ଣୟ ଯୋଗୁଁ, ମଣ୍ଡଳୀଧର୍ମ ଅନୁସରଣ କରି, ବିବାହ କରିବାକୁ ଆସିଥିବା ତୁମ୍ଭମାନଙ୍କୁ ଏହି ବିବାହ ଦ୍ୱାରା ଯୋଡ଼ି ହେଇପାରିବ ନାହିଁ ବୋଲି ହେତୁ କ'ଣ ତୁମ୍ଭମାନଙ୍କ ମଧ୍ୟରେ କାହାକୁ ଯଦି ଜାଣିଥିଲେ, ତାହାକୁ ଏବେ ସ୍ୱୀକାର କରିବାରଚି ବୋଲି ହୃଦୟ ରହସ୍ୟ ସବୁ ଜାଣିଥିବା ସର୍ବଶକ୍ତିମାନ ହେଇଥିବା ଈଶ୍ୱରଙ୍କ ଉପସ୍ଥିତିରେ ତୁମ୍ଭମାନଙ୍କୁ ଦୃଢ଼

ଭାବରେ ଆଜ୍ଞା ଦେଉଅଛି । କାହିଁକି ମାନେ ଈଶ୍ୱରଙ୍କ ବାକ୍ୟ ପ୍ରକାର ନଥାଇ ଅଲଗା ପ୍ରକାର ଭାବରେ କେହି ହେଲେ ଯୋଡ଼ି ହେଲେ ମଧ୍ୟ, ସେହିପରି ବିବାହ ଈଶ୍ୱରଙ୍କ ଆଶୀର୍ବାଦ ପାଇପାରିବେ ନାହିଁ ବୋଲି ଭଲ ଭାବରେ ଜାଣିବାର ଅଛି ।

# ପ୍ରାର୍ଥନା

ସର୍ବଶକ୍ତିମାନ, ସଦାକାଳ ମହିମାନ୍ୱିତ ହେଇ ରହିଥିବା ପରମେଶ୍ୱର ! ସବୁ ଆଶୀର୍ବାଦକୁ ଦାତା ! ସକଳ କାଳଠାରେ ସମସ୍ତ ମନୁଷ୍ୟ ମାନଙ୍କ ଦ୍ୱାରା ସ୍ତୁତି, ପ୍ରଶଂସା ପାଇପାରିବା ଈଶ୍ୱର ! ଏହି ବିବାହ ସମୟରେ ତୁମ୍ଭ ପ୍ରସନ୍ନତାକୁ ଆମ୍ଭମାନଙ୍କୁ ପ୍ରଦାନ କରି, ବିବାହ କରୁଥିବା ଏମାନେ ଦୁଇଜଣ ଉପରେ ତୁମ୍ଭ ଅନୁଗ୍ରହ ଦାନ ଗୁଡ଼ିକ ସବୁ ଦୃଷ୍ଟି କର । ଏହି ନିର୍ଣ୍ଣୟାନୁସାରେ ଏମାନେ ଦୁଇଜଣ ପବିତ୍ର ବିବାହରେ ପ୍ରବେଶ କରୁଥିବା ବେଳେ, ଗୋଟିଏ ନୂତନ ପରିବାର ଭାବରେ ଏମାନେ ଦୁଇଜଣକୁ ତୁମ୍ଭ ଆତ୍ମା ଦ୍ୱାରା ପ୍ରତିଷ୍ଠା କରି, ତୁମ୍ଭ ମହିମାର୍ଥେ ଶୋଭୟମାନରେ ଖ୍ରୀଷ୍ଟୀୟ ଜୀବନଠାରେ ଚଳାନ୍ତୁ ! ତୁମ ଦେଉଥିବା ସକଳ ସୁଖ ସୌଖ୍ୟକୁ କୃତଜ୍ଞତାରେ ଶ୍ରମରେ ସହନ ପାଇ ସାଂସାରିକ ଜୀବନକୁ କ୍ରମ ଭାବରେ ଚଳାଇବାକୁ, ତୁମ୍ଭ ଚାଳନକୁ, ତୁମ୍ଭ ସାନ୍ତ୍ୱନାକୁ ପ୍ରଦାନ କର ବୋଲି ଶୀଘ୍ର ଆସୁଥିବା ଖ୍ରୀଷ୍ଟ ନାମରେ ବିନତି କରୁଅଛୁ । ଆମେନ୍ ।

(ଗୁରୁ ପୁରୁଷକୁ ଏହିପରି ପଚାରିବାର ଅଛି)

**ଉପଦେଶକ :** ବରର ନାମ ......... ଈଶ୍ୱରଙ୍କ ନିର୍ଣ୍ଣୟାନୁସାରେ ପବିତ୍ର ବିବାହ ସ୍ଥିତିରେ ଏକତ୍ର ହେବାକୁ ଏହି ସ୍ତ୍ରୀକୁ ସ୍ୱୀକାର କରିବ

କି ? ଏହାକୁ ପ୍ରେମ କରି ସାନ୍ତ୍ୱନା ଦେଇ, ସୁଖ ଦୁଃଖରେ ରକ୍ଷା କରି ତୁମ୍ଭ ଜୀବନ କାଳ ସବୁ ଏହାକୁ ପ୍ରତି ଆସକ୍ତ ରହିବ କି ?

**ପୁରୁଷ :** ରହିବି ।

(ଗୁରୁ ସ୍ତ୍ରୀକୁ ଏହିପରି ପଚାରିବାର ଅଛି)

**ଉପଦେଶକ :** (ବଧୂ ନାମ)............ଈଶ୍ୱରଙ୍କ ନିର୍ଣ୍ଣୟାନୁସାରେ ପବିତ୍ର ବିବାହ ସ୍ଥିତିରେ ଏକତ୍ର ରହିବାକୁ ଏହି ପୁରୁଷକୁ ସ୍ୱୀକାର କରିବ କି ? ଏହାଙ୍କୁ ବଶୀଭୂତ ହେଇ, ପ୍ରେମ କରି ସାନ୍ତ୍ୱନା ଦେଇ, ସମ୍ମାନ ଦେଇ, ସୁଖଦୁଃଖରେ ରକ୍ଷାକରି ଜୀବିତ କାଳ ସବୁ ଏହାକୁ ପ୍ରତି ଆସକ୍ତ ରହିବ କି ?

**ସ୍ତ୍ରୀ :** ରହିବି

(ଗୁରୁ ଏହିପରି କହିବାର ଅଛି)

ବିବାହ କରିବାକୁ ଏହି ସ୍ତ୍ରୀକୁ, ପୁରୁଷକୁ ଦେବା ଲୋକ କିଏ ?

(ସେହି ସ୍ତ୍ରୀକୁ ବିବାହାର୍ଥେ ଦେବା ପିତା, କିମ୍ବା ପୋଷାକ ତାହାର ଦକ୍ଷିଣ ହସ୍ତକୁ ବରଙ୍କ ଦକ୍ଷିଣ ହସ୍ତକୁ ସମର୍ପଣ କରିବାର ଅଛି)

**ପୁରୁଷ :** (ଗୁରୁ ପଛରେ କହିବାର ଅଛି) ......... ବୋଲି ମୁଁ, ............ ବୋଲି ତୁମକୁ ମୋ ସାରା ଜୀବନ କାଳରେ ଈଶ୍ୱରଙ୍କ ପବିତ୍ର ନିର୍ଣ୍ଣୟାନୁସାରେ ମଙ୍ଗଳ ହେଲେ ମଧ୍ୟ, କ୍ଷତି ହେଲେ ମଧ୍ୟ, ସମ୍ପନ୍ନ ସମୟରେ, ଅଭାବ ସମୟରେ, ଆରୋଗ୍ୟରେ, ଦୁର୍ବଳ ସମୟରେ, ତୁମ୍ଭକୁ ପ୍ରେମ କରି ସଂରକ୍ଷଣ କରିବା ପାଇଁ ମୋ ଭାର୍ଯ୍ୟା

ରୂପେ ତୁମକୁ ବିବାହ କରୁଅଛି । ଏହିପରି କରିବି ବୋଲି ପ୍ରତିଜ୍ଞା କରୁଅଛି ।

(ସେମାନେ ହାତ ଛାଡ଼ି ଦେଲାପରେ, ସ୍ତ୍ରୀ ତାହାର ଦକ୍ଷିଣ ହସ୍ତ ସହିତ ପୁରୁଷର ଦକ୍ଷିଣ ହସ୍ତ ଧରି ଗୁରୁ ପଛରେ କହିବାର ଅଛି)

**ସ୍ତ୍ରୀ :** ..................ବୋଲି ମୁଁ, ........... ବକି ତୁମକୁ ମୋ ସାରା ଜୀବନ କାଳରେ ସବୁ ଈଶ୍ୱରଙ୍କ ପବିତ୍ର ନିର୍ଣ୍ଣୟାନୁସାରେ ମଙ୍ଗଳ ହେଲେ ମଧ୍ୟ, କ୍ଷତି ହେଲେ ମଧ୍ୟ, ସମ୍ପନ୍ନ ସମୟରେ, ଅଭାବ ସମୟରେ, ଆରୋଗ୍ୟରେ, ଦୁର୍ବଳ ସମୟରେ, ତୁମ୍ଭକୁ ପ୍ରେମ କରି ସଂରକ୍ଷଣ କରିବା ପାଇଁ ମୋ ଭାର୍ଯ୍ୟା ରୂପେ ତୁମକୁ ବିବାହ କରୁଅଛି । ଏହିପରି କରିବି ବୋଲି ପ୍ରତିଜ୍ଞା କରୁଅଛି ।

(ସମସ୍ତେ ଠିଆ ହୋଇ ଗୀତ ଗାଇବାର ଅଛି)

(ଗୁରୁ ମଙ୍ଗଳ ସୂତ୍ରକୁ ବା ମୁଦ୍ରିକୁ ନେଇ ପ୍ରାର୍ଥନା କରିବାର ଅଛି)

## ପ୍ରାର୍ଥନା

**ଉପଦେଶକ :** ପବିତ୍ର ହୋଇଥିବା ପିତା ! ଉପର ଅଳଙ୍କାର ଭାବରେ ଥିବା ଏହି ମଙ୍ଗଳ ସୂତ୍ର (ମୁଦ୍ରି) ଖ୍ରୀଷ୍ଟଙ୍କ ଦ୍ୱାରା ହେବା ନୀତି ଆଚରଣ ଅଳଙ୍କାର ପାଇ, ସେମାନଙ୍କ ଜୀବନ ସଜ୍ଜିତ ହୋଇ, ସେମାନେ କରିବା ସମ୍ମତ ସବୁ, ଆତ୍ମ ଆଜ୍ଞା ସବୁ ସଫଳ କରିବା ପାଇଁ, ସଦା ବେଳେ ସ୍ମରଣ କରିବା ସାଧନ ରୂପେ ରହିବା ପରି ଆଶୀର୍ବାଦ କର ବୋଲି ଶାସନ କରିବା ପାଇଁ ଅଳଙ୍କାର ହେଇଥିବା ବଧୂ ମଣ୍ଡଳୀ ସହିତ ଆସୁଥିବା ଖ୍ରୀଷ୍ଟ ନାମରେ ବିନତି କରୁଅଛି । ଅମେନ୍ ।

(ପୁରୁଷ ମଙ୍ଗଳ ସୂତ୍ରକୁ ସ୍ତ୍ରୀ ଗାଲରେ ବନ୍ଧିବା ବେଳେ ଏହିପରି କହିବାର ଅଛି ବା ମୁଦ୍ରି)

**ପୁରୁଷ :** ମୋ ସାରା ସମ୍ପତ୍ତିରେ ତୁମକୁ ଭାଗିଦାରୀ ରୂପେ କରି ସଦାବେଳେ ତୁମକୁ ପ୍ରେମ କରି ବିଶ୍ୱାସ ଯୋଗ୍ୟ ସ୍ୱାମୀ ରୂପେ ରହିବି ବୋଲି ପ୍ରତିଜ୍ଞାକୁ ସୂଚନା ଭାବରେ ଏହି ମଙ୍ଗଳସୂତ୍ରକୁ ପିତା, ପୁତ୍ର ଓ ପବିତ୍ରାତ୍ମାଙ୍କ ନାମରେ ବାନ୍ଧୁଅଛି । ଆମେନ୍ ।

**ସ୍ତ୍ରୀ :** ସ୍ୱୀକାର କରୁଅଛି ବୋଲି କହିବାର ଅଛି ।

(ପୁରୁଷ ସ୍ତ୍ରୀକୁ ହେଲେ, ସ୍ତ୍ରୀ ପୁରୁଷକୁ ହେଲେ, ମୁଦ୍ରିକୁ ପରିଧାନ କରିବା ବେଳେ ଏହିପରି କହିବାର ଅଛି ।)

ବିବାହ ସମ୍ବନ୍ଧ ପ୍ରେମକୁ, ବିଶ୍ୱାସକୁ ସୂଚନା ଭାବରେ, ଏହି ମୁଦ୍ରିକୁ ସ୍ୱୀକାର କର ।

(ବଧୂ, ବର ଆଣ୍ଠେଇବେ, ସଭା ଠିଆ ହେବ ଗୁରୁ ଏହିପରି ପ୍ରାର୍ଥନା କରିବାର ଅଛି ।)

**ଉପଦେଶକ :** ପ୍ରେମ ସ୍ୱରୂପୀ, କୃପାକାରୀ ହେଇଥିବା ହେ ପରମେଶ୍ୱର ! ସ୍ୱର୍ଗ ଓ ପୃଥିବୀରେ ସକଳ ପରିବାର ସମସ୍ତଙ୍କୁ ଏକ ପରିବାର ଭାବରେ ଡ଼ାକି, ପୋଷଣ କରି ଶାସନ କରୁଥିବା ପ୍ରଭୁ ! ଏମାନଙ୍କ ଉପରେ ତୁମ୍ଭ ପରିପୂର୍ଣ୍ଣ ଆଶୀର୍ବାଦ ବୃଷ୍ଟି କର ବୋଲି ଏମାନଙ୍କ ଦୁଇ ଜଣକୁ ଆବଶ୍ୟକ ସକଳ କୃପା ଦାନ କରିବା ନିମନ୍ତେ ଆବଶ୍ୟକ ଶୁଦ୍ଧ ପ୍ରେମରେ ଉନ୍ନତି ହେବାକୁ ଦୟା କର । ଆହୁରି ଏମାନେ ନୀତି ଶାନ୍ତିକୁ ଅନୁସରଣ କରି ସାରା ଜୀବନ କାଳରେ,

କୃତଜ୍ଞତା ସହିତ ତୁମକୁ ସେବା କରି ସକଳ ପ୍ରକାର ବୃଦ୍ଧି ପାଇବା ପାଇଁ ଏମାନଙ୍କୁ ଆଶୀର୍ବାଦ କର ବୋଲି ମହିମା ସ୍ୱରୂପୀ ହେଇଥିବା ପ୍ରଭୁ ଯୀଶୁଙ୍କ ନାମରେ ବିନତି କରୁଅଛି । ଆମେନ୍ ।

(ଗୁରୁ ସେମାନଙ୍କର ଦକ୍ଷିଣ ହସ୍ତକୁ ମିଶାଇ ଏହିପରି କହିବାର ଅଛି)

**ଉପଦେଶକ :** .......କୁ ..........କୁ ପବିତ୍ର ବିବାହକୁ ସମ୍ମତି କରି, ସେହି ବିଷୟ ଈଶ୍ୱରଙ୍କ ସମ୍ମୁଖରେ, ଏହି ସଭା ସମ୍ମୁଖରେ ପ୍ରକାଶ କରି ପରସ୍ପରକୁ ସେମାନଙ୍କ ପ୍ରତିଜ୍ଞା କରିଅଛନ୍ତି । ତେଣୁ ଈଶ୍ୱରଙ୍କ ନିର୍ଣ୍ଣୟ ଯୋଗୁଁ, ମଣ୍ଡଳୀ ଦ୍ୱାରା, ସରକାର ଦ୍ୱାରା, ମୋତେ ଦିଆଯାଇଥିବା ଅଧିକାର ଯୋଗୁଁ, ଏମାନେ ଦୁଇଜଣ ସ୍ୱାମୀ ସ୍ତ୍ରୀ ବୋଲି ପିତାଙ୍କ, ପୁତ୍ରଙ୍କ ପବିତ୍ରାତ୍ମାଙ୍କ ନାମରେ ଘୋଷଣା କରୁଅଛି ।

**ଉପଦେଶକ :** ଅତଏବ ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ଅଲଗା ନ କରୁ ।

## ପ୍ରର୍ଥନା

ମହିମା ରୂପୀ ହେଇଥିବା ପିତା ! ମହିମା ମେଘ ଉପରେ ଆସୁଥିବା ଆମ ପ୍ରିୟ ପ୍ରଭୁ ଆଗମନ ପାଇଁ ପ୍ରସ୍ତୁତ ହେଇ, ମେଘରେ ତାହାଙ୍କ ସହିତ ମିଶିବା ପାଇଁ ଏହି ବଧୁ ବରମାନେ ନିତ୍ୟ ତୁମ୍ଭ ଉପସ୍ଥିତିରେ ରହିବା ପରି ଆଶୀର୍ବାଦ କରନ୍ତୁ । ହେ ପ୍ରଭୁ ! ଏମାନେ ପରସ୍ପରକୁ କରିଥିବା ପ୍ରତିଜ୍ଞା ସବୁ ସଫଳ କରି, ପରସ୍ପରକୁ ପ୍ରେମ କରି, ତୁମ୍ଭ ପବିତ୍ର ପ୍ରେମରେ ପରିପୂର୍ଣ୍ଣ ହେବା ନିମନ୍ତେ ତୁମ୍ଭ ଆତ୍ମାରେ ପୂର୍ଣ୍ଣକରି, ତୁମ୍ଭ ଆଜ୍ଞାନୁସାରେ ବିଶ୍ୱାସରେ ଚାଲିପାରିବା ପରି, ତୁମ୍ଭ ମହିମା ସମ୍ପତ୍ତିରେ ଅଂଶୀ ହେବା ପାଇଁ ଅନୁଗ୍ରହ ଦୟାକର ବୋଲି, ବର

ରୂପେ ଆସୁଥିବା ପ୍ରଭୁ ଯୀଶୁ ଖ୍ରୀଷ୍ଟ ଦ୍ୱାରା ନିବେଦନ କରୁଅଛୁ । ଆମେନ୍ ।

(ବଧୂ ବରମାନେ, ଆଣ୍ଠୁ ପକାଇଥିବା ବେଳେ ଗୁରୁମାନେ ସମସ୍ତେ ସେମାନଙ୍କ ଉପରେ ହାତ ରଖି ଆଶୀର୍ବାଦ କରିବାର ଅଛି ।)

**ଆଶୀର୍ବାଦ :** ପବିତ୍ର ହେଇଥିବା ଈଶ୍ୱର, ମହିମାପୂର୍ଣ୍ଣ ପ୍ରଭୁ ହେଇଥିବା ଈଶ୍ୱର, ସମସ୍ତ ଅନୁଗ୍ରହ ଦାନକୁ ଦାତା ହେଇଥିବା ଈଶ୍ୱର, ଏହିଠାରେ ସର୍ବସମ୍ପତ୍ତି, ସ୍ୱର୍ଗରେ ମହିମାଭାଗ୍ୟକୁ ତୁମ୍ଭକୁ ଦୟା କରନ୍ତୁ ! ସବୁଠାରେ ବିବାହ ମହାନ ହେଇଅଛି ବୋଲି ଅଛି । ସେଥିପାଇଁ ଦମ୍ପତ୍ତିମାନଙ୍କ ପରିବାର ଜୀବନ ଈଶ୍ୱରଙ୍କ ଭକ୍ତି ପାଇ ମହାନ ରୂପେ ବୃଦ୍ଧି ପାଇବା ପରି ସର୍ବଶକ୍ତିମାନ ଈଶ୍ୱରଙ୍କ ଆଶୀର୍ବାଦ ତୁମ୍ଭମାନଙ୍କ ପ୍ରତି ହେଉ !

# ପ୍ରଭୁ ରାତ୍ରି ଭୋଜନ

**ଯୋହାନ :** *୬:୫୫-୫୭.*

ପ୍ରାର୍ଥନା ଜୀବିତ ଆହାର ହେଇଥିବା ପ୍ରଭୁ ! ତୁମ୍ଭ ପବିତ୍ର ଶରୀର ରକ୍ତକୁ ନେବା ଦ୍ୱାରା ହୋଉଥିବା ପାପ ପରିହାରକୁ, ସୁସ୍ଥତା କାର୍ଯ୍ୟକୁ ତୁମ୍ଭ ସହିତ ସୁପରିଚିତ ସହବାସକୁ, ତୁମ୍ଭ ସ୍ୱରୂପ ସୌନ୍ଦର୍ଯ୍ୟକୁ, ମାନବ ମରଣ, ମରଣ ପରି ନ ରହି ସ୍ୱର୍ଗକୁ ପଥ ହେଇରହିବ ସ୍ଥିତି, ସଜୀବ ଭାବରେ ଦ୍ୱିତୀୟ ଆଗମନରେ ଯିବା ଆଶୀର୍ବାଦ ଏମାନଙ୍କୁ ଦୟା କର । ଏହି ସଂସ୍କାର ପର୍ବରେ ଅଂଶୀ ହେବା ଅନୁଗ୍ରହ ଦୟାକର । ଆମେନ୍ ।

(ବଧୂ ବରମାନଙ୍କୁ ପ୍ରଭୁ ଶରୀର ରକ୍ତକୁ ଦେବାର ଅଛି)

Bible Mission HQ Guntur

# ଆଶୀର୍ବାଦ

ଏହି ବିବାହରେ ଅଂଶୀ ହେଇଥିବା ଏମାନେ, ତୁମ୍ଭ ଶରୀର ରକ୍ତର ପର୍ବରେ ଅଂଶୀ ହେଇ, ସ୍ୱର୍ଗରେ ହେବା ମେଷ ଶାବକଙ୍କ ବିବାହ ପର୍ବରେ ଅଂଶୀ ହେବା ପରି ଆଶୀର୍ବାଦ କର ।

ଆମ୍ଭ ପ୍ରଭୁ ହେଇଥିବା ଯୀଶୁଙ୍କ ପବିତ୍ର ଶରୀରକୁ, ତାହାଙ୍କ ବହୁମୂଲ୍ୟ ରକ୍ତକୁ, ତୁମ୍ଭମାନଙ୍କୁ ପବିତ୍ର କରି, ତାହାଙ୍କ ମହିମା ରୂପକୁ ତୁମ୍ଭକୁ ଦେଇ ଦ୍ୱିତୀୟ ଆଗମନକୁ, ଅନନ୍ତ ଜୀବନକୁ ତୁମ୍ଭମାନଙ୍କୁ ପ୍ରସ୍ତୁତ କରନ୍ତୁ ! ଆମେନ୍ ।

(ସମସ୍ତେ ଠିଆ ହେଇଥିବା ବେଳେ)

ପିତାଙ୍କ, ପୁତ୍ରଙ୍କ, ପବିତ୍ରାତ୍ମାଙ୍କ, ଆଦ୍ୟରେ, ବର୍ତ୍ତମାନ, ସଦାବେଳେ ଯୁଗେଯୁଗେଠାରେ ରହିବା ପାଇଁ ମହିମା ହେଉ ! ଆମେନ୍ ।

**ଉପଦେଶକ :** ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ ।

ତୁମ୍ଭ ବାକ୍ୟ ମୋତେ ସଚେତ କରିଅଛି । ଦୁଃଖ ସମୟରେ ଏହା ହିଁ ମୋହର ସାନ୍ତ୍ୱନା ।

**ଉପଦେଶକ :** ପ୍ରଭୁ ତୁମ୍ଭମାନଙ୍କ ସହବର୍ତ୍ତୀ ରହନ୍ତୁ !

**ମଣ୍ଡଳୀ :** ପ୍ରଭୁ ତୁମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ !

**ଉପଦେଶକ :** ହେ ପ୍ରଭୁ ! ଆମ୍ଭମାନଙ୍କୁ କୃପାକରି ଆମ୍ଭକୁ ଦେଖା ଦିଅ ।

**ମଣ୍ଡଳୀ :** ହେ ପ୍ରଭୁ ! ଆମ୍ଭମାନଙ୍କୁ କୃପାକରି ଆମ୍ଭ ସହିତ କଥା ହୁଅ ।

**ଉପଦେଶକ :** ହେ ପ୍ରଭୁ ! ତୁମ୍ଭେ ହି ଆମ୍ଭର ଲୁଚିବାର ସ୍ଥାନ ।

**ମଣ୍ଡଳୀ :** ହେ ପ୍ରଭୁ ! ତୁମ୍ଭେ ହି ଆମ୍ଭର ଲୁଚିବାର ସ୍ଥାନ ।

**ଉପଦେଶକ :** ହେ ପ୍ରଭୁ ଶ୍ରୀଘ୍ର ଆସୁଅଛନ୍ତି ।

**ମଣ୍ଡଳୀ :** ପ୍ରଭୁ ହେଇଥିବା ଯୀଶୁ ! ଆସ ।

## ଶେଷ ପ୍ରାର୍ଥନା

ସ୍ୱର୍ଗସ୍ତପିତା ! ଏହି ବଧୂ ବରମାନେ ସେମାନଙ୍କ ସାରା ଜୀବନ କାଳରେ ଅନୁଗ୍ରହ ମଙ୍ଗଳ ପାଇ ଜୀବନ ଯାପନ କରିବାକୁ ତୁମ୍ଭ ପବିତ୍ର ଡ଼େଣା ତଳେ ରକ୍ଷା କର । ଏମାନଙ୍କ ଶରୀର ଜୀବନକୁ, ମହିମାପୂର୍ଣ୍ଣ ଜୀବନକୁ ଆବଶ୍ୟକ ସକଳ ସୁବିଧା ଦୟାକର । ତୁମ୍ଭ ପବିତ୍ରାତ୍ମାରେ ପୂର୍ଣ୍ଣ କରି, ତୁମ୍ଭ ଇଚ୍ଛାକୁ ପ୍ରକାଶ କରିବାକୁ, ତୁମ୍ଭେ ହି ଦେଖାଦେଇ କଥା କୁହ । ଭୂଲୋକ ଭକ୍ତମାନଙ୍କ ସହିତ, ଦୂତମାନଙ୍କ ସହିତ, ତୁମ୍ଭ ସହିତ ସହବାସ ପାଇଁ ଜୀବନ ଯାପନ କରିବା ଅନୁଗ୍ରହ ଦୟାକର । ଏମାନଙ୍କ ଗୃହରେ ଥିବା ସମସ୍ତ ବସ୍ତୁ ଗୁଡ଼ିକ, ସ୍ୱର୍ଗ ଗୃହଠାରେ ରହିବ ମହିମାକୁ ସ୍ମରଣ କରିବି ଗୃହ ହେଇପାରିବା ପରି ରହିବ । ଆଶୀର୍ବାଦ କର । ଏମାନଙ୍କ ଗୃହକୁ ତୁମ୍ଭେ ହିଁ ଅଧିପତି ହେଇ ରୁହ । ଗୃହରେ ହେବା ଉତ୍ସବ, ସ୍ୱର୍ଗରେ ଉତ୍ସବକୁ ସ୍ମରଣକୁ ଆଣିବା ପରି ଆଶୀର୍ବାଦ କର । ଏମାନଙ୍କ ପରିବାରରେ ହେବା ପ୍ରର୍ଥନା ସ୍ତୁତି, ଏମାନେ କରିବା ଉତ୍ତମକାର୍ଯ୍ୟ

ତୁମ୍ଭ ଉପସ୍ଥିତିରେ ସ୍ମରଣ ରହିବା ପରି ଆଶୀର୍ବାଦ ସ୍ୱୀକାର କର । ଏମାନଙ୍କ ସହିତ ସଦାବେଳେ ତୁମ୍ଭେ ରୁହ । ଏମାନଙ୍କୁ ହେଉଥିବା କଷ୍ଟରେ ତୁମ୍ଭେ ସହବର୍ତ୍ତୀ ହେଇ, ଏମାନଙ୍କୁ, ଏମାନଙ୍କ ସହିତ ରହିବା ମାନଙ୍କୁ ତୁମ୍ଭକୁ ପ୍ରକାଶ କର । ଏମାନଙ୍କ ଠାରେ ରହିବା ଭୂଲ ଗୁଡ଼ିକ ପରିହାର କର । ଦୁଇଜଣ ଜଣଙ୍କ ପରି, ଜଣେ ଦୁଇଜଣଙ୍କ ପରି ପ୍ରେମକରି, ତୁମ୍ଭ ସହିତ ମିଶି ଜୀବନ ଯାପନ କରିବା ପାଇଁ ଆଶୀର୍ବାଦ କର । ତୁମ୍ଭ ବାକ୍ୟଠାରେ ଏମାନଙ୍କୁ ବଢ଼ାଅ ଆଗମନ ପାଇଁ ପ୍ରସ୍ତୁତ କର । ଏମାନଙ୍କୁ ଉଠାଅ । ତୁମ୍ଭ ବାକ୍ୟ ଉପଦେଶ କରିବା ପାଇଁ ତୁମ୍ଭକୁ ସାକ୍ଷୀ ଭାବରେ ରହିବା ପାଇଁ, ଏମାନଙ୍କୁ ପ୍ରସ୍ତୁତ କର । ସନ୍ତାନ ଦୟାକର । ଏମାନଙ୍କୁ ତୁମ୍ଭ ଭୟରେ, ଭକ୍ତିରେ ବଢ଼ାଇବା ପରି ତୁମ୍ଭ ଅନୁଗ୍ରହ ଦୟାକର । ଏମାନଙ୍କୁ ତୁମ୍ଭେ ଯେଉଁ ଉଦ୍ଦେଶ୍ୟରେ ଏହି ଜଗତକୁ ପଠାଇଅଛ ସେହି ତୁମ୍ଭ ଉଦ୍ଦେଶ୍ୟକୁ ସଫଳ କରିବା ସ୍ଥିତି ଦୟାକର । ଜୀବନ ଅନନ୍ତରେ ମୋକ୍ଷ ଭାଗ୍ୟ ଦୟାକର । ଆମ୍ଭ ଏହି ବିନତି, ପ୍ରାର୍ଥନା, ସ୍ତୁତି ଶ୍ରବଣ କରି, ସ୍ୱୀକାର କର ବୋଲି ଶୀଘ୍ର ମହିମା ମେଘରେ ବର ରୂପେ ଆସୁଥିବା ଖ୍ରୀଷ୍ଟ ପ୍ରଭୁ ଦ୍ୱାରା ବିନତି କରୁଅଛି ।

## ସ୍ୱର୍ଗସ୍ତ ପ୍ରାର୍ଥନା ଆଶୀର୍ବାଦ

ସଦା ପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ରକ୍ଷା କରନ୍ତୁ ! ସଦା ପ୍ରଭୁ ତୁମ୍ଭ ଉପରେ ଆପଣାମୁଖରେ ତେଜ ପ୍ରକାଶ କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ ।

Bible Mission HQ Guntur

ସଦା ପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଉନ୍ତୁ ଓ ତୁମ୍ଭକୁ ଶାନ୍ତି ଦେଉନ୍ତୁ । ଆମେନ୍ ।

ଆଦି ୨:୧୮-୨୪, ୨୪ ଅଧ୍ୟାୟ, ଗୀତସଂହିତା ୨୩ ଅଧ୍ୟାୟ । ହିତପଦେଶ ୧୦:୨୨, ୧୨:୪, ୧୮:୨୨, ମାଥିଉ ୧୯:୩-୬, ଯୋହାନ ୨:୧-୧୧, ୧ ତୀମଥି ୪:୪, ୫:୬-୧୭, ଏଫସି ୫:୨୨-୨୩, କଲସୀ ୩:୧୮, ୧୯, ପ୍ରକାଶିତ ୧୯:୬-୯, ୧ ପିତର ୩:୧-୭

--୪୦୪--

Bible Mission HQ Guntur

# ଗୃହ ପ୍ରବେଶ ଆରଧନା

ପିତାଙ୍କଠାରୁ, ପୁତ୍ରଙ୍କଠାରୁ, ପବିତ୍ରାତ୍ମାଙ୍କଠାରୁ ଅନୁଗ୍ରହ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ !

ଈଶ୍ୱର! ମୋ ପ୍ରଭୁ ! ମଙ୍ଗଳ ଦୟାକରିବୁ ବୋଲି ତୁମ୍ଭେ ତୁମ୍ଭ ଦାସ ହୋଇଥିବା ମୋତେ କହିଅଛ । ତୁମ୍ଭେ ଈଶ୍ୱର ଅଟ ତେଣୁ ତୁମ୍ଭ କଥା ସତ୍ୟ ଅଟେ । ଦୟା କରି ତୁମ୍ଭ ଦାସ ହୋଇଥିବା ମୋ ପରିବାରକୁ ନିତ୍ୟ ତୁମ୍ଭ ଉପସ୍ଥିତିରେ ରହିବା ପରି ତାହାକୁ ଆଶୀର୍ବାଦ କର ହେ ଈଶ୍ୱର! ପ୍ରଭୁ ! ତୁମ୍ଭ କହିଅଛ । ଏଣୁ ତୁମ୍ଭ ଦାସର ବଂଶ ତୁମ୍ଭ ଆଶୀର୍ବାଦରେ ଅନନ୍ତ କାଳ ଆଶୀର୍ବାଦଯୁକ୍ତ ହେଉ । ୨ ସମୂଏଲ ୭:୨୮,୧୯

ସ୍ତୁତି : ସ୍ୱର୍ଗସ୍ଥ ପିତା ! ତୁମ୍ଭ ପବିତ୍ର ଗୁଣ ରୂପ ନିମନ୍ତେ ପ୍ରଶଂସା, ଆମ୍ଭକୁ, ଆମ୍ଭମାନେ ପାଇଥିବା ସମସ୍ତଙ୍କୁ ରକ୍ଷା କରିବା ଦୂତମାନଙ୍କୁ, ତୁମ୍ଭ ପ୍ରେମ ରୂପକୁ ତୁମ୍ଭ ଦୈବିକ କାର୍ଯ୍ୟକ୍ରମକୁ ଦେଖାଇବା ଗ୍ରନ୍ଥ ନିମନ୍ତେ ତୁମ୍ଭକୁ ଅନେକ ସ୍ତୁତି ।

ଆମ୍ଭ ବାସସ୍ଥାନ ନିମନ୍ତେ ଭୂମିକୁ ଘର ଭାବରେ, ଆକାଶକୁ ଉପରେ ଆବରଣ ଭାବରେ, ସୂର୍ଯ୍ୟ ଚନ୍ଦ୍ର ନକ୍ଷତ୍ର ଗୁଡିକୁ ଦ୍ୱୀପ ଭାବରେ, ସମସ୍ତଙ୍କୁ ଆମ୍ଭମାନଙ୍କ ନିମନ୍ତେ ସୃଷ୍ଟି କରିଥିବା ତୁମ୍ଭକୁ ପ୍ରଣାମ । ତୁମ୍ଭ ହୃଦୟବାସୀ ହେଇଥିବା ତୁମ୍ଭ ପ୍ରିୟ ପୁତ୍ରଙ୍କୁ ଆମ୍ଭ ପ୍ରଭୁ ହେଇଥିବା ଖ୍ରୀଷ୍ଟଙ୍କୁ ଏହି ଜଗତକୁ ପଠାଇ, ଆମ୍ଭକୁ ରକ୍ଷା କରିଥିବା ତୁମ୍ଭକୁ ପ୍ରଶଂସା । ତୁମ୍ଭ ପବିତ୍ରାତ୍ମାକୁ ଆମ୍ଭଠାରେ ରଖି, ଆମ୍ଭକୁ ପବିତ୍ର କରି

ତୁମ୍ଭ ପୁତ୍ରଙ୍କ ସହିତ ତୁମ୍ଭଠାରେ ନିତ୍ୟ ବାସ କରିବାକୁ ଆମ୍ଭକୁ ଦେଇଥିବା ମୋକ୍ଷ ନିବାସ ନିମନ୍ତେ ପ୍ରଶଂସା । ଦାନକର୍ତ୍ତା ହେଇଥିବା ପିତା ! ଏହି ସରଳ ପରିବାରକୁ ତୁମ୍ଭ ଆର୍ଶିବାଦ ପାଇ ବାସ କରିବାକୁ ତୁମ୍ଭେ ଦେଇଥିବା ଏହି ଗୃହ ନିମନ୍ତେ ସ୍ତୁତି ।

**ଉପଦେଶକ :** ପ୍ରଭୁ ହେଇଥିବା ଯୀଶୁ ଆସ !

**ମଣ୍ଡଳୀ :** ପ୍ରଭୁ! ଆମ୍ଭ ସହିତ ରୁହ ।

**ଉପଦେଶକ :** ତୁମ୍ଭର ଭାର୍ଯ୍ୟା ତୁମ୍ଭ ଗୃହର ଅନ୍ତଃପୁରରେ ଫଳବତୀ ଦ୍ରାକ୍ଷଲତା ତୁଲ୍ୟ ହେବ ।

ମଣ୍ଡଳୀ ତୁମ୍ଭର ସନ୍ତାନମାନେ ତୁମ୍ଭ ମେଜର ଚାରିଆଡେ ଜିତବୃକ୍ଷରେ ଚାରା ପରି ହେବ ।

**ପରିବାର :** ମୁଁ, ମୋର ପରିବାର ସମସ୍ତେ ପ୍ରଭୁଙ୍କ ସେବା କରିବୁ ।

**ପ୍ରର୍ଥନା :** ଈଶ୍ୱର! ପିତା ତୁମ୍ଭ ପ୍ରେମ ଯୋଗୁଁ ତୁମ୍ଭ, ତୁମ୍ଭ ପ୍ରିୟ ପୁତ୍ର ହେଇଥିବା ଆମ୍ଭ ପ୍ରଭୁ ହେଇଥିବା ଖ୍ରୀଷ୍ଟ, ଆମ୍ଭ ନିକଟକୁ ଆସି ବାସ କରିବୁ ବୋଲି କହିଥିବା ପ୍ରଭୁ! ଆମ୍ଭଠାରେ ଆମ୍ଭ ଗୃହରେ ବାସ କର ବୋଲି ଯୀଶୁଙ୍କ ନାମରେ ବିନତି କରୁଅଛୁ । ଆମେନ୍ ।

## ପ୍ରାର୍ଥନା

ଉପଦେଶକ : ତ୍ରିଏକ ହେଇଥିବା ପିତା ! ଏହି ଗୃହ ଉପରେ, ଏହି ଗୃହ ବାସୀମାନଙ୍କ ଉପରେ ଆଲୋକିତ କର । ଆମ୍ଭ କାର୍ଯ୍ୟକ୍ରମକୁ

ଆଦି, ଅନ୍ତ ହେଇଥିବା ପ୍ରଭୁ ! ତୁମ୍ଭେ ଦୂତମାନେ, ପବିତ୍ରଗଣ ଆମ ସହିତ ରହି ଆଶିର୍ବାଦ କର । ତୁମ୍ଭ ଅନୁଗ୍ରହ ଶାନ୍ତି ଆମ୍ଭକୁ ଦୟା କର ବୋଲି ଶୀଘ୍ର ଆସୁଥିବା ଯୀଶୁଙ୍କ ନାମରେ ବିନତି କରୁଅଛୁ । ଆମେନ୍ ।

**ଉପଦେଶକ :** ଭୂମି, ତାହାର ସମ୍ପୂର୍ଣ୍ଣତା, ଜଗତ, ତାହାର ନିବାସ ଗୁଡିକ ସବୁ ସଦାପ୍ରଭୁଙ୍କର ।

**ମଣ୍ଡଳୀ :** ମସ୍ତକ ଟେକ ଗୌରବମୟ ରାଜା ପ୍ରବେଶ କରିବେ ।

**ପ୍ରାର୍ଥନା :** ଦାଉଦର ଚାବିକାଠି ପାଇଥିବା ପ୍ରଭୁ । ସ୍ୱର୍ଗର, ପାତଳର ଦ୍ୱାରକୁ ଖୋଲିଥିବା ତୁମେ ହିଁ, ଏହି ଗୃହ ଦ୍ୱାର ମଧ୍ଯ ଖୋଲି ଏହି ଗୃହମାନଙ୍କ ସହିତ ରୁହ ବୋଲି, ସଦାକାଳ ତୁମ୍ଭମାନଙ୍କ ସହିତ ରହିଅଛି ବୋଲି କହିଥିବା ଖ୍ରୀଷ୍ଟଙ୍କ ନାମରେ ବିନତି କରୁଅଛୁ । ଆମେନ୍ ।

(ଦ୍ୱାରା ଖଲିବା) ....... ଏହି ନାମରେ ଥିବା ନୂତନ ଗୃହ ଦ୍ୱାରକୁ, ପିତା, ପୁତ୍ର, ପବିତ୍ରାତ୍ମାଙ୍କ ନାମରେ ଖୋଲୁଅଛି । ଦ୍ୱିତୀୟ ବିବରଣୀ ୬:୪-୧୩, ଲୂକ : ୧୦:୩୮-୪୨, ପ୍ରକାଶିତ ୨୧:୧-୩

## ଉପଦେଶ

ସମର୍ପଣ ବୁଦ୍ଧି ବିଜ୍ଞାନ ସର୍ବ ସମ୍ପତ୍ତି ଥିବା ପ୍ରଭୁଙ୍କୁ ହିଁ, ଏହି ଗୃହକୁ ସମର୍ପଣ କରୁଅଛୁ ।

**ଉପଦେଶକ :** ଏହି ଗୃହଠାରେ ଈଶ୍ୱରଙ୍କ ବାକ୍ୟକୁ, ଖ୍ରୀଷ୍ଟ ପ୍ରଭୁଙ୍କୁ ସ୍ଥାନ ଦେବ କି ?

**ପରିବାର :** ହଁ ସେପରି କରିବୁ ।

**ଉପଦେଶକ :** ପ୍ରଭୁଙ୍କ ଦ୍ୱିତୀୟ ଆଗମନକୁ ପ୍ରସ୍ତୁତ ହେବାକୁ ଅନୁଦିନ ଦୈବ ସନ୍ନିଦି କାର୍ଯ୍ୟକ୍ରମ ଏହି ଗୃହରେ କରିବ କି ?

**ପରିବାର :** ସେପରି ହି କରିବୁ ।

## ଆଶିର୍ବାଦ

୧. ପ୍ରଭୁଙ୍କ ମହିମା ଆଲୋକ ତୁମ୍ଭ ଉପରେ, ତୁମ୍ଭ ଗୃହଠାରେ, ତୁମ୍ଭ କାର୍ଯ୍ୟଠାରେ ପ୍ରକାଶ କରନ୍ତୁ !

୨. ପ୍ରଭୁଙ୍କ ଦୟା ନୂତନ ଗୃହ ବାସୀ ହେଉଥିବା ତୁମ୍ଭମାନଙ୍କୁ ପ୍ରତ୍ୟେକ ଦିନ ନୂତନ ଭାବରେ ହେଉ !

୩. ପ୍ରଭୁ ଦେଇଥିବା ଏଇଟି, ସ୍ୱର୍ଗ ସମ୍ବନ୍ଧରେ ସକଳ ଆଶିର୍ବାଦରେ ବୃଦ୍ଧିପାନ୍ତୁ !

୪. ତୁମ୍ଭେମାନେ ପାଉଥିବା କ୍ଳେଶ ହିଁ, ପ୍ରଭୁଙ୍କ ସହିତ ଥିବା ମହିମା ଅନୁଭୂତିକୁ ସମସ୍ତଙ୍କୁ ଦେଖାନ୍ତୁ !

୫. ଆମ୍ଭମାନଙ୍କ ପ୍ରଭୁ ହେଇଥିବା ଖ୍ରୀଷ୍ଟ ଯୀଶୁଙ୍କ ଦିବ୍ୟ ସ୍ୱରୂପକୁ ତୁମ୍ଭମାନଙ୍କର ହୃଦୟରେ ପ୍ରତିଷ୍ଠିତ କରାନ୍ତୁ ।

୬. ଆମ୍ଭମାନଙ୍କ ପ୍ରଭୁ ତୁମ୍ଭମାନଙ୍କ ସହିତ ଗୃହ ବାସୀ ହେଇ, ତୁମ୍ଭକୁ ଦେଖା ଦେଇ, ତୁମ୍ଭମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ।

୭. ଏହି ଗୃହବାସୀ ହେଇଥିବା ତୁମ୍ଭମାନେ ପ୍ରଭୁଙ୍କ ମହିମା ଆଗମନକୁ ପ୍ରସ୍ତୁତ ହେଇ, ସ୍ୱର୍ଗଠାରେ ଥିବା ନୂତନ ଯିରୁଶାଲମର ବାସୀମାନେ ହୁଅନ୍ତୁ ।

## ପ୍ରାର୍ଥନା

ତ୍ରିଏକ ହେଇଥିବା ପିତା ! ତୁମ୍ଭ ଆଶିର୍ବାଦ, ତୁମ୍ଭ ଦୟା, ତୁମ୍ଭ ଶାନ୍ତି । ଏହି ଗୃହ ବାସୀମାନଙ୍କ ଉପରେ ରଖ । ଏମାନଙ୍କୁ, ଏମାନେ ପାଇଥିବା ସମସ୍ତଙ୍କୁ ଜଗିବାକୁ ତୁମ୍ଭର ଦୂତମାନଙ୍କୁ ରଖ । ସବୁଠାରୁ ଉନ୍ନତ ହେଇଥିବା, ଆବଶ୍ୟକ ହେଇଥିବା ତୁମ୍ଭ ଉପସ୍ଥିତିକୁ ଏମାନଙ୍କ ଗୃହରେ ରଖନ୍ତୁ । ଏମାନଙ୍କୁ ଦେଖାଦିଅ, ଏମାନଙ୍କ ସହିତ କଥା କୁହ । ଏମାନଙ୍କୁ ପବିତ୍ରମାନଙ୍କ ସହିତ ସହବାସ ପ୍ରଦାନ କର । ତୁମ୍ଭ ପବିତ୍ରାତ୍ମାକୁ ଏମାନଙ୍କ ଠାରେ ରଖି ତୁମ୍ଭ ଅନୁଗ୍ରହ ଦାନ ଦୟା କର । ଏମାନଙ୍କ ଗୃହ ହିଁ ଛୋଟ ସ୍ୱର୍ଗ ହୋଇ ରହିବା ପରି ଆର୍ଶିବାଦ କର । ଏମାନଙ୍କ ଗୃହ ଭିତରକୁ ଆସିବା ଲୋକମାନଙ୍କୁ, ଏମାନଙ୍କ ପ୍ରାର୍ଥନା ଦ୍ୱାରା, ଏମାନଙ୍କ ଅନ୍ତଃକରଣ ଜୀବନ ଅନୁଭବ ଦ୍ୱାରା, ଏମଣୀଙ୍କ ବାକ୍ୟ ଅନୁଭବ ଦ୍ୱାରା, ଏମାନଙ୍କ ସେବା କାର୍ଯ୍ୟ ଦ୍ୱାରା, ମଙ୍ଗଳ ହେବାକୁ ଦିଅ । ଏମାନଙ୍କ ଶରୀର ଜୀବନକୁ, ଆତ୍ମୀୟ ଜୀବନକୁ, ମହିମା ଜୀବନକୁ ଆବଶ୍ୟକ ସବୁ ବିଷୟକୁ ଦୟା କର । ଏମାନଙ୍କ ସନ୍ତାନ ଗଣକୁ, ଆରୋଗ୍ୟ ଆୟୁଷ କାଳ, ଜ୍ଞାନ, ବିଦ୍ୟା, ଚାକିରୀ, ଈଶ୍ୱରଙ୍କ ଭକ୍ତି ଅନୁଗ୍ରହ କର । ଏହି ଗୃହ ବାସୀମାନଙ୍କୁ ଶୟତାନରୁ, ପିସାଚୀରୁ, ପାପ ଅଭିଶାପରୁ, ଶତ୍ରୁ ଭୟରୁ, ଛୁଇଁବା ରୋଗଠାରୁ, ବିଷ ପୋକ, ବିଷ ଜନ୍ତୁମାନଙ୍କଠାରୁ, ଅପାୟରୁ,

ଅଜ୍ଞାନରୁ, ବିଭିନ୍ନ ପ୍ରକାର କ୍ଷତି ଠାରୁ ରକ୍ଷା କର । ଆହୁରି ଏହି ଗୃହମାନଙ୍କୁ ସମସ୍ତଙ୍କୁ ତୁମ୍ଭ ଦ୍ୱିତୀୟ ଆଗମନ ପାଇଁ ସଂଯୋଗ କରନ୍ତୁ । ଏହି ଆମ ପ୍ରାର୍ଥନା ସବୁ ଶୀଘ୍ର ଆସିଥିବା ଯୀଶୁଙ୍କ ନାମରେ ବିନତି କରୁଅଛୁ । ଆମେନ୍ ।

**--୪୦୪--**

Bible Mission HQ Guntur

# ମୃତମାନଙ୍କ ସମାଧି କାର୍ଯ୍ୟକ୍ରମ

ଖ୍ରୀଷ୍ଟୀୟ ବିଶ୍ୱାସରେ ମୃତ ହେଇଥିବାମାନଙ୍କୁ କବର ଦେବା ସମୟରେ ମାତ୍ର ଏହି କ୍ରମ ବ୍ୟବହାର କରିବାର ଅଛି ।

(ମଣ୍ଡଳୀରେ ଯେ କେହି ମୃତ୍ୟୁ ବରଣ କଲେ ମଣ୍ଡଳୀର ନେତାକୁ ପ୍ରକାଶ କରିବାର ଅଛି । ଖ୍ରୀଷ୍ଟୀୟମାନେ କେହି ହେଲେ ମୃତ୍ୟୁ ବରଣ କଲେ ମୃତ୍ୟୁ ଘଣ୍ଟା ବଜାଇବାର ଅଛି ।)

(ଏହି କ୍ରମ କବର ପୂର୍ବରେ ମନ୍ଦିର ନିକଟରେ ବା ଘର ନିକଟରେ ବ୍ୟବହାର କରି ପାରିବେ)

ଗୁରୁ ପ୍ରାଚୀର ଦ୍ୱାର ନିକଟରେ ଶବକୁ ବେଟି, ତାହା ଆଗରେ ମନ୍ଦିର ଭିତରକୁ ଯାଉ ଯାଉ, ଏହି ତଳେ ବାକ୍ୟ ଗୋଟେ ବା କିଛି ବାକ୍ୟ କହିପାରିବେ, ବା ଗୀତ ଗାଇ ପାରିବେ ।

## ଉପଦେଶକ

ମୁଁ ପୁନରୁତ୍ଥାନ ଓ ଜୀବନ, ଯେ ମୋ ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସକରେ ସେ କଦାପି ମରିବ ନାହିଁ, (ଯୋହନ ୧୧:୨୫,୨୬)

ତୁମ୍ଭେ ମୋତେ ଜୀବନର ପଥ ଦେଖାଇବ, ତୁମ୍ଭ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ, ତୁମ୍ଭ ଦକ୍ଷିଣ ପାଖରେ ନିତ୍ୟ ସୁଖଭୋଗ ଥାଏ । (ଗୀତସଂହିତା ୧୬:୧୧)

ଯେଣୁ ଆଦମ ଦ୍ୱାରା ଯେପରି ସମସ୍ତେ ମୃତ୍ୟୁଭୋଗ କରନ୍ତି, ସେହିପରି ମଧ୍ୟ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତେ ସଜୀବ ହେବେ । (୧ କରିନ୍ଥୀୟ ୧୫:୨୨)

ଦାର୍ମିକ ଲୋକ ବିନଷ୍ଟ ହେଉଅଛି ଓ ସେ ବିଷୟରେ କେହି ମନୋଯୋଗ କରୁ ନାହିଁ, ପୁଣି ଭକ୍ତ ଲୋକ ନିଆ ଯାଉଅଛନ୍ତି, ଦର୍ମିକମାନେ ଯେ ଆସନ୍ତା ବିପଦରେ ନିଆଯାଉଅଛନ୍ତି, ଏହା କେହି ବିବେଚନା କରୁନାହାନ୍ତି । (ଯିଶାଇୟ ୫୭:୧)

କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁ ଯେ, ଯୀଶୁ ମୃତ୍ୟୁଭୋଗ କରି ପୁନର୍ବାର ଉଠିଅଛନ୍ତି, ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମୋହନିଦ୍ରାପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସାଙ୍ଗରେ ଆଣିବେ ।

(୧ ଥେସଲନୀକୀୟ ୪:୧୪)

ସାବଧାନ, ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ହି ତୁଚ୍ଛଜ୍ଞାନ କର ନାହିଁ, କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ୱର୍ଗରେ ସେମାନଙ୍କର ଦୂତମାନେ ସର୍ବଦା ମୋହର ସ୍ୱର୍ଗସ୍ଥ ପିତାଙ୍କ ମୁଖ ଦର୍ଶନ କରନ୍ତି । (ମାଥିଉ ୧୮:୧୦)

ବାକ୍ୟ ପାଠ : ପୁରାତନ ନିୟମ । ଗୀତସଂହିତା ୨୩ ଅଧାୟ
ନୂତନ ନିୟମ । ଯୋହନ ୧୧:୨୧-୨୭
ପତ୍ରିକା ପାଠ । ୧ ଥେସ ୪:୧୩-୧୮

Bible Mission HQ Guntur

# ଉପଦେଶ

**ଉପଦେଶକ :** ପିତାଙ୍କ, ପବିତ୍ରାତ୍ମାଙ୍କୁ ମହିମା ହେଉ !

**ମଣ୍ଡଳୀ :** ଆଦ୍ୟରେ ବର୍ତ୍ତମାନ ସଦାବେଳେ ଯୁଗ ଯୁଗରେ ରହିବା ପରି ମହିମା ହେଉ !

**ଉପଦେଶକ :** ପ୍ରଭୁ ତୁମ୍ଭମାନଙ୍କୁ ସହବର୍ତ୍ତୀ ରୁହନ୍ତୁ ।

**ମଣ୍ଡଳୀ :** ତୁମ୍ଭ ଆତ୍ମାକୁ ମଧ ସହବର୍ତ୍ତ ରୁହନ୍ତୁ ।

**ଉପଦେଶକ :** ହେ ପ୍ରଭୁ! ଆମ୍ଭମାନଙ୍କୁ ଦୟା କର ।

**ମଣ୍ଡଳୀ :** ଖ୍ରୀଷ୍ଟ ! ଆମ୍ଭମାନଙ୍କୁ ଦୟା କର ।

**ଉପଦେଶକ :** ମୁଁ ଶୀଘ୍ର ଆସୁଅଛି ।

**ମଣ୍ଡଳୀ :** ପ୍ରଭୁ ଯୀଶୁ ! ଆସ ।

# ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା! ଏହି ଭୂଲୋକରେ ଥିବା ବିଶ୍ୱାସୀ ମରିବା, ତୁମ୍ଭଠାରେ ବିଶ୍ୱାସ ପାଇବାଟା ହିଁ ମାତ୍ର ମରଣ ଭାବରେ ରହିବ ନାହିଁ ବୋଲି, ତୁମ୍ଭ ଭକ୍ତମାନଙ୍କ ଅନୁଭବରେ ଶିଖାଇଅଛ । ତେଣୁ ଧନ୍ୟବାଦ । ଏହି ଜଗତରେ ପାପ, ରୋଗ, କଷ୍ଟ, ବାଧା, ଅଶ୍ରୁ ଥିବା ଯୋଗୁଁ ସତ୍ୟରେ ବିଶ୍ରାମ ନଥିବା ମନୁଷ୍ୟକୁ ତୁମ୍ଭ ହସ୍ତରେ, ତୁମ୍ଭ ବକ୍ଷସ୍ଥଳରେ ଆଉଜିପଡି, ସତ୍ୟ ବିଶ୍ରାମ ପାଇବା ପାଇଁ ତୁମ ନିକଟକୁ ପହଞ୍ଚାଇଥିବା ତୁମ୍ଭକୁ ଧନ୍ୟବାଦ । ତୁମ୍ଭ ସହିତ, ସ୍ୱର୍ଗୀୟ

ଦୂତମାନଙ୍କ ସହିତ, ନର ଲୋକ ପବିତ୍ର ଗଣଙ୍କ ସହିତ, ଏହି ଜଗତ ବିଶ୍ୱସୀମାନଙ୍କ ସହିତ ସ୍ୱାଧିନ ଭାବରେ ବୁଲିବା ନିମନ୍ତେ ପାପ ପରି ଦଉଡି ଛିଣ୍ଡାଇ, ତୁମ୍ଭ ନିକଟକୁ ପହଁଞ୍ଚାଇଥିବା ତୁମ୍ଭଙ୍କୁ ପ୍ରଶଂସା । ଆହୁରି ତୁମ୍ଭଠାରେ ନିଦ୍ରା ପ୍ରାପ୍ତ ହେବା ଯୋଗୁଁ ନରକ ବୋଲି ନିତ୍ୟ ମରଣରୁ ନିସ୍ତାର କରି ଆମ୍ଭ ପ୍ରଭୁ ହେଇଥିବା ଖ୍ରୀଷ୍ଟଙ୍କ ସହିତ ମଧ୍ୟ ରାଜତ୍ୱ କରିବା କୃପା ଦୟାକର ବୋଲି ତୁମ୍ଭକୁ ଧନ୍ୟବାଦ । ଆମ୍ଭମାନଙ୍କ ପ୍ରଶଂସା ନିତ୍ୟ ଜୀବ ଅଧିପତି ହେଇଥିବା ଖ୍ରୀଷ୍ଟ ପ୍ରଭୁଙ୍କ ଦ୍ୱାରା ବିନତି କରୁଅଛୁ ।

ପବିତ୍ର ହେଇଥିବା ପିତା ! ସ୍ୱର୍ଗ ପବିତ୍ର ଗଣକୁ, ଜଗତର ବିଶ୍ୱାସୀମାନଙ୍କୁ, ସହବାସ ଆୟୋଜନ ତୁମ୍ଭକୁ ପ୍ରଶଂସା । ସ୍ୱର୍ଗରେ ପବିତ୍ରଗଣ ତୁମ୍ଭ ସହିତ ଅଛନ୍ତି । ପୃଥିବୀ ଉପରେ ଥିବା ବିଶ୍ୱାସୀମାନେ ମଧ୍ୟ ତୁମ୍ଭ ସହିତ ଅଛନ୍ତି । ପୃଥିବୀ ଉପରେ ଥିବା ବିଶ୍ୱାସୀମାନଙ୍କ ଜୀବନ ଆମ ପ୍ରଭୁ ହେଇଥିବା ଖ୍ରୀଷ୍ଟଙ୍କ ସହିତ ତୁମ୍ଭ ଠାରେ ଗୁପ୍ତ ହେଇଅଛି ବୋଲି କଲସୀୟ ୩:୩ ରେ ଲେଖାହେଇଅଛି । ତେଣୁ ତୁମ୍ଭ ସହିତ ଅଛନ୍ତି । ସେଥିପାଇଁ ତୁମ୍ଭଙ୍କୁ ପ୍ରଶଂସା । ଏହିପରି ସହବାସକୁ, ଆମ ପ୍ରଭୁ ହେଇଥିବା ଖ୍ରୀଷ୍ଟ ରୂପାନ୍ତରିତ ସମୟରେ ପବିତ୍ର ହୋଇଥିବା ମୋଶା, ଏଲିୟ ଆସି କଥା ହେବା, ଏହି ଜଗତରେ ଥିବା ପ୍ରେରିତମାନେ ଦେଖିଅଛନ୍ତି । ଏହି ଚରିତ୍ର ଦ୍ୱାରା ଜଗତରେ ଥିବା ବିଶ୍ୱାସୀମାନଙ୍କୁ, ତୁମ୍ଭଠାରେ ଥିବା ପବିତ୍ରଗଣକୁ ସହବାସ ଅଛି ବୋଲି ଦେଖାଯାଉଅଛି । ସେଥିପାଇଁ ହିଁ ଖ୍ରୀଷ୍ଟିୟ ମଣ୍ଡଳୀ ବିଶ୍ୱାସ ପ୍ରମାଣରେ ପବିତ୍ରଗଣର ସହବାସ ବିଶ୍ୱାସ କରୁଅଛୁ ବୋଲି ଅଛି । ତେଣୁ ହେ ପ୍ରଭୁ ! ତୁମ୍ଭଠାରେ ନିଦ୍ରା ପ୍ରାପ୍ତ ଲୋକ

ତୁମ୍ଭ ସହିତ ଅଛନ୍ତି, ତୁମ୍ଭେ ଆମ ସହିତ ଅଛ ସେଥିପାଇଁ ସେମାନେ ଆମ ସହିତ ଅଛନ୍ତି । ରହିଥିବାମାନେ ରୂପନ୍ତର ସମୟରେ ପ୍ରେରିତମାନଙ୍କୁ ଦେଖା ଯାଇଥିବା ପରି ଆମ୍ଭମାନଙ୍କୁ ଦେଖା ଦେଇ, ଆମ୍ଭ ସହିତ କଥା ହେବେ । ଏହିପରି ବିଶ୍ୱାସ ଅନୁଭବରେ ଆମ୍ଭମାନଙ୍କୁ ବଢ଼ାଅ ବୋଲି ଶୀଘ୍ର ଭୂଲୋକ, ସ୍ୱର୍ଗ ମଣ୍ଡଳୀ ଗୁଡିକକୁ ମେଘରେ ଆକର୍ଷଣ କରାଉଥିବା ଖ୍ରୀଷ୍ଟ ପ୍ରଭୁଙ୍କ ଦ୍ୱାରା ବିନତି କରୁଅଛି ।

କୃପାନିଧି ହେଉଥିବା ପିତା ! ମୃତ୍ୟୁ ବରଣ କରିଥିବା ତାହାଙ୍କ ପୁତ୍ର ନିମନ୍ତେ ଦୁଃଖ କରିଥିବା ବିଦବାକୁ ଆମ ପ୍ରଭୁ ସାନ୍ତ୍ୱନା ଦେଲା ପରି ଦୁଃଖ କରିଥିବା ଏମାନଙ୍କୁ ତୁମ୍ଭେ ହିଁ ସାନ୍ତ୍ୱନା ଦିଅ ବୋଲି ରକ୍ଷା କର୍ତ୍ତା ହେଇଥିବା ଖ୍ରୀଷ୍ଟଙ୍କ ଦ୍ୱାରା ବିନତି କରୁଅଛୁ । ଆମେନ୍ ।

# ସ୍ୱର୍ଗସ୍ଥ ପ୍ରାର୍ଥନା - ଆଶିର୍ବାଦ

## ସମାଧି ନିକଟରେ କରିବା ଆରଧନା

(ସମାଧି ଦ୍ୱାର ଦେଇ ପ୍ରବେଶ କରୁ କରୁ ଗୀତ ଗାଇବା ବା ଏହି ତଳେ ବାକ୍ୟ ଗୁଡିକ କିଛି କହି ପାରିବେ)

**ଉପଦେଶକ :** ଯେଉଁ ସମୟରେ ମୃତମାନେ ଈଶ୍ୱରଙ୍କର ପୁତ୍ରଙ୍କ ସ୍ୱର ଶୁଣିବେ ଓ ଯେଉଁମାନେ ଶୁଣିବେ, ସେମାନେ ଜୀବିତ ହେବେ ଏପରି ସମୟ ଆସିଅଛି । (ଯୋହନ ୫:୨୫)

କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍କାମ କରିଅଛନ୍ତି । ସେମାନେ

Bible Mission HQ Guntur

ଜୀବନର ପୁନରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍ କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ ଏପରି ସମୟ ଆସୁଅଛି । (ଯୋହନ ୫:୨୮,୨୯)

ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମୃତ ଶରୀରକୁ ମଧ୍ୟ ଜୀବିତ କରିବେ । (ରୋମିୟ ୮:୧୧)

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା ! ମନୁଷ୍ୟର ଅପରାଧ ଦ୍ୱାରା ମାଟିରୁ ନିଆ ଯାଇଥିବା ମନୁଷ୍ୟ ମାଟି ହେଇଯିବ ବୋଲି ଆଦାମ ସହିତ କହିଅଛ । ଆଦମଠାରେ ସମସ୍ତଙ୍କୁ ମୃତ୍ୟୁ କିପରି ଘଟିଥିଲା, ଆମ ପ୍ରଭୁ ହେଇଥିବା ଖ୍ରୀଷ୍ଟଙ୍କ ଠାରେ ସମସ୍ତେ ପୁନରୁତ୍ଥାନ ହେବାକୁ ତାହାଙ୍କୁ ଏହି ଜଗତକୁ ପଠାଇ, ଆମ ପାପକୁ ତାହାଙ୍କ ଶରୀରରେ ଦଣ୍ଡ ଦେଇ, ଆମ ମରଣକୁ କାଟି ଦେଇ ନିତ୍ୟ ଜୀବନ ପାଇ ପାରିବା ପରି ପରିବର୍ତ୍ତନ କରିଥିବା ତୁମ୍ଭ ଅନୁଗ୍ରହ ନିମନ୍ତେ ପ୍ରଶଂସା । ମହିମା ପୂର୍ଣ୍ଣ ହେଇଥିବା ପିତା! ଦାଉଦ - ମାଟି ତୁମ୍ଭକୁ ସ୍ତୁତି କରିବ କି ବୋଲି କହିଲା । ହେଲେ ମଧ୍ୟ ତୁମେ ମାଟି ହୋଇ ମନୁଷ୍ୟ ଶରୀରକୁ ତୁମ୍ଭ ପୁତ୍ରଙ୍କ ମହିମା ଆଗମନ ଦ୍ୱାରା ମହିମା ଶରୀର ରୂପେ ପରିବର୍ତ୍ତନ କରିଥିବା ତୁମ୍ଭଙ୍କୁ ପ୍ରଶଂସା ।

Bible Mission HQ Guntur

(ଶବକୁ ସମାଧି ଭିତରକୁ ଓହ୍ଲାଉଥିବା ବେଳେ, ଗୋଟିଏ ଗୀତ ଗାନ କରି ପାରିବେ ।)

**ଉପଦେଶକ :** ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି । ସେମାନେ ପ୍ରଥମରେ ଉଠିବେ, ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳରେ ଶୂନ୍ୟମଣ୍ଡଳକୁ ନିଦ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । (୧ ଥେସ ୪:୧୬,୧୭)

(ଶବ ଉପରେ ଅଳ୍ପମାଟି ପକାଉଥିବା ବେଳେ ଗୁରୁ ଏହିପରି କହିବାର ଅଛି)

ସର୍ବ ଶକ୍ତିମାନ ଈଶ୍ୱର ତାହାଙ୍କ ଅଧିକ ଅନୁଗ୍ରହ ଦ୍ୱାରା ପ୍ରଭୁ ଖ୍ରୀଷ୍ଟଙ୍କଠାରେ ନିଦ୍ରାପ୍ରାପ୍ତ ହୋଇଥିବା ଆମ୍ଭ ପ୍ରିୟ ଭାଇ ବା ଭଉଣୀ ଆତ୍ମାକୁ, ତାହାଙ୍କ ନିବାସ ସ୍ଥାନ ହେଉଥିବା ସ୍ୱର୍ଗରେ ପ୍ରବେଶ କରାଇଲେ । ତେଣୁ ଆମ୍ଭ ପ୍ରଭୁ ହେଇଥିବା ଯୀଶୁ ଖ୍ରୀଷ୍ଟ ମହିମା ଆଗମନ ସମୟରେ ଅଂଶୀ ହେବା ନିମନ୍ତେ ପୁନରୁତ୍ଥାନ ହେବ ବୋଲି ନିଶ୍ଚୟ ଦୃଢ଼ ବିଶ୍ୱାସ ଭରସା ପାଇ ଏହି ଶରୀରକୁ ମାଟି ଭାବରେ, ଭସ୍ମକୁ ଭସ୍ମ ଭାବରେ, ଧୂଳିକୁ ଧୂଳି ଭାବରେ ଭୂମିକୁ ସମର୍ପଣ କରୁଅଛି ।

**ଉପଦେଶକ :** ସେ ଆପଣାର ଯେଉଁ କାର୍ଯ୍ୟସାଧକ ଶକ୍ତି ଦ୍ୱାରା ସମସ୍ତ ବିଷୟକୁ ନିଜର ବଶୀଭୂତ କରି ପାରନ୍ତି, ତା ଦ୍ୱାରା

ଆମ୍ଭମାନଙ୍କର ଛାର ଶରୀରକୁ ରୂପାନ୍ତରିତ କରି ଆପଣାର ଗୌରବମୟ ଶରୀରର ସଦୃଶ କରିବେ । (ଫିଲିପ୍ପିୟ ୩:୨୧)

କିନ୍ତୁ ଏହି ମୁହୂର୍ତ୍ତରେ ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନୀରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା, କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍ଥିଥ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା । କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତାରୂପ ବସ୍ତ୍ର ପରିଧାନ କରିବାକୁ ହେବ । କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଓ ମର୍ତ୍ତ୍ୟ ଶରୀର ଅମରତାରୂପ ବସ୍ତ୍ର ପରିଧାନ କଲା ଉତ୍ତରେ ଏହି ଲିଖିତ ବାକ୍ୟ ସଫଳ ହେବ । ଜୟ ମୃତ୍ୟୁକୁ ଗ୍ରାସ କରିଅଛି । (୧ କରିନଥିୟା ୧୫:୫୧-୫୪)

## ଶେଷ ପ୍ରାର୍ଥନା

ଜୀବନ ଅଧିପତି ହେଉଥିବା ପିତା ! ଶରୀର ପ୍ରାଣ ଆତ୍ମାକୁ ତୁମ୍ଭେ ପବିତ୍ର କରି ତୁମ୍ଭ ପୁତ୍ରଙ୍କ ମହିମା ଆଗମନରେ ଅଂଶୀ ହେବା ପରି ଆଶିର୍ବାଦ ଦୟା କରିଥିବା ତୁମ୍ଭକୁ ପ୍ରଶଂସା । ତାହାଙ୍କ ସହିତ ହଜାର ବର୍ଷ ରାଜତ୍ୱ କରିବା ଅଧିକାର ଅନୁଗ୍ରହ କରିଥିବା ତୁମ୍ଭକୁ ପ୍ରଶଂସା । ତୁମ୍ଭେ ହି ମନ୍ଦିର ହୋଇ ରହି, ମେଷ ଶାବକ ହେଇଥିବା ଖ୍ରୀଷ୍ଟ ଦୀପ ହୋଇ ମୋକ୍ଷରେ ସଦାବେଳେ ଜୀବନ ଯାପନ କରିବା ଅନୁଗ୍ରହ ଦୟା କରିଥିବା ତୁମ୍ଭଙ୍କୁ ଧନ୍ୟବାଦ । ଏହିପରି ଧନ୍ୟ ପ୍ରାପ୍ତ ସ୍ଥିତି ଆମ ସମସ୍ତଙ୍କୁ ଦୟା କରନ୍ତୁ ବୋଲି ମହାରାଜା ଭାବରେ ଆସୁଥିବା ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ବିନତି କରୁଅଛୁ । ଆମେନ୍ ।

ସ୍ୱର୍ଗସ୍ଥ ପ୍ରାର୍ଥନା - ଆଶିର୍ବାଦ

--୪୦୪--

# ସପ୍ତାହ ଉପଦେଶ ବାଣି

(ବାଇବଲ ମିଶନ ଉପଦେଶ କରୁଥିବା ବିଶିଷ୍ଟ ଶିକ୍ଷା)

ଧର୍ମ ଗୁରୁ ଜଳରେ ଦେବା ବାପ୍ତିସ୍ମ, ଆତ୍ମିକ ଜୀବନ ଜନ୍ମ ସ୍ନାନ ଅଟେ । ଏହା ପିତା, ପୁତ୍ର, ପବିତ୍ରାତ୍ମାଙ୍କ ନାମରେ ପାଇବା ବାପ୍ତିସ୍ମ ତେଣୁ ସେ ଆମ୍ଭମାନଙ୍କ ପିତା, ଆମ୍ଭେମାନେ ତାହାଙ୍କର ସନ୍ତାନ । ଏହିପରି ଜନ୍ମ ସମ୍ପର୍କ ବାପ୍ତିସ୍ମ ଦ୍ୱାରା ଆୟୋଜନ ହେବ । ବାଇବଲରେ ବାପ୍ତିସ୍ମ ବୋଲି ଅଛି ମାତ୍ର ପଦ୍ଧତି ନାହିଁ । ବାପ୍ତିସ୍ମ ଦେଉଥିବା ଗୁରୁ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ବାପ୍ତିସ୍ମ ପାଉଥିବା ବ୍ୟକ୍ତିଙ୍କୁ, ସେହି ସମୟରେ ପରିମିତ ନଥିବା ଜଳକୁ ବ୍ୟବହାର କରି, ତ୍ରିଏକ ଈଶ୍ୱର ନାମରେ ଦେବାଟା ହିଁ ବାପ୍ତିସ୍ମ । ସେଥିପାଇଁ ବୁଡାଇଲେ ବା ଜଳ ଢ଼ାଳିଲେ ତାହା ବାପ୍ତିସ୍ମ ଅଟେ । ବାପ୍ତିସ୍ମ ଗୋଟିଏ ବୋଲି ପାଉଲ ଏଫସି ୪:୮ରେ ଲେଖିଥିବା ପ୍ରକାର, କେହି କେବେ, କାହାରି ଦ୍ୱାରା ମାନେ ଯେଉଁ ମଣ୍ଡଳୀରେ ବାପ୍ତିସ୍ମ ପାଇଲେ ମଧ୍ୟ ତାହା ବାପ୍ତିସ୍ମ ଅଟେ । ମାଥିଉ ୨୮:୧୯, ୩:୧୧, ପ୍ରେରିତ ୧:୫୪, ଗଲାତି ୩:୨୭.

## ପବିତ୍ରାତ୍ମା ବାପ୍ତିସ୍ମ

ପବିତ୍ରାତ୍ମା ବାପ୍ତିସ୍ମ ମାନେ ଖ୍ରୀଷ୍ଟ ଜଳରେ ନୁହେଁ ପବିତ୍ରାତ୍ମାରେ ଦେବା ସ୍ନାନ ଅଟେ । ଏହା ଆତ୍ମୀୟ ଜୀବନର, ସେ ଜୀବନ ବ୍ୟକ୍ତିଙ୍କ

ସେବାଙ୍କ ବୃଦ୍ଧି ଦେବା ସାଧନ ଅଟେ । ଜଳ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟୀୟ ମଣ୍ଡଳୀ ସଭ୍ୟତ୍ୱ ହେବ । ପବିତ୍ରତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ସ୍ୱର୍ଗର ସଭ୍ୟତ୍ୱ ଲାଭ ହେବ । ଯୋହନ ୩:୫, ଯୋଏଲ ୨:୨୮,୨୯, ପ୍ରେରିତ ୧:୫,୨ ଅଧ୍ୟାୟ ।

## ସ୍ୱର୍ଗୀୟ ଭାଷା

ଏହା ବିଶ୍ୱାସୀକୁ ପବିତ୍ରତ୍ମା ଦେବା ଗୋଟିଏ ଦାନ । ତେଣୁ ଏହାକୁ ନିଷେଧ କରି ପାରିବେ ନାହିଁ । ତାହାର ଅର୍ଥ ଜଣାଇବା ଗୋଟିଏ ଦାନ । ସ୍ୱର୍ଗରେ ପ୍ରବେଶ କରିବା ଲୋକ ଏହି ଭାଷାକୁ ଶିଖିବେ । ଆଉ ଅନ୍ୟ ଦାନ ନିମନ୍ତେ ଏତେ ସ୍ୱଷ୍ଟ ଭାବରେ ଲେଖା ହୋଇ ନାହିଁ । ୧ କରିନ୍ଥୀୟ ୧୨:୧୦, ୧୩:୧, ୧୪:୨, ୩୯:୪୦, ମାର୍କ ୧୬:୧୭ ।

## ଭାବ ବାଣୀ

ଈଶ୍ୱରଙ୍କ ଆତ୍ମା ପ୍ରେରଣ ଦ୍ୱାରା ବାଇବଲ କାଳ ଭାବିଷ୍ୟତଭକ୍ତମାନେ, ତିନି କାଳର ବିଷୟ ଲୋକମାନଙ୍କୁ କହିଲେ । ତାହା ଗ୍ରନ୍ଥରେ ମଧ୍ୟ ଲେଖିଲେ । ସେମାନଙ୍କର ଲିଖିନ ନାହିଁ ଭାବବାଣି । ଏହିପରି ପ୍ରବଚନ ଜ୍ଞାନ ଆଜି ଦିନାରେ ମଧ୍ୟ ଲୋକଙ୍କୁ ଦେଉଛନ୍ତି । ଆଉ ଗୋଟିଏ ପ୍ରକାର ପ୍ରବଚନ ଦାନ କଣ ମାନେ, ଲେଖା ହେଇଥିବା ପ୍ରବଚନ ସବୁ ଈଶ୍ୱରଙ୍କ ଆତ୍ମା ସାହାଯ୍ୟରେ ବହୁତ ସ୍ୱଷ୍ଟ ଭାବରେ ଉପଦେଶ କରିବା । ଏହା ମଧ୍ୟ ଈଶ୍ୱର କିଛି ଲୋକଙ୍କୁ ଆଜି ଦିନରେ ଦେଉଛନ୍ତି । କେତେକ ବାଇବଲ କାଳର

ଭବିଷ୍ୟତ ଭକ୍ତ ପରି ଭବିଷ୍ୟତ ଭକ୍ତ ଆଜି ଦିନରେ ନାହିଁ ବୋଲି କହୁଛନ୍ତି । ସେ ଦାନ ବାଇବଲ କାଳରେ ହିଁ ବନ୍ଦ ହୋଇଯାଇଅଛି ବୋଲି ସେମାନେ ଚିନ୍ତା କରୁଛନ୍ତି । ପାଳକମାନେ ହିଁ ଭବିଷ୍ୟତ ଭକ୍ତ ବୋଲି ସେମାନଙ୍କର ଚିନ୍ତା । ୧ କରିନ୍ଥୀୟ ୧୨:୧୦, ୧୪:୩୯, ୪୦, ୨ ପିତର ୧:୧୦, ୧୧ ।

# ଦଶମାଂସ

ସେମାନଙ୍କ ଆୟରେ ଦଶମାଂସ ମନ୍ଦିରରେ ସମର୍ପଣ କରିବା ଯିହୁଦୀମାନେ ଆଜ୍ଞା ପାଳନ କରିବା ହେଲେ, ତାହାଠାରୁ ଅଧିକ ସମର୍ପଣ କରିବା ଆମ୍ଭମାନଙ୍କର ଅନୁଭବ ଆଜ୍ଞା ପାଳନ ହେଇ ରହିବା ନାହିଁ କି ? ମାଥିଉ ୫:୨୦, ୧ କରିନ୍ଥୀୟ ୧୬:୨, ୨ କରିନ୍ଥୀୟ ୮:୪,ମାଲକୀ ୩:୧୦ ।

# ଲକ୍ଷଣ ଗୁଡିକ

**୧. ଦର୍ଶନ ଲକ୍ଷଣ :** ଏଠାରେ ସବୁ ବିଷୟ ଦର୍ଶନ ହେଇ ପାରିବ । ଭୂଲୋକ, ସ୍ୱର୍ଗ, ପାତାଳ ଲୋକ, ବାୟୁମଣ୍ଡଳ, ଏହି ଇତ୍ୟାଦି ସ୍ଥଳ ଗୁଡିକ, ତହିଁରେ ସମସ୍ତ ସମୟାନୁସାରେ ଦେଖା ହେଇ ପାରିବ ଏହାକୁ ଦର୍ଶନ ବୋଲି କୁହାଯାଏ । ଈଶ୍ୱର, ଦୂତମାନେ, ମହିମା ଦେଖା ହେଲେ ମଧ୍ୟ ଆନନ୍ଦ । ଅପବିତ୍ର ସ୍ଥାନ, ଭୟଙ୍କର ସ୍ଥାନ ଗୁଡିକ, ବିପଦ ଏହି ଇତ୍ୟାଦି ଦେଖା ହେଲେ ମଧ୍ୟ ଆନନ୍ଦ କାହିଁକି ମାନେ ତାହା ଅଛି ତେଣୁ ଦେଖା ହେବ ନା । ଯିଶାଇୟ ୬ ଅଧ୍ୟାୟ ଗଣନା ୧୨:୮, ପ୍ରେରିତ ୯:୧୨, ୯:୨୭, ୧୦:୩,୪,

୧୬:୯, ୧୦, ଏଫସି ୩:୩ । ମାଥିଉ ୧୭:୩, ଯୋହନ ୪:୭, ଲୂକ ୧୦:୧୮, ୧୯ ।

# ସ୍ୱର ଲକ୍ଷଣ

ଏଥିରେ ଉପରେ ଲେଖା ହେଇଥିବା ମାନଙ୍କ ଭିତରେ ଯେ କେହି କଥା ହେଉଥିବା କଥା ଗୁଡିକ ଶୁଣା ଯାଉଥାଏ, ବିଶିଷ୍ଟ ଭାବରେ ପ୍ରଭୁଙ୍କ, ପବିତ୍ର ଗଣଙ୍କ କଥା ଶୁଣା ଯାଏ । ମୋ ମେଷ ସବୁ ମୋହର ସ୍ୱର ଶୁଣନ୍ତି । ବୋଲି ପ୍ରଭୁ ଯୀଶୁ ଯୋହନ ୧୦ ଅଧ୍ୟାୟରେ କହିଥିବା କଥା ଏବେ ସ୍ମରଣକୁ ଆସୁଅଛି । ୧ ସମୂଏଲ ୩:୧୨, ୧ ରାଜବଳୀ ୧୯:୧୨, ଯୋହନ ୧୦:୨୭, ପ୍ରେରିତ ୯:୪, ପ୍ରକାଶିତ ୧:୧୧-୧୨.

# ଲେଖା ଲକ୍ଷଣ

ଏହାରେ ସନ୍ଦେଶ, ବାୟରେ ଲେଖା ହୋଇଥିବାର ଅକ୍ଷର ଦେଖା ଯିବ । କିମ୍ବା ମୁଦ୍ରିତ ଅକ୍ଷର ପରି ଦେଖା ଯିବ । ଦାଉଦଙ୍କୁ ଈଶ୍ୱର ମନ୍ଦିର ନିର୍ମାଣ ପଦ୍ଧତି ଲେଖନ ଦ୍ୱାରା ଦେଖାଇଲେ ବୋଲି ବଂଶାବଳୀରେ ଲେଖା ହୋଇଅଛି ନା ! ଗୋଟେ ଗୋଟେ ବେଳରେ ଲେଖନ ମଧ୍ୟ ଦେଖା ଯିବ । ଆହୁରି ସ୍ୱର୍ଗରୁ ଗୋଟିଏ କଳା ପଟା ଆସିବ । ତାହା ଉପରେ ଜଣେ ଲେଖି ଦେଖାଇବେ । ତାହାକୁ ପଢ଼ି, ଖାତାରେ ଲେଖି ପାରିବେ ।

# ସପ୍ନ ଲକ୍ଷଣ

ପ୍ରଭୁ ଯୋଷେଫଙ୍କୁ ସ୍ୱପ୍ନରେ ଦେଖାଦେଇ ବିଷୟ ପ୍ରକାଶ କଲା ପରି ବିଶ୍ୱାସୀକୁ ପ୍ରଭୁ ସ୍ୱପ୍ନରେ ଦେଖା ଦେଇ ଜଣାଇବେ । ସକାଳେ

ସମୟରେ ସ୍ୱପ୍ନରେ ଯଦି ଦେଖା ହେଲେ ତାହା ଲକ୍ଷଣ ନାହିଁ । ଈଶ୍ୱରଙ୍କ ଲକ୍ଷଣ ସପ୍ନ ଲକ୍ଷଣ ହିଁ । ଆଦି ୩୭:୭-୧୦, ଗଣନା ୧୨:୬, ୧ ରାଜାବଳୀ ୩:୫, ମାଥିଉ ୧:୨୦, ୨:୧୨,୧୩, ୨୭:୧୯ ।

## କଳ୍ପନା ଲକ୍ଷଣ

ଏହା ମଧ୍ୟ ଈଶ୍ୱରଙ୍କ ଲକ୍ଷଣରେ ଗୋଟିଏ ଅଟେ । ପବିତ୍ର ଆତ୍ମା ଓ ଆମ୍ଭମାନଙ୍କ ଦୃଷ୍ଟିରେ ଉତ୍ତମ ଦେଖାଗଲା । ପ୍ରେରିତ ୧୫:୨୮, ୨୯ ଅଛି । ନିହିମୀୟ ୨:୧୨ ।

## ଜ୍ଞାନ ଲକ୍ଷଣ

ଏହା ଈଶ୍ୱର ଅନୁଗ୍ରହ କରିଥିବା ଜ୍ଞାନ ଯୋଗୁଁ ଗ୍ରହଣ କରି ପାରିବା ଶକ୍ତି ଶୋଲମନ, ବେଶ୍ୟାମାନଙ୍କୁ ବିଚାର କରିଥିବା ଜ୍ଞାନ ଯୋଗୁଁ ନା ! ଜ୍ଞାନ ଯୋଗୁଁ ନୂତନ ମେଷିନ, ଜାହାଜ, ଉଡାଜାହାଜ, ଇତ୍ୟାଦି ତିଆରି କରିବା ଈଶ୍ୱରଙ୍କ ସର୍ବଜନୀନ ପ୍ରେମ ଅବିଶ୍ୱାସୀମାନଙ୍କୁ ମଧ୍ୟ ଏହିପରି ଜ୍ଞାନ ଦେବ । ଏହା ଆତ୍ମିକ ଜ୍ଞାନ ନୁହେଁ । ବିଶ୍ୱାସୀମାନଙ୍କୁ ଆତ୍ମୀୟ ଜ୍ଞାନ ଦିଆ ଯିବ । ଜ୍ଞାନ ମଧ୍ୟ ଗୋଟିଏ ଦାନ ବୋଲି ବାଇବଲରେ ଅଛି ।

୧ ରାଜାବଳୀ ୩:୧୧-୧୨, ପ୍ରେରିତ ୬:୧୦, ୧ କରିନ୍ଥୀୟ ୧:୬, ୧୨:୮ ।

# ବାକ୍ୟ ଲକ୍ଷଣ

ଆମେ ପ୍ରାର୍ଥନା କଲା ପରେ, ଜ୍ଞାନ ବ୍ୟବହାର କରି ବାଇବଲ କାଢି ଜାଗ୍ରତରେ ଖୋଜିଲେ, ଆମ ପ୍ରାର୍ଥନାକୁ ଠିକ ବାକ୍ୟ ପାଇବେ । ଲୂକ ୪:୧୭,୧୮ ଅଜ୍ଞାନରେ ଖୋଜିଲେ ଆବଶ୍ୟକ ବାକ୍ୟ ପାଇ ପାରିବ ନାହିଁ । ଉଦାହରଣ : ଗୋଟିଏ ସମୟରେ କ୍ରେକର ମିଶନମାନେ ହେ ପ୍ରଭୁ ! ମୁଁ କଣ କାମ କରିବାର ଅଛି, ତୁମ ବାକ୍ୟରେ ଦେଖାଇଥିବା ପ୍ରକାର କରିବି ବୋଲି ପ୍ରାର୍ଥନା କରି, ବାଇବଲ ଖୋଲିବାରୁ ଯିହୁଦା ଫାଶୀ ପକାଇଲେ ବୋଲି ଆସିଲା । ଏହିଟା ଠିକ୍ ନାହିଁ ବୋଲି ଆଉଥରେ ଖୋଲିଲେ ତୁମେ ମଧ୍ୟ ଯାଇ ସେପରି କର ବୋଲି ଆସିଲା । ଲଜ୍ଜା ପଡି ପୁନର୍ବାର ଖୋଲିଲା ନାହିଁ । ଏହା ମୂର୍ଖ ଭକ୍ତି । ତୁମଠାରେ ଜ୍ଞାନ ନାହିଁ ।

ଶରା : ୧) କେତେକଙ୍କୁ ଏହି ଲକ୍ଷଣରେ କୌଣସି ଗୋଟିଏ ଅଛି । କେତେକଙ୍କ ଦୁଇ ବା ତିନି ଥିବ । କେତେକଙ୍କ ସବୁ ରହିବ । ଏହାକୁ ଠିକ ରୀତିରେ ବ୍ୟବହାର କରିବା ଯୋଗୁଁ, ଦାନ ବ୍ୟବହାର ଭିତରକୁ ଆସିବ । ଭୟଙ୍କର ସଂଗତି କଣ ମାନେ, ଭୂତ ଦେଖା ହେଲେ ପ୍ରଭୁ ବୋଲି କେତେକ କହିବେ । କେତେକ ପ୍ରଭୁ ଦେଖା ହେଲେ ଭୂତ ବୋଲି କହିବେ । ଜଳ ଉପରେ ପ୍ରଭୁ ଦେଖା ଦେଲେ, ଶିଷ୍ୟମାନେ ଭୂତ ବୋଲି ଭାବିଥିଲେ । ସେଥିପାଇଁ ଜାଗ୍ରତରେ ଆଲୋଚନା କରିବାର ଅଛି । ଶୟତାନ ଉଜ୍ଜ୍ୱଳ ଦୂତ ବେଶ ଧାରଣ କରିବ ବୋଲି ପାଉଲ ଲେଖୁଅଛନ୍ତି ।

୨) ଅପେକ୍ଷା କରିବା ସମୟରେ ଏହି ଦାନ ବ୍ୟବହାର ରହିବ । ମାତ୍ର କେତେକଙ୍କୁ ସବୁ ସମୟରେ ଏହି ଦାନ ବ୍ୟବହାରରେ ରହିବ । ହୃଦୟ ସ୍ଥିତି ଯୋଗୁଁ ଏହି ଦାନ ରହିବ । ବିଶ୍ୱାସୀମାନେ ! ଭୁଲ ଦର୍ଶନକୁ ପିଶାଚି ମାନଙ୍କୁ ଦୂର ହୁଅନ୍ତୁ । ଆହୁରି ଦର୍ଶନ ବୁଝିପାରି ନଥିଲେ ବୁଝିବା ପାଇଁ ପ୍ରାର୍ଥନା କରନ୍ତୁ ।

୩) ଗୋଟେ ଗୋଟେ ସମୟରେ ସ୍ୱପ୍ନ ଠିକ ହେଇ ନ ପାରିବ, ଗୋଟେ ଗୋଟେ ସମୟରେ ଦର୍ଶନ ଠିକ ହୋଇ ନ ପାରିବ । ଗୋଟେ ଗୋଟେ ସମୟରେ କଳ୍ପନା ଠିକ ହୋଇ ନପାରିବ ମାତ୍ର ବାକ୍ୟ ଲକ୍ଷଣ  ସଦାବେଳେ ଠିକ ରହିବ । କାହିଁକିମାନେ ତାହା ଲେଖିତ ହୋଇ ଅଛି । ତେଣୁ ତାହାକୁ ବଦଳିବାକୁ ନାହିଁ । କେମିତି ମାନେ ମାଗ ତୁମ୍ଭଙ୍କୁ ଦିଆ ଯିବ ବୋଲି ବାକ୍ୟ ଥିଲେ ଏହାକୁ କିଏ ବଦଳି ପାରିବେ ? ନାହିଁ ବୋଲି କିଏ କହି ପାରିବେ ? ଦେବଦୂତମାନେ କହିବେ ନାହିଁ ମାତ୍ର, ଆତ୍ମମାନଙ୍କ କଥା ହିଁ ଜୀତିବ । କାହିଁକି ମାନେ ପତ୍ର ବଦଳି ପାରିବ ନାହିଁ । କଥା ହେଲେ ବଦଳି ପାରିବ ।

୪) ତୁମ୍ଭେ ପ୍ରାର୍ଥନା କରୁଥିଲେ ସଫଳ ହୋଇ ନାହିଁ ବୋଲି ଅନ୍ୟ ଲୋକ ବା ତୁମ୍ଭ ନି୍ଜ ମନ ବା ପିଶାଚି ଯୋଡି କହିଲେ, ସେ କଥା କେତେ ମଧୁର ରହିଲେ ମଧ ବିଶ୍ୱାସ କର ନାହିଁ । ଲେଖିତ ବାକ୍ୟ ହିଁ ବିଶ୍ୱାସ କର । ସେତେବେଳେ ମଙ୍ଗଳ ହେବ ।

ପାଦ ଶୁଦ୍ଧି : ପ୍ରଭୁ ଶିଷ୍ୟମାନଙ୍କ ପାଦ ଧୋଇଲେ । ତୁମ୍ଭେମାନେ ମଧ ଏହିପରି କର ବୋଲି କହିଲେ । ଏହି କଥା ଯୋଗୁଁ

ପାଳକମାନେ ଆଜି ଦିନ ମଧ୍ୟରେ, ପ୍ରଭୁ ଭୋଜନ ସମୟରେ ସଭ୍ୟମାନଙ୍କ ପାଦ ଧୋଇବାର ଅଛି ।

**ପ୍ରଭୁ ଭୋଜନ :** ଏହି ଭୋଜନ ସମୟରେ ବିଶ୍ୱାସୀଙ୍କୁ ଅନ୍ତର୍ଗତ ଭାବରେ, ଖ୍ରୀଷ୍ଟଙ୍କ ଶରୀର ରକ୍ତ ତାହାଠାରୁ ପାଇବ । ପ୍ରଭୁ ଭୋଜନ କେତେ ଥର ଆଚରଣ କଲେ ସେତେ ଉତ୍ତମ । ପ୍ରଭୁ ଭୋଜନ ପାଇଲା ସଙ୍ଗେ ସଙ୍ଗେ କେତେକ ରୋଗୀମାନେ ସୁସ୍ଥତା ପାଇବେ । ମାଥିଉ ୨୬:୨୬-୨୯, ୧ କରିନଥିୟ ୧୧:୨୩-୩୪ ।

**ଦୈବିକ ସୁସ୍ଥତା :** ଔଷଧ ବିନା, କେବଳ ବିଶ୍ୱାସ ଦ୍ୱାରା ହିଁ ରୋଗ ଭଲ କରିବାକୁ ଦୈବିକ ସୁସ୍ଥତା ବୋଲି କୁହାଯାଏ । ସଦା ପ୍ରଭୁଙ୍କୁ ଆଶ୍ରୟ ନ କରିବାରୁ ଆଶାକୁ ଦଣ୍ଡ ଆସିଲା । ମାତ୍ର ଔଷଧ ବ୍ୟବହାର କରିବା ଦ୍ୱାରା ନାହିଁ । ମୂଳିକାରେ ଈଶ୍ୱର ସ୍ୱୟଂ ସୁସ୍ଥ ହେବା ଶକ୍ତି ରଖିଲେ ବୋଲି ଆମ ଅନୁଭବ ଦ୍ୱାରା ଜାଣି ପାରୁଅଛୁ । ବ୍ରୋଣକୁ ଜୀତ ଫଳ ବାନ୍ଧିବାର ଅଛି । ସେ କଥା ଯୋଗୁଁ ଦେଖିଲେ, ଔଷଧ ନିଷେଧ ନାହିଁ ବୋଲି ଦେଖାଯାଉଅଛି । ମାତ୍ର କେବଳ ବିଶ୍ୱାସ ଦ୍ୱାରା ହିଁ ଭଲ କରିବା ଉତ୍ତମ ।

ଯାତ୍ରା ୧୫:୨୬, ଗୀତସଂହିତା ୧୦୭:୨୦, ଯିଶାଇୟ ୫୩:୫, ମାଥିଉ ୪:୨୩-୨୪, ପ୍ରେରିତ ୩:୧୬, ୧ ପିତର ୨:୨୪ ।

**ଭୂତ ଛଡାଇବା :** ଏହା ପ୍ରଭୁ ତାହାଙ୍କ ଶିଷ୍ୟମାନଙ୍କ ଦେଇଥିବା ଗୋଟିଏ ମହାନ ଦାନ । ଆଜି ଦିନ ମଧ୍ୟରେ ପ୍ରଭୁ ଏହି ଦାନକୁ କେତେକଙ୍କୁ ଦେଉଅଛନ୍ତି । ବିଶ୍ୱାସୀ, ଅଶୁଚି ଆତ୍ମା ଧରିଥିବା ଲୋକଙ୍କ ନିକଟରେ ବାକ୍ୟ ଉପଦେଶ କରି, ପ୍ରାର୍ଥନା କରିବା ଦ୍ୱାରା

ପ୍ରଭୁ ଅଶୁଚି ଆତ୍ମାକୁ ଛଡାଇବେ । ଏହା ମଧ୍ୟ ଆମେ ଚେଷ୍ଟା କରୁଅଛୁ । କେତେକ ଭୂତ ଅଛି ବୋଲି ବିଶ୍ୱାସ କରିବେ ନାହିଁ । ସେପରି ବିଶ୍ୱାସ ନ କରିବା ଭୂତ ମାନଙ୍କୁ ବହୁତ ପସନ୍ଦ । ମାଥିଉ ୧୦:୮, ମାର୍କ ୧୬:୧୭ ।

# ପବିତ୍ରମାନଙ୍କ ସହବାସ

ବିଶ୍ୱାସ ପ୍ରମାଣରେ ପବିତ୍ରମାନଙ୍କ ସହବାସ ବୋଲି ବିଶ୍ୱାସ କରୁଅଛୁ ବୋଲି ଅଛି । ପବିତ୍ରଗଣମାନେ ଏହି ଜଗତରେ ପବିତ୍ରଗଣ, ସର୍ଗର ପବିତ୍ରଗଣ । ଏହି ଜଗତ ପବିତ୍ରଗଣଙ୍କ ସହିତ ସହବାସ କରିବା ସହଜ । ସ୍ୱର୍ଗ ପବିତ୍ରଗଣଙ୍କ ସହିତ ସହବାସ କରିବା ପାଇଁ ଆମେ ଶିକ୍ଷା ଦେଉଅଛୁ । ସେମାନେ ଆମ ପ୍ରର୍ଥନାକୁ ଆସିବେ ନା ! ରୂପାନ୍ତର ପର୍ବତ ଉପରକୁ ମୋଶା ଏଲିୟ ଆସିଲେ ବୋଲି ବିଷୟ, ପ୍ରଭୁଙ୍କ ମରଣ ଦିନରେ ପବିତ୍ରଗଣ ଆସିଥିଲେ ବୋଲି ବିଷୟ, ଆରୋହଣ ଦିନରେ ଦୁଇ ଜଣ ମନୁଷ୍ୟ । ଆସିଲେ ବୋଲି ବିଷୟ ଏହି ସୁଯୋଗରେ ବିବରଣୀ ଦେଉଅଛି ମାଥିଉ ୧୭:୧-୪, ୨୭:୫୨, ୪୩:ପ୍ରେରିତ, ୧:୧୦-୧୧ ।

# ଈଶ୍ୱରଙ୍କ ବାକ୍ୟ

ବାଇବଲ ଗ୍ରନ୍ଥ ଈଶ୍ୱରଙ୍କ ପ୍ରେରଣ ଦ୍ୱାରା ଲିଖିତ ହେଇଥିବା ଗ୍ରନ୍ଥ । ଖ୍ରୀଷ୍ଟୀୟ ଧର୍ମକୁ ମୂଳ ଗ୍ରନ୍ଥ । ଈଶ୍ୱରଙ୍କ ମନକୁ ଦେଖାଇଥିବା ଗ୍ରନ୍ଥ । ଏହି ଗ୍ରନ୍ଥରେ ଲେଖାହୋଇଥିବା ଅନୁଗ୍ରହ ଦାନ ସବୁ, ସବୁ ସମୟରେ ଈଶ୍ୱର ତାହାଙ୍କ ଇଚ୍ଛାଜନକ ଲୋକମାନଙ୍କୁ ଦୟା କରିବେ ।

Bible Mission HQ Guntur

ସୃଷ୍ଟି ଦ୍ୱାରା, ମନସାକ୍ଷୀ ଦ୍ୱାରା, ଦେବ ଲକ୍ଷଣ ଦ୍ୱାରା, ଉପକାର ଦ୍ୱାରା, କଷ୍ଟ ଦ୍ୱାରା, ଈଶ୍ୱର କିଛି ବିଷୟ ଗୁଡିକ ପ୍ରକାଶ କରିବେ । ମାତ୍ର ସବୁଠାରେ ବାଇବଲ ଲିଖିତ ବାକ୍ୟ ମାନବମାତ୍ର ହୋଇଥିବା ଆମ୍ଭମାନଙ୍କ ଚକ୍ଷୁକୁ ସବୁ ଦେଖାଇବେ । ସେଥିପାଇଁ ବହୁ ବିଶ୍ୱାସନୀୟ । ଆମ୍ଭମାନଙ୍କ ବାକ୍ୟ ଦେଖାଇଥିବା ବେଳେ ଶୟତାନର ପାଟି ପଡିଯିବ । ସେଥିପାଇଁ ହିଁ ପ୍ରଭୁ ଯୀଶୁ ଏହା ଲେଖା ହେଇଅଛି ବୋଲି ତିନି ଥର କହି, ଶୟତାନକୁ ତଡ଼ିଦେଲେ । ଗୀତସଂହିତ ୧୧୯:୭୨, ମାଥିଉ ୪ ଅଧ୍ୟାୟ, ଏବ୍ରୀ ୪:୧୨, ୧୧:୩ ।

# ଅପେକ୍ଷା କରିବା

ପ୍ରତ୍ୟେକ ଲୋକ ପ୍ରତିଦିନ ପ୍ରାର୍ଥନାରେ, ଗୋଟିଏ ଘଣ୍ଟା ଅପେକ୍ଷା କରିବା ବ୍ୟବହାର ପାଇ ରହିବା ଉତ୍ତମ । ଗୋଟିଏ ନିବେଦନ ପାଇଁ ପ୍ରାର୍ଥନା କରି ଶେଷ କରି ସଙ୍ଗେ ସଙ୍ଗେ ନ ଯାଇ, ସେଠାରେ ହି କିଛି ସମୟ ଅପେକ୍ଷା କରିବା ଦ୍ୱାରା, ପ୍ରଭୁ ଆମ୍ଭମାନଙ୍କ ହୃଦୟରେ ତାହାର ଜବାବ ଜନ୍ମଇବେ ଗୋଟିଏ ଘଣ୍ଟା ଅପେକ୍ଷା ବୋଲି ଛୋଟ ପୁସ୍ତକ । ଗୀତସଂହିତା ୩୯:୭ ।

# ଈଶ୍ୱରଙ୍କ ଉପସ୍ଥିତି

୧. ଅନୁକୂଳ ସମୟରେ, ଗୋଟିଏ ଜାଗାକୁ ଦେଖି ଉଦର ଶୁଦ୍ଧି, ହୃଦୟ ଶୁଦ୍ଧି, ଦେହ ଶୁଦ୍ଧି, ବସ୍ତ୍ର ଶୁଦ୍ଧି ରହିଥିବା ୭ଜଣ ପ୍ରତ୍ୟେକ ଦିନ ଏକତ୍ର ହୋଇ ଗୀତ ଗାଇ, ବାକ୍ୟ, କ୍ରମ ଭାବରେ ପାଠ କରି, ପ୍ରାର୍ଥନା ପାହାଚ ପ୍ରକାର କାର୍ଯ୍ୟକ୍ରମ କରି, ତାପରେ ପ୍ରଭୁଙ୍କୁ ତୁମ

ଇଛାନୁସାରେ ପ୍ରଶ୍ନ ପଚାରି ଜବାବ ନିମନ୍ତେ ଅପେକ୍ଷା କଲେ, ପ୍ରଭୁ ଦେଖା ଦେଇ କଥା ହେବେ, ଉତ୍ତର ଦେବ ।

୨. (୧) ଗୋଟିଏ ଥର ସେ ଦେଖାଦେଇ କଥା କହିବେ, (୨) ଆଉ ଗୋଟିଏ ଥର ଦେବଦୂତମାନଙ୍କୁ ପଠାଇବେ, (୩) ଆଉ ଗୋଟିଏ ଥର ମୋକ୍ଷ ଲୋକ ପବିତ୍ରମାନଙ୍କ ଆତ୍ମାକୁ ପଠାଇବେ, (୪) ଅନ୍ୟ ଥର ଭୂଲୋକ ଭକ୍ତମାନଙ୍କ ଆତ୍ମାଙ୍କୁ ପଠାଇବେ, (୫) ତାପରେ ଭୂଲୋକରେ ଭକ୍ତିହୀନମାନଙ୍କ ଆତ୍ମାକୁ ପଠାଇବେ, (୬) ତାପରେ ଭକ୍ତିହୀନ ହେଇଥିବା ମୃତ ହୋଇଥିବା ଆତ୍ମାକୁ ପଠାଇବେ, (୭) ଆଶା କରୁଥିବା ବସ୍ତୁକୁ, ଆଶା କରିଥିବାମାନଙ୍କୁ ମଧ୍ୟ ପଠାଇବେ । ସେମାନେ ସମସ୍ତେ ଦେଖାଦେଇ କଥା କହି ପ୍ରତ୍ୟୁତ୍ତର ଦେବେ, (୮) ତାପରେ ଗୋଟିଏ ଭୂତକୁ ମଧ୍ୟ ଆସିବାକୁ ଦେବ । ଶେଷକୁ ସେ ଭୂତ ଦୌଡି ଗଲାପରେ, ପ୍ରଭୁ ଆସି ସେ ଭୂତ କହିଥିବା କଥା ବିଶ୍ୱାସ କର ନାହିଁ । ତାହାର କଥାକୁ ଭୟ କର ନାହିଁ ବୋଲି ସାନ୍ତ୍ୱନା ଦେବେ ।

୩) କେତେ ମହାନ ବଂଶରେ ଜନ୍ମ ଗ୍ରହଣ କଲେ ମଧ୍ୟ, କେତେ ଆରୋଗ୍ୟ ଧନ ବିଦ୍ୟା ଚାକିରୀ, ନା, ବନ୍ଧୁତ୍ୱ ସମ୍ପାଦନା କଲେ ମଧ୍ୟ, ଈଶ୍ୱରଙ୍କ ଉପସ୍ଥିତି ସହିତ ସମାନ ହୋଇ ପାରିବ କି ? ଧ୍ୟାନ ବିଦ୍ୟା ଦ୍ୱାରା ଅତିରିକ୍ତ ସବୁ ବିଷୟରେ ବୃଦ୍ଧି ସହାୟ ହେବ ।

ଯାତ୍ର ୩୩:୧୪, ୧୫, ଗୀତସଂହିତ ୧୬:୧୧,୩୧:୨୦, ୩୨:୭, ସିଫନୀୟ ୧:୭, ପ୍ରେରିତ ୯:୨୭, ଏଫେସି ୩:୩, ପ୍ରେରିତ ୧୦:୩,୪, ମାଥିଉ ୧୭:୩, ପ୍ରେରିତ ୧୬:୯, ୧୦, ଯାକୁବ ୪:୭-୮ ।

# ବିଶ୍ୱାସ ଜୀବନ

ପରିତ୍ରାଣ ଗୋଟେ ଖ୍ରୀଷ୍ଟ ପ୍ରଭୁଙ୍କ ଦ୍ୱାରା ହିଁ ପାଇବ ବୋଲି ବିଶ୍ୱାସ କରିବା ବିଶ୍ୱାସ ଜୀବନ ଅଟେ । ଆହୁରି ପୋଷଣ ମଧ ପ୍ରଭୁ ଯୀଶୁଙ୍କ ଦ୍ୱାରା ହିଁ ହେବ ବୋଲି ବିଶ୍ୱାସ କରିବା, ବିଶ୍ୱାସ ଜୀବନ ହେଇଅଛି । ମାନେ ଶରୀର ଆତ୍ମୀୟ ଜୀବନକୁ ଆବଶ୍ୟକ ସବୁ ପରିପୂର୍ଣ୍ଣ ଭାବରେ ପାଇବ ବୋଲି ବିଶ୍ୱାସ କରିବାଟା ହିଁ ବିଶ୍ୱାସ ହୋଇଅଛି । ବାଇବଲ ମିଶନ ଲୋକମାନେ ପୋଷଣ ବିଷୟରେ ଅନ୍ୟ ମିଶନମାନଙ୍କୁ ବା ମନୁଷ୍ୟମାନଙ୍କୁ ନ ମାଗି ପାଉଛନ୍ତି । ଈଶ୍ୱର ସମୟାନୁସାରେ କାହା ଦ୍ୱାରା ହେଲେ ଜଣଙ୍କ ଦ୍ୱାରା ସହାୟ ପଠାଉଛନ୍ତି । ଈଶ୍ୱରଙ୍କୁ ପ୍ରଶଂସା ହେଉ ବାଇବଲ ମିଶନମାନେ ପ୍ରଭୁ ଦର୍ଶନରେ ଦେଖା ଦେଇ ସ୍ୱୟଂ କଥା ହେବା ମିଶନ ହୋଇଅଛି । ମାଥିଉ ୧୦:୧୦, ଫିଲିପୀ ୪:୧୯, ୧ ତିମଥି ୬:୧୭ ।

# ବଧୂ କନ୍ୟା

ପରିତ୍ରାଣପ୍ରାପ୍ତ ସମସ୍ତେ ଏହି ମଣ୍ଡଳୀରେ ଥିବା ଲୋକମାନେ ନୁହଁନ୍ତି ମାତ୍ର ହୃଦୟ ସ୍ଥିତି ଯୋଗୁଁ ପ୍ରଭୁ ମନୋନୀତ କରିଥିବା ଲୋକ ଏହି ବଧୂ କନ୍ୟା ମଣ୍ଡଳୀର ସଭ୍ୟଗଣ । ଆହୁରି ଏମାନଙ୍କଠାରେ କେହି ପ୍ରଭୁ ଆସିବା ପର୍ଯ୍ୟନ୍ତ ରହିବେ, ସେମାନେ ସଜୀବ ରୂପେ ସ୍ୱର୍ଗାରୋହଣ ହେବେ । କିଏ ପ୍ରଭୁଙ୍କ ଆଗମନ ବିଶ୍ୱାସ କରି ପ୍ରସ୍ତୁତ ହେବେ । ସେମାନେ ମହିମା ଶରୀରଧରି ହୋଇ ପ୍ରଭୁ ଆସିଲାବେଳେ ତାହାଙ୍କ ସହିତ ମେଘ ଚଢ଼ିଯିବେ । ଖ୍ରୀଷ୍ଟଙ୍କଠାରେ ମୃତ ହୋଇଥିବା

ଲୋକମାନେ ଉଠି ଆସିବେ । ସେହି ଦଳ ଏହି ଦଳ ମିଶି ବଧୂ କନ୍ୟା ବୋଲି କୁହାଯାଏ । ପ୍ରକାଶିତ ୨୨:୨୧, ଏବ୍ରୀ ୧୨:୨୩ ।

# ଆଭରଣ

ଆଭରଣ ଧାରଣ କରିପାରିବ ବୋଲି ଗୋଟିଏ ଜାଗାରେ, ଧାରଣ କରିପାରି ନାହିଁ ବୋଲି ଗୋଟିଏ ଜାଗାରେ, ବାଇବଲରେ ଲେଖା ହୋଇଅଛି । ତେଣୁ ସମୟାନୁସାରେ ଏହି ଦୁଇଟାକୁ ଅନୁସରଣ କରିପାରିବ । ପୁଣି, ତୁମ୍ଭର ହସ୍ତ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟିପକାଅ । ତେଣୁ ତୁମ ବିଘ୍ନର କାରଣ ହୋଇଥିବା ସବୁକୁ ତୁମେ କାଟିପାରିବ । ନୂତନ ଯିରୁଶାଲମରେ ବଧୂ କନ୍ୟା ଆଭରଣ ସହିତ ରହିବ ତାହା ମହିମା ଆଭରଣ । ବଧୂକନ୍ୟା ଏବେ ଭୂମି ଉପରେ ଅଛି । ଭୂମି ଉପରେ ଥିବା ବଧୂକନ୍ୟାକୁ ଆଭରଣ ନିଷେଧ ନୁହେଁ । ସଭ୍ୟତାହୀନ ଆଭରଣ ସମ୍ମାନକୁ ଖରାପ କରାଏ । ତୁମ ସମ୍ପତିକୁ ବିକ୍ରୟ କରି ଗରିବ ଲୋକମାନଙ୍କୁ ଦିଅ ବୋଲି ପ୍ରଭୁ ଗୋଟିଏ ଧନୀ ଲୋକଙ୍କ କହିଲେ । ସେ କଥା ଉତ୍ତମ ଶମିରୋଣୀୟ କାହାଣୀରେ ସମ୍ବନ୍ଧିତ ଆଦି ୨୪:୫୩, ଯାତ୍ର ୩:୨୨, ୧୨:୩୫, ୧ ପିତର ୩:୩, ମାର୍କ ୯:୪୩-୪୭ ।

**ଖ୍ରୀଷ୍ଟପ୍ରଭୁଙ୍କ ଦ୍ୱିତୀୟ ଆଗମନ** – ପ୍ରଭୁ ଦ୍ୱିତୀୟ ଥର ଆସିବା ଆଗମନକୁ ପୂର୍ବେ ଘଟିବା ଚିହ୍ନ ସବୁ ବିତିଯାଇଅଛି । ତେଣୁ ସେ ଅଳ୍ପ କାଳରେ ଶୀଘ୍ର ଆସିବ ବୋଲି ଆମେ ବିଶ୍ୱାସ କରୁଅଛୁ । ସେ ଯେତେବେଳେ ଆସିଲେ ମଧ୍ୟ, ଶୀଘ୍ର ଆସିବେ ବୋଲି ବିଶ୍ୱାସ କରିବାରେ କ୍ଷତି କିଛି ନାହିଁ ନା ! ବିଶ୍ୱାସ ନ କରିବା

ଦ୍ୱାରା କ୍ଷତି ଅଛି । ଖ୍ରୀଷ୍ଟପ୍ରଭୁଙ୍କର ଜୀବନରେ ଜନ୍ମ, କ୍ରୁଶ, ମରଣ, ପୁନରୁତ୍ଥାନ, ଆରୋହଣ ସବୁ ବିଶ୍ୱାସ କରି ଶେଷ ବିଷୟ ହେଇଥିବା ଆଗମନ ବିଶ୍ୱାସ ନ କଲେ କଣ ପ୍ରୟୋଜନ ? ୧ ଥେସ ୪:୧୩-୧୮, ମାଥିଉ ୨୪ ଅଧ୍ୟାୟ । ମାର୍କ ୧୩ ଅଧ୍ୟାୟ, ଲୁକ ୨୧ ଅଧ୍ୟାୟ ।

**ସାତବର୍ଷ କ୍ଳେଶ :** ବିଶ୍ୱାସୀମାନଙ୍କ ମଣ୍ଡଳୀ (ବଧୁକନ୍ୟା) ଚାଲିଗଲା ପରେ ଭୂମି ଉପରେ ଅତିରିକ୍ତ ଲୋକମାନଙ୍କୁ ସାତ ବର୍ଷ କ୍ଳେଶ ଥିବ । ଭଣ୍ଡ ଖ୍ରୀଷ୍ଟ ବୋଲି ବିରୋଧି ଦ୍ୱାରା ତାହା ହେବ । ସେ ସମୟରେ ଅନେକ ଲୋକ ମନ ପରିବର୍ତ୍ତନ ପାଇବେ । ପ୍ରକାଶିତ ୬:୧-୧୮, ମାର୍କ ୧୩:୧୯, ସିଫନୀୟ ୧:୧୪-୧୮, ପ୍ରକାଶିତ ୬:୧୭ ।

**ହରମେଗେଦ୍ଦନ ଯୁଦ୍ଧ :** ଖ୍ରୀଷ୍ଟପ୍ରଭୁ ସ୍ୱର୍ଗରୁ ଆସି ଭଣ୍ଡଖ୍ରୀଷ୍ଟଙ୍କ ସହିତ ହରମେଗେଦ୍ଦନଠାରେ ଯୁଦ୍ଧ କରି, ତାହାଙ୍କୁ ତାହାଙ୍କ ସାହାଯ୍ୟକାରୀ ହେଇଥିବା ମିଥ୍ୟା ଭାବୋବାଦୀକୁ, ଭୂତକୁ ଅଗ୍ନି କୁଣ୍ଡରେ ପକାଇବେ । ହେଲେ ଶୟତାନକୁ ହଜାର ବର୍ଷ କାରାଗାରରେ ବନ୍ଦ ରଖିବ । ପ୍ରକାଶିତ ୧୬:୧୨-୧୫, ୧୯:୧୯-୨୦, ଯିଖରୀୟ ୧୪ ଅଧ୍ୟାୟ

**ହଜାର ବର୍ଷ ଶାସନ :** ଖ୍ରୀଷ୍ଟପ୍ରଭୁ ଭୂମି ଉପରେ ଶାନ୍ତି ଶାସନ କରିବେ । ସେତେବେଳେ ହିଁ ସାରା ଜଗତକୁ ସୁସୁମଚାର ସମ୍ପୂର୍ଣ୍ଣ ଭାବରେ ଘୋଷଣା କରାଯିବ । ପ୍ରକାଶିତ ୨୦:୪-୬, ୧୯:୧୫,୧୬, ୫:୧୦ ।

**ସଜୀବମାନଙ୍କ ବିଚାର :** ହଜାର ବର୍ଷ ସୁସମାଚାର ଶୁଣିଥିବାମାନେ କଣ ସୁନିଶ୍ଚିତ କରିଛନ୍ତି ତାହା ଶୁଣି, ବିଚାର କରିବାକୁ

ପ୍ରଭୁ ଯୀଶୁ ଭୂମି ଉପରେ ସିଂହାସନ ପକାଇବେ । ଏହାକୁ ସଜୀବମାନଙ୍କ ବିଚାର ବୋଲି କୁହାଯାଏ । ଆହୁରି ମେଷ ଛାଗ ଅଲଗା କରିବା ବିଚାର କହିବେ । ମାଥିଉ ୨୫:୩୧-୪୬

**ଶୟତାନର ମୁକ୍ତ :** ପ୍ରଭୁ, ଶୟତାନକୁ ମୁକ୍ତ କରିବାରୁ, ସେ ଭୂମି ଉପରକୁ ଆସି ଅନେକମାନଙ୍କୁ ସୈନ୍ୟ ଭାବରେ ସଂଗ୍ରହ କରି ଯୁଦ୍ଧକୁ ଯିବ । ସେ ସୈନ୍ୟକୁ ଆକାଶ ଅଗ୍ନି ଦଗ୍ଧ କରିବ । ସେତେବେଳେ ପ୍ରଭୁ ଶୟତାନକୁ ଅଗ୍ନି କୁଣ୍ଡରେ ପକାଇବେ । ପ୍ରକାଶିତ ୨୦:୭-୧୦ ।

**ଶେଷ ବିଚାର :** ଆଦମଠାରୁ ଆରମ୍ଭକରି ସେତେବେଳେ ପର୍ଯ୍ୟନ୍ତ ସମାଧିରେ ରହି, ମନ ପରିବର୍ତ୍ତନ ନ ପାଇବାମାନେ ସମସ୍ତେ ଏହି ବିଚାର ମଧ୍ୟକୁ ଆସିବେ । ସେତେବେଳେ କେତେକ ହେ ପ୍ରଭୁ! ତୁମ୍ଭ ନାମରେ ଆମେ ଭବିଷ୍ୟତ ବାଣି କହି ନଥିଲା କି ? ବୋଲି ପଚାରିବେ । ପ୍ରକାଶିତ ୨୦:୧୧-୧୫, ଉପଦେଶକ ୧୨:୧୪, ଦାନିଏଲ ୭:୨୭, ଯୋହନ ୫:୨୭-୨୯ ।

**ପାରଦୀଶ :** ଖ୍ରୀଷ୍ଟଙ୍କଠାରେ ମୃତ୍ୟୁ ହୋଇଥିବା ମାନଙ୍କ ଆତ୍ମା ପରଦୀଶକୁ ଯିବ । ଏହା ମୋକ୍ଷଲୋକର ଅଂଶ ହିଁ ! ଆଜି ତୁମ୍ଭେ ମୋହର ସହିତ ପାରଦୀଶରେ ଉପସ୍ଥିତ ହେବ । ବୋଲି ପ୍ରଭୁ ଜଣେ ଦୁଷ୍କର୍ମୀ ସହିତ କହିଥିବା ସେହି ପାରଦୀଶ ହିଁ ! ପ୍ରଭୁଙ୍କ ପରି ଶିଷ୍ୟମାନେ ମଧ୍ୟ ପାତଳରେ ଶିକ୍ଷା କରିବେ । ଲୂକ ୧୬:୨୨, ୨୩:୪୩, ୨ କରିନଥିୟ ୧୨:୪, ପ୍ରକାଶିତ ୨:୭ ।

**ପାତାଳ :** ଏହା ପାତାଳ ଲୋକରେ ଗୋଟିଏ ଅଟେ । ମନ ପରିବର୍ତ୍ତନ ନ ପାଇବା ମନୁଷ୍ୟମାନଙ୍କ ଆତ୍ମା ଏଠାରେ ରହିବ । ପ୍ରଭୁ ଯୀଶୁ ଏହି ସ୍ଥାନକୁ ଯାଇ ସୁସମାଚାର ପ୍ରଚାର କରିଥିଲେ ବୋଲି ପିତର ଲେଖୁଛନ୍ତି । ଈଶ୍ୱର ସର୍ବଶକ୍ତିମାନ ଅଟନ୍ତି ସେଥିପାଇଁ ମନ ପରିବର୍ତ୍ତନ ନ କରିବା ମାନଙ୍କୁ ଜୀବନ୍ତରେ ମଧ୍ୟ ରକ୍ଷା କରିପାରିବା ଯଦି ମୁଁ ପାତାଳରେ ବିଛଣା କରେ, ତେବେ ଦେଖ, ତୁମ୍ଭେ ସେଠାରେ ମଧ୍ୟ ଉପସ୍ଥିତ ବୋଲି ଦାଉଦ ଗୀତସଂହିତା ୧୩୯:୮ରେ ଅଛି । ସାଧୁ ସୁନ୍ଦର ସିଙ୍ଗ ଲେଖିଥିବା ସ୍ୱର୍ଗୀୟ ଦର୍ଶନ ବୋଲି ବହିରେ, ଏହି ବିଷୟ ଜାଣି ପାରିବ । ଗୀତସଂହିତା ୯:୧୭, ୧୩୯:୮ ଆମୋଷ ୯:୨, ୧ ସମୂଏଲ ୨:୬, ୧ ପିତାର ୩:୪୦, ୪:୬, ଫିଲିପ୍ପୀୟ ୨:୯-୧୧ ।

**ସ୍ୱର୍ଗୀୟ ପ୍ରାର୍ଥନା ସମ୍ମିଳନୀ :** ଏଠାରେ ଭୂଲୋକ ନିମନ୍ତେ ପ୍ରାର୍ଥନା କରାଯାଏ । ଏହି ପ୍ରାର୍ଥନା ସମ୍ମିଳନୀର ବିଷୟ ବହୁତ ଆକର୍ଷଣୀୟ ଅଟେ । ପ୍ରକାଶିତ ୪:୬, ଯିଶାଇୟ ୬:୩, ଯିହିଯିକଲ ୧ ଅଧ୍ୟାୟ ।

**ନୂତନ ଯିରୁଶାଳମ :** ଏହା ବଧୂକନ୍ୟା କ୍ରମରେ ରହିଥିବା ମାନଙ୍କର ବାସ ସ୍ଥାନ । ପ୍ରକାଶିତ ୨୧:୨ ।

**ରକ୍ଷାପ୍ରାପ୍ତମାନଙ୍କ ମୋକ୍ଷ :** ଯେଉଁ ବିଶ୍ୱାସୀମାନେ ବଧୂକନ୍ୟା କ୍ରମ ଭିତରକୁ ଯାଇ ପାରିବ ନାହିଁ, ସେମାନେ ମୋକ୍ଷରେ ଆଉ ଗୋଟିଏ ଭାଗକୁ ଯାଇ ପାରିବେ । ତାହାହିଁ ରକ୍ଷାପ୍ରାପ୍ତ ମାନଙ୍କ ମୋକ୍ଷ । ପ୍ରକାଶିତ ୭:୧-୧୪, ୨୦:୪, ୧୪:୩ ।

**ଭୂଲୋକ ମୋକ୍ଷ :** ପାତ୍ର କାଳରେ ବିଶ୍ୱାସୀମାନେ ଭୂମି ଉପରେ ସଦାକାଳ ରହିଯିବ । ହଜାର ବର୍ଷ ପରେ ଏହି ଭୂମି ସ୍ୱର୍ଗରେ ଗୋଟିଏ ଭାଗ ହୋଇ ରହିବ । ପ୍ରକାଶିତ ୨୧:୧, ୨ ପିତର ୩:୧୩ ।

ବାଇବଲ ମିଶନ : ୧୯୩୮ ମସିହାରେ ଜାନୁଆରୀ ୩୨ ତାରିଖରେ ରାଜମହେନ୍ଦ୍ରିରେ ଈଶ୍ୱର ଏମ୍. ଦେବଦାସ ଆଜ୍ଞାଙ୍କୁ ବାୟୁରେ ବାଇବଲ ମିଶନ ବୋଲି ଲେଖି ଦେଖାଇଲେ । ଲୁଥର ମିଶନକୁ ପରିତ୍ୟାଗ କରିବାର ଅଛି ବୋଲି ପ୍ରଭୁ ତାହାଙ୍କୁ ଫିବ୍ରୁଆରୀ ମାସରେ ଲେଖି ଦେଖାଇଲେ । ଗୋଟିଏ ସୈନ୍ୟର ଯୁବରାଜା ତୁଲ୍ୟ ବାହାରକୁ ଆସିଯାଉ ବୋଲି ପ୍ରଭୁ ମାର୍ଚ୍ଚ ମାସରେ ଲେଖି ଦେଖାଇଲେ । ପ୍ରଭୁଙ୍କ ଆଜ୍ଞା ଯୋଗୁଁ ଲୁଥର ମିଶନକୁ ଇସ୍ତଫା ଦେଲେ । ମାତ୍ର ସେମାନେ ସ୍ୱୀକାର କଲେ ନାହିଁ । ହେଲେ ମଧ୍ୟ ଲୁଥରନ ମିଶନରେ ପ୍ରଭୁ ଭୋଜନ ସଂସ୍କାର ଦିନରେ ମନ୍ଦିରକୁ ଗଲେ । ସେମାନେ ତାହାଙ୍କୁ ମେଜ ପାଖକୁ ଆସିବାକୁ ହେଲେ ନାହିଁ । ଏହା ଏପ୍ରିଲ ମାସରେ ହେଲା । ମନ୍ଦିରରେ ପ୍ରତିଦିନ ବସିଥିବା ସ୍ଥାନରେ ବସି ହେ ପ୍ରଭୁ! ତୁମେ ହିଁ ମୋତେ ସଂସ୍କାର ଭୋଜନ ଦୟା କର ବୋଲି ପ୍ରାର୍ଥନା କରିବାରୁ, ପ୍ରଭୁ ହିଁ ସ୍ୱୟଂ ଭାବରେ ଦର୍ଶନରେ ଦେଖାଦେଇ ରୋଟି, ଦ୍ରାକ୍ଷାରସ ଦେଲେ । ସେ ତାହା ପୂର୍ବରେ ତ୍ରିଏକ ଈଶ୍ୱରଙ୍କ ଦ୍ୱାରା ଦର୍ଶନରେ ପାଳକ କାର୍ଯ୍ୟ ପାଇଁ ଅଭିଷେକ ପାଇଥିଲେ ଅଭିଷେକ ପାଇଥିଲେ ମଧ୍ୟ, ବିଜୟାରତ୍ନମ ଆଜ୍ଞାଙ୍କ ଦ୍ୱାରା ବାଇବଲ ମିଶନ କାର୍ଯ୍ୟକାରୀମାନଙ୍କୁ ଅଭିଷେକ ଦେବାକୁ ଦେଲେ । ଆଜି ପର୍ଯ୍ୟନ୍ତ ବାଇବଲ ମିଶନରେ ଅନେକ

ଲୋକ ପାଳକମାନେ, କାର୍ଯ୍ୟକାରୀ, ସଭ୍ୟମାନେ, ଅଭିମାନି ଅଛନ୍ତି । ଏହା ଆନ୍ଧ୍ର ରାଷ୍ଟ୍ରରେ ମାତ୍ର ନୁହେଁ, ଅନେକ ରାଷ୍ଟ୍ରରେ, ଅନେକ ଅଞ୍ଚଳରେ ବ୍ୟାପ୍ତ ହେଲା । ବାଇବଲ ମିଶନ ଦ୍ୱାରା ଅନେକ ପୁସ୍ତକ, ପତ୍ରିକା, ପଦ୍ୟ, ଗୀତ ପ୍ରସାରଣ ହୋଇଥିଲା । ବାଇବଲ ମିଶନରେ ଦରମା କିଛି ଆୟୋଜନ ନଥିଲେ ମଧ୍ୟ, ସୁସମାଚାର ମାଗଣାରେ ପ୍ରଚାର କରୁ କରୁ, ମନ୍ଦିର ନିର୍ମାଣ କରୁଛନ୍ତି । ଅମକ ଅମକ ଜାଗାରେ ତିନି ଦିନ ସଭା କରୁ କରୁ ମଗଣାରେ ଭୋଜନ ଆୟୋଜନ କରୁଛନ୍ତି । ୧୯୪୯ ମସିହାରୁ ପ୍ରତ୍ୟେକ ସୋମବାର ଗୁଂଟୁରୁ ନିକଟରେ ଥିବା ବଡ କାକାନିରେ ସମ୍ମାନନୀୟ ରାଜରାଉ ଆଞ୍ଜାଙ୍କ ବଗିଚାରେ ସୁସ୍ଥତା କାର୍ଯ୍ୟକ୍ରମ ହୋଉଅଛି ।

# ଖ୍ରୀଷ୍ଟମାସ ସ୍ତୁତି ଆରାଧନା

ଯୋହନ ୧ ଅଧ୍ୟାୟ । ଏଫେସି ୧:୪:୧୨, ଫିଲିପ୍ପୀ ୨:୪-୭, ଆଦି ୩:୧୫, ୧୬:୯:୧୨:୧-୩, ୪୯:୯,୧୦, ଗଣନା ୨୪:୧୬, ୧୭, ଦ୍ୱିତୀୟ ୧୮:୧୬-୨୨, ଗୀତସଂହିତା ୭୨:୧୬-୨୨, ଯିଶାଇୟ ୭:୧୪, ୯:୬, ୧୧:୧, ମୀକା ୫:୨, ଲୂକ ୧:୨୬-୫୬, ୨:୧-୩୮, ମାଥିଉ ୧:୧୮-୨୬ ଅଧ୍ୟାୟ । ଗଲତି ୪:୪,୫, ରୋମିୟ ୧:୨-୯, ଏବ୍ରୀ ୧:୧-୫,

ଖ୍ରୀଷ୍ଟମାସ ମାନେ ଖ୍ରୀଷ୍ଟଙ୍କୁ ଆରାଧନା କରିବା ବୋଲି ଅର୍ଥ ।

ପ୍ରେମ ସ୍ୱରୂପୀ ହେଇଥିବା ପିତା ! 'ତୁମେ ଜଗତକୁ ପ୍ରେମ କରିଅଛୁ' ବୋଲି ବାକ୍ୟ ଯୋଗୁଁ, ଯେଉଁମାନେ ବିଶ୍ୱାସ କରିବେ

ସେମାନେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବାକୁ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ପାଇଥିବା ବୃତାନ୍ତ ଯୋଗୁଁ, ତୁମ୍ଭକୁ ପ୍ରଶଂସା ଓ ଆରାଧନା କରୁଅଛୁ। ବାହାରକୁ ପ୍ରଥମ ଶିଶୁ ତୁଲ୍ୟ ପ୍ରକାଶିତ ହେଲେ ମଧ୍ୟ ଜନତ୍ରାୟିକ ପୁତ୍ର ହେଇଥିବା ଖ୍ରୀଷ୍ଟ ପ୍ରଭୁ ! ପାପକୁ, ଦୁଷ୍ଟ ଫଳକୁ ଥିବା ଏହି ଜଗତକୁ ଆସିବା ପାଇଁ ଇଚ୍ଛା କରୁଥିବା ତୁମ୍ଭକୁ ପ୍ରଶଂସା ଆରାଧନା କରୁଅଛୁ ।

ଶିଶୁ ହେଇଥିବା ପ୍ରଭୁ ଯୀଶୁ ! ସର୍ବ ଜଗତକୁ ରକ୍ଷକ ହେଇଥିବା ତୁମ୍ଭେ, ସର୍ବଜଗତ ଲୋକମାନଙ୍କ ଗଣନା ଲିଖିତ ସମୟରେ, କାଳ ପରିପୂର୍ଣ୍ଣ ହେଇଥିବା ବେଳେ ଜନ୍ମ ଗ୍ରହଣ କରିଥିବା ତୁମ୍ଭକୁ ସ୍ତୁତି କରି ଆରାଧନା କରୁଅଛୁ । ମାନବ ଶିଶୁ ହେଇଥିବା ଈଶ୍ୱର ! ଲୋକମାନଙ୍କ ଗଣନା ଲିଖିତ ଦିନରେ ଜନ୍ମ ହେଇଥିବା ଦ୍ୱାରା, ଲୋକମାନଙ୍କ ଗଣନାରେ ପ୍ରବେଶ କରିବାକୁ ଲଜ୍ଜା କରୁନଥିବା ତୁମ୍ଭକୁ ସ୍ତୁତି ଆରାଧନା କରୁଅଛୁ ।

ଶିଶୁ ହେଇଥିବା ପିତା ! ପ୍ରବଚନ ପ୍ରକାର ବେଥଲିହିମରେ ଜନ୍ମ ହେଇ, ପ୍ରବଚନ ସଫଳ କରିଥିବା ତୁମ୍ଭକୁ ସ୍ତୁତି ଆରାଧନା କରୁଅଛୁ। ଖୀଷ୍ଟପ୍ରଭୁ ଭାବରେ ଆସିଥିବା ହେ ଶିଶୁ ! ଭୂମି ଆକାଶକୁ, ତହିଁର ସମସ୍ତ ତୁମ୍ଭର ହେଇଥିଲେ ମଧ୍ୟ ସମ୍ପନ୍ନ ଲୋକମାନଙ୍କ ଗୃହରେ ଥିବା ଦୋଳି କୁଣ୍ଡ ତୁମ୍ଭ ପାଇଁ ନଥାଇ, ଗହଳ କୁଣ୍ଡରେ ଶୋଇଥିବା ତୁମ୍ଭ ନମ୍ରତା ଯୋଗୁଁ ତୁମ୍ଭକୁ ସ୍ତୁତି ଆରାଧନା କରୁଅଛୁ ।

ପ୍ରଭୁ ଯୀଶୁ ଭାବରେ ଆସିଥିବା ହେ ଶିଶୁ ! ବିଶ୍ୱାସୀମାନଙ୍କୁ ତୁମ୍ଭ ନୀତି ବସ୍ତ୍ର ପିନ୍ଧାଇବା ତୁମ୍ଭେ, ଦୀନ ବସ୍ତ୍ର ଦାରଣ କରିବା

ପରିସ୍ଥିତି ଆସିଲେ ମଧ୍ୟ ସହନ କରିଥିବା ତୁମ୍ଭକୁ ସ୍ତୁତି ଆରାଧନା କରୁଅଛୁ । ଶିଶୁ ଭାବରେ ଦେଖାଦେଇ, କାଳକ୍ରମରେ ହଜାର ବର୍ଷ ସ୍ୱିୟ ଶାସନରେ ରାଜାମାନେ ସମସ୍ତଙ୍କଠାରୁ, ଚକ୍ରବର୍ତ୍ତୀ ସମସ୍ତଙ୍କଠାରୁ ମହାନ ବ୍ୟକ୍ତି ଭାବରେ ଦେଖାଯାଉଥିବା ତୁମେ ଏହି ଜଗତ ଚକ୍ରବର୍ତ୍ତୀ ହେଇଥିବା ଔଗୁସ୍ତ ପାଳନରେ ଜନ୍ମଗ୍ରହଣ କରିଥିବାରୁ ତୁମେ କେତେ ମହାନ ଈଶ୍ୱର ହେଇଥିଲେ ମଧ, ମାନବ ଜନ୍ମ ଯୋଗୁଁ ମାନବ ଅଧିକାରୀମାନଙ୍କ ସ୍ୱାଧୀନରେ ରହିଥିବା ତୁମ୍ଭ ବିନୟ ସ୍ୱଭାବ ଯୋଗୁଁ ତୁମ୍ଭକୁ ସ୍ତୁତି ପ୍ରଶଂସା କରୁଅଛୁ ।

ଶିଶୁ ବୋଲି କୁହାଯାଇଥିବା ରାଜା ! ନରମାନେ କେତେ ମହାନ ଚକ୍ରବର୍ତ୍ତୀ ହେଲେ ମଧ ତୁମ୍ଭ ଦ୍ୱାରା ହିଁ ମହାନ ସ୍ଥିତି ପାଇଥିବାରୁ, ସେହିପରି ଔଗୁସ୍ତ ପରି ଲୋକଙ୍କୁ ମଧ ତୁମ୍ଭ ସେବାରେ ବ୍ୟବହାର କରୁଥିବା ତୁମ୍ଭକୁ ସ୍ତୁତି ଆରାଧନା କରୁଅଛୁ । ଆମେନ୍ ।

# ଖ୍ରୀଷ୍ଟ ଜନ୍ମ ପ୍ରବଚନ ବର୍ଷ

| ପ୍ରବଚନ ଶୁଣିଥିବାମାନେ | ବାକ୍ୟ ଭାଗ | ଯେଉଁ ବର୍ଷରେ ଶୁଣାଯାଇଥିଲା |
|---|---|---|
| ୧. ଆଦମ | ଆଦି ୩:୧୫ | ଖ୍ରୀ.ପୂ. ୪୦୦୪ |
| ୨. ନୋହ | ଆଦି ୬:୧୮ | ଖ୍ରୀ.ପୂ. ୨୩୫୩ |
| ୩. ଶେମ | ଆଦି ୯:୨୬ | ଖ୍ରୀ.ପୂ. ୨୩୪୮ |
| ୪. ଆବ୍ରହାମ | ଆଦି ୧୨:୩ | ଖ୍ରୀ.ପୂ. ୨୧୨୬ |
| ୫. ଇସହାକ | ଆଦି ୨୬:୪ | ଖ୍ରୀ.ପୂ. ୧୮୦୬ |

| | | |
|---|---|---|
| ୬. ୟାକୁବ | ଆଦି ୨୮:୧୪ | ଖ୍ରୀ.ପୂ. ୧୬୮୯ |
| ୭. ୟିହୁଦା | ଆଦି ୪୯:୧୦ | ଖ୍ରୀ.ପୂ. ୧୬୮୯ |
| ୮. ଇଶ୍ରାୟେଲମାନେ | ଗଣନା ୨୪:୧୭ | ଖ୍ରୀ.ପୂ. ୧୪୫୨ |
| ୯. ମୋଶା | ଦ୍ୱିତୀୟ ୧୮:୧୮ | ଖ୍ରୀ.ପୂ. ୧୪୫୧ |
| ୧୦. ଦାଉଦ | ୨ ସମୂଏଲ ୭:୧୬ | ଖ୍ରୀ.ପୂ. ୧୦୪୨ |
| ୧୧. ୟିଶଇୟ | ୟିଶାଇୟ ୭:୧୪ | ଖ୍ରୀ.ପୂ. ୭୪୨ |
| | ୟିଶାଇୟ ୯:୬ | ଖ୍ରୀ.ପୂ. ୭୪୦ |
| ୧୨. ମୀଖା | ମୀଖା ୫:୨ | ଖ୍ରୀ.ପୂ. ୭୧୦ |
| ୧୩. ଯୋଷେଫ | ମାଥିଉ ୧:୨୦,୨୧ | ଖ୍ରୀ.ପୂ. ୫ |

# ମଧ୍ୟ ରାତ୍ରି ଆରାଧନା

Watch night service : ୩୧ ତାରିଖ ମଧ୍ୟରାତ୍ରି ୯ ଗୋଣ୍ଟରୁ ୧ ଗୋଣ୍ଟ ପର୍ଯ୍ୟନ୍ତମାନେ ଆସୁଥିବା ବର୍ଷରେ ପ୍ରବେଶ କରିବା ପର୍ଯ୍ୟନ୍ତ କରିବା ପ୍ରାର୍ଥନା ବା ଆରାଧନା ।

ମାଥିଉ ୧୮:୨୦, ଗୀତସଂହିତା ୧୦୩, କୋଲସ୍ସୀ ୩:୧-୧୫,

ଯୁଗ ସମାପ୍ତି : ଏହି ପଦକୁ ଗୀତ ବଷାରେ ଆୟୋନ ବୋଲି କହନ୍ତି । ଏହି ଆୟୋନ ବୋଲି ପଦ ବାଇବଲରେ ଅନେକ ପର୍ଯ୍ୟାୟ ଅଛି । ଯୁଗମାନେ ଗୋଟିଏ ସମୟରେ ଅଧିକ ବର୍ଷ ହେଇପାରିବ । ଗୋଟିଏ ସମୟରେ କମ ବର୍ଷ ରହିପାରିବ । କେତେ ବର୍ଷ ଗୋଟିଏ ଯୁଗ ବୋଲି କହିପାରିବ ନାହିଁ । ଗୋଟିଏ ସଂଗତି ହେଲା ପରେ

ଯୁଗ ହେବ । ଆଉ ଗୋଟେ ସଂଗତି ହେଲା ପରେ ଆଉ ଗୋଟିଏ ଯୁଗ । 'ବାଇବଲ ମିଶନ' ବୋଲି ବାୟୁରେ ଲେଖା ହେଇଥିବା ଲକ୍ଷଣ, ବାୟୁରେ ଆରମ୍ଭ ହେଇ ମେଘ ପର୍ଯ୍ୟନ୍ତ ରହିବ । କାହିଁକି ମାନେ ଭୂମି ଆରମ୍ଭ କରି ମେଘ ପର୍ଯ୍ୟନ୍ତ ବାୟୁ ରହିବ ।

ଗୋଟିଏ ପୁସ୍ତକ ଅଛି । ତାହାର ନା 'ପବନ ପୁସ୍ତକ' ବଜାରକୁ ଯାଇ ଗୋଟିଏ ପୁସ୍ତକ ଆଣି ବ୍ୟବହାର କରିବୁ । ସଦାବେଳେ ପେଡ଼ିରେ ରଖିବ ନାହିଁ । ସେ ବହିକୁ କିଛି ସମୟ ମେଜ ଉପରେ, କିଛି ସମୟ ହାତରେ, କିଛି ସମୟ ପେଡ଼ିରେ ରହିବ । ହେଲେ ଏହି ବହି ସେପରି ନୁହେଁ । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ, ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ରହିବ । ଏହାରେ ୧୨ ପେଜି ରହିବ । ପ୍ରଥମ ପେଜି ଧଳା ରହିବ । ତହିଁରେ ପ୍ରଥମରେ ଲାଲ ଗାର ତାହା ତଳେ କଳା ଗାର ରହିବ । ଦ୍ୱିତୀୟ ପେଜିରେ ମଧ ସେପରି ରହିବ । ଲାଲ ଗାର ଉପରେ ସୌକ୍ଷ କାଳ ବୋଲି କଳା ଗାର ଉପରେ କଷ୍ଟ କାଳ ବୋଲି ଏହିପରି ୧୨ ପତ୍ର ଉପରେ ରହିବ । ଏହା ପବନ ପୁସ୍ତକ ସେଥିପାଇଁ ଯେତେବେଳେ ଚାହିଁଲେ ସେତେବେଳେ ରହିବ । କିଛି ଥର ରହି କିଛି ଥର ରହିବାକୁ ଏହା ବଜାର ପୁସ୍ତକ ନୁହେଁ । ଏହି ପ୍ରକାରେ ତାହା ସବୁ ଯୁଗରେ ରହିବ । ଏହି ଦିନ ଆମେ ୨୦୦୫ ବର୍ଷ କହୁଅଛୁ । ଏହି ଧଡ଼ିରୁ ନୂତନ ବର୍ଷ ବୋଲି ୨୦୦୬ ଧଡ଼ି ଉପରକୁ ଆସିବ । ଏହି ଗାର କେବେ ନିସ୍ତାର ହେଇ ପାରିବମାନେ, ପ୍ରଭୁ ଆସିଲା ବେଳେ ହିଁ, ମାନେ ବାୟୁ ଦ୍ୱାରା କେବେ ମେଘରେ ପ୍ରବେଶ କରିବୁ, ସେତେବେଳେ ହିଁ ନିସ୍ତାର ହେଇପାରିବ । କଷ୍ଟ କେବେ ଲବିବ ନାହିଁ । ମାନେ ସୁଖ ଆନନ୍ଦ ଅଭାବ ରହିବ ନାହିଁ ।

ଉପସ୍ଥିତି ସମ୍ମିଳନୀ, ପ୍ରାର୍ଥନା, ସୁସମାଚାର, ଘୋଷଣା, ପତ୍ରିକା, ସ୍ତୁତି ଏହି ଇତ୍ୟାଦି ଥିଲେ ସେ କଳା ଗାର କାହିଁକି ଯିବନାହିଁ ! ବୋଲି କହିପାରିବୁ । ହେଲେ ତାହା ଏଇଠି ଯିବାର ନାହିଁ । ସେଥିପାଇଁ ଯିବନାହିଁ । ତାହା ଆମ ଉପରେ ନ ରହି ଆମ ପାଦ ତଳେ ରହିବ । ବିତିଯାଇ ଥିବା ବର୍ଷ ପାଇଁ ସ୍ତୁତି କରିବାର ଅଛି । ଆସୁଥିବା ନୂତନ ବର୍ଷ ପାଇଁ ମଧ୍ୟ ସ୍ତୁତି କରିବାର ଅଛି । କାହିଁକି ମାନେ ଲାଲ ଗାର ସ୍ଥିର ହେବା ପାଇଁ, କଳା ଗାର ସାହାଯ୍ୟ କରିବ । ଆମ ଭୂଲୋକ ଜୀବନ ଏକ ପୁରୁଣା ବର୍ଷର ସାଦୃଶ୍ୟ । ଆସୁଥିବା ମହିମା ରାଜ୍ୟର ଜୀବନ ଏକ ନୂତନ ବର୍ଷ ସାଦୃଶ୍ୟ । ଆଉ ଗୋଟିଏ ମିନିଟ ପରେ ଆସିବ ନୂତନ ବର୍ଷର ମାରାନାତା । ଏବେ ସମସ୍ତଙ୍କୁ ପୁରୁଣା ବର୍ଷର ମାରାନାତା ।

**ପ୍ରାର୍ଥନା :** ହେ ଦୟାମୟ ପିତା ! ଆମଠାରୁ ଗୋଟିଏ ବନ୍ଧୁ ଚାଲିଯାଉଥିବା ବେଳେ ତାହାକୁ ସଲାମ କହିବୁ । ସେଥି ମଧ୍ୟରେ ଆଉ ଗୋଟିଏ ବନ୍ଧୁ ଆସିଲେ ତାହାକୁ ମଧ୍ୟ ସଲାମ କହିବୁ । ତାହାର ଅର୍ଥ ଭିନ୍ନ । ଚାଲି ଯାଉଥିବା ବନ୍ଧୁ ସହିତ ଆଜ୍ଞା ଚାଲିଆସ ବୋଲି ଅର୍ଥ, ଆସୁଥିବା ବନ୍ଧୁ ସହିତ ଆଜ୍ଞା ଆସନ୍ତୁ ବସନ୍ତୁ ବୋଲି ଅର୍ଥ ଦୁଇ ଜଣଙ୍କୁ shake hand ଦେବୁ । ପୁରୁଣା ବର୍ଷକୁ ପଠାଇ ଦେଉନାହିଁ । ତାହା ମଧ୍ୟ ନିଜକୁ ନିଜେ ଆସିବ । ବାଇବଲ ମିଶନକୁ ଆମେ ଡ଼ାକି ନାହିଁ । ତାହାର ଚିନ୍ତା । ମଧ୍ୟ ନାହିଁ । ତାହା ନିଜକୁ ନିଜେ ଆସିଛି । ତାହା ନିଜକୁ ନିଜେ ଚାଲୁଅଛି । ତାହାକୁ ଜୋରରେ ଠେଲିଲେ ମଧ୍ୟ ତାହା ଯିବନାହିଁ । ପବନ ବାତ୍ୟା ଆସିଲା ବେଳେ ଆମେ ସମସ୍ତେ ବାହାରକୁ ଯାଇ ହାତ ଲମ୍ବାଇ ରୁହ ବୋଲି କହିଲେ

ରହିବ କି ? ସେହିପରି ବାଇବଲ ମିଶନକୁ କେତେ ଲୋକ ରଖିଲେ ମଧ୍ୟ ରହିବ ନାହିଁ । ସେ ବିଷୟ ପ୍ରଭୁଙ୍କୁ ପଚାରି ଜାଣିବାର ଅଛି । ହେ ପ୍ରଭୁ ଯୁଗ ସମାପ୍ତି ପର୍ଯ୍ୟନ୍ତ ରହିବି ବୋଲି କହିଅଛ । ତାହାର ବିବରଣ ମହାନ । ଯୁଗମାନେ କ'ଣ ? ଯୁଗ ସମାପ୍ତି ମାନେ କ'ଣ ହେଇଅଛି ତୁମ୍ଭେ କହିଲେ ବିନା ଜାଣିପାରିବ ନାହିଁ । ସେଥିପାଇଁ ଆମେ ପଚାରିବା ପର୍ଯ୍ୟନ୍ତ, ତୁମେ କହିବା ପର୍ଯ୍ୟନ୍ତ ରହିବୁ । ଏହି ପ୍ରାର୍ଥନା ତୁମ୍ଭ ମହାନ ନାମ ଯୋଗୁଁ ଶ୍ରବଣ କର । ଆମେନ୍ ।

--୪୦୪--

Bible Mission HQ Guntur

# ନୂତନ ବର୍ଷର ପ୍ରାର୍ଥନା

ଦ୍ୱିତୀୟ ବିବରଣୀ ୧୧:୧୨, ଗୀତସଂହିତା ୬୮:୮-୧୩, ୨ ପିତର ୩:୮, ଆଦି ୧:୧୪, ଆୟୁବ ୩୬:୧୧-୨୬, ଗୀତସଂହିତା ୬୧:୬, ୯୦:୧-୪, ୧୦୨:୨୭, ଯିଶାଇୟ ୨୯:୧, ହବକକୂକ ୩:୨, ଗଳତୀୟ ୪:୧୦, ଆମ୍ଭମାନଙ୍କ ପ୍ରତି ଆପଣା ମୁଖ ପ୍ରାସନ୍ନ କରନ୍ତୁ । ଗୀତସଂହିତା ୬୭:୩,

୧. ହେ, ପ୍ରଭୁ ତୁମ୍ଭ ମୁଖ ପ୍ରସନ୍ନ ଆମ୍ଭ ଉପରେ, ଭୂମି ଉପରେ ତୁମ୍ଭ ସୃଷ୍ଟି ଉପରେ ପ୍ରକାଶ କରନ୍ତୁ । ଆମ୍ଭ ସାରା ଜୀବନ କାଳରେ ତୁମ୍ଭ ଆଗମନ ପର୍ଯ୍ୟନ୍ତ ମଣ୍ଡଳୀ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କରନ୍ତୁ ।

୨. ଭୂଲୋକ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କରନ୍ତୁ । ଆକାଶ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କରନ୍ତୁ । ମଣ୍ଡଳୀ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କରନ୍ତୁ । ଏହି ସ୍ଥାନରେ ଆମ ସମସ୍ତଙ୍କ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କରନ୍ତୁ ।

୩. ପାପ ସହିତ, ପାପର ଫଳ ହେଇଥିବା ରୋଗ, ବାଧା, ସମସ୍ୟା, ଧନ ଉପରେ ଇଚ୍ଛା, ଇତ୍ୟାଦି ଅନ୍ଧକାରରେ ଥିବା ଭୂମି ଉପରେ ସୂର୍ଯ୍ୟ ମୁଖର ତେଜ, ଚନ୍ଦ୍ର ମୁଖର ତେଜ, ନକ୍ଷତ୍ରର ମୁଖ ତେଜ, ପ୍ରକାଶ କରିଥିବା ପରି ପ୍ରଭୁ ! ତୁମ୍ଭ ମୁଖ ତେଜ ସମସ୍ତଙ୍କ ଉପରେ ପ୍ରକାଶ କରନ୍ତୁ ।

୪. ଭୂତମାନେ ଉଠି, ତୁମ୍ଭ ପରିତ୍ରାଣ କାର୍ଯ୍ୟକ୍ରମକୁ ଭିନ୍ନ ରହୁଥିବା କାର୍ଯ୍ୟ କରାଇଥିବା ଯୋଗୁଁ, ମତଭେଦ, ସିଦ୍ଧାନ୍ତ ଭେଦ

ଯୋଗୁଁ, ତର୍କବିତର୍କରେ, ଦୁନିଆ ଅନ୍ଧକାର ହେଇଅଛି । ସେଥିପାଇଁ ତୁମ୍ଭ ମୁଖ ତେଜ ଦୁନିଆ ଉପରେ ପ୍ରକାଶ କରାନ୍ତୁ ।

୫. ତୁମ୍ଭ ମଣ୍ଡଳୀ ତୁମେ ଦେଇଥିବା ବାକ୍ୟକୁ ଭୂଲ ବୁଝିବା ଯୋଗୁଁ, ବାକ୍ୟ ଗୋଟିଏ ରୀତିରେ ଅନ୍ଧକାର ଆଗମନ କଲେ ମଧ୍ୟ, ଶେଷ ଗ୍ରନ୍ଥ ହେଇଥିବା ପ୍ରକାଶିତ ଗ୍ରନ୍ଥ ଉପରେ ତୁମେ ବ୍ୟାଟେରି ଲାଇଟ ପକାଇ, ତହିଁରେ ଥିବା ଗୁପ୍ତ ବିଷୟ ଜଗତକୁ ପ୍ରକାଶ ହେବାପରି ତୁମ୍ଭ ମୁଖ ତେଜ ପ୍ରକାଶ କରିଥିବାରୁ ତୁମ୍ଭକୁ ଧନ୍ୟବାଦ ।

୬. ଅଧିକ ଭାବରେ ଅନ୍ଧକାର କାର୍ଯ୍ୟ ତୁମ୍ଭ ଅଗମୋନ ପୂର୍ବ ହେଉଥିବା ଯୋଗୁଁ, ତୁମ୍ଭ ବାକ୍ୟରେ ଅନେକ ପଦର ସତ୍ୟର ଅର୍ଥ ତୁମ୍ଭ ମଣ୍ଡଳୀ ଜାଣିପାରୁନାହିଁ । ତୁମ୍ଭ ସୁଖ ତେଜ ପ୍ରକାଶ ଦ୍ୱାରା ତୁମ୍ଭର ବାକ୍ୟର ଅର୍ଥ ପ୍ରକାଶ ହେବ, ତେଣୁ ପ୍ରକାଶ କର ବୋଲି ବିନତି କରୁଅଛି ।

୭. ଅନ୍ଧକାର ମଧ୍ୟକୁ ଦୀପର ଉଜ୍ଜ୍ୱଳ ଆସିଲା ସଙ୍ଗେ ସଙ୍ଗେ, ଅନେକ ବସ୍ତୁ ଗୁଡ଼ିକ କ'ଣ କ'ଣ କେଉଁ ଜାଗାରେ ଅଛି ? ଜଣାପଡ଼ିବ । ସେହିପରି ତୁମ୍ଭ ବାକ୍ୟରେ ସତ୍ୟ ଅର୍ଥ ଗ୍ରହଣ କରିବା ପରି, ତୁମ୍ଭ ବାକ୍ୟ ଉପରେ ମୁଖର ତେଜ ପ୍ରକାଶ କର ।

୮. ବାକ୍ୟ ଉପଦେଶ କରୁଥିବାମାନେ, ବାକ୍ୟକୁ ସେମାନେ ଭାବିଥିବା ପ୍ରକାରେ ଉପଦେଶ ନ ଦେଇ ତୁମ୍ଭ ଇଚ୍ଛା

ଅନୁସାରେ ଉପଦେଶ କରିବା ପରି ତୁମ୍ଭ ମୁଖ ତେଜ ସେମାନଙ୍କ ଉପରେ ପ୍ରକାଶ କର ।

୯. ଅନେକ ଲୋକ ତୁମ୍ଭ ସତ୍ୟ ବିଷୟ କର୍ଣ୍ଣ ସହିତ ଶୁଣିଲେ ମଧ୍ୟ, ମନରେ ଗ୍ରହଣ ନ କରିପାରିବା ଅନ୍ଧକାର ସେମାନଙ୍କୁ ଆବରଣ କରିଅଛି । ସେହିପରି ମାନଙ୍କ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କର ।

୧୦. ସୂର୍ଯ୍ୟର ତେଜ ଜଳ ଉପରେ, ଗଛ ଉପରେ, ଫସଲ ଉପରେ, ଅନ୍ୟ ଉତ୍ତମ ସ୍ଥାନ ଉପରେ ମାତ୍ର ନୁହେଁ, କୋରାପ ସ୍ଥାନରେ ମଧ୍ୟ ପ୍ରବେଶ କରୁଅଛି । ସେହିପରି ପାପୀମାନଙ୍କ ଉପରେ, ତୁମ୍ଭକୁ ଗ୍ରହଣ ନ କରିବା ମାନଙ୍କ ଉପରେ ତୁମ୍ଭ ମୁଖ ତେଜ ପ୍ରକାଶ କର ।

୧୧. ଶତାବ୍ଦୀ ବିତିଗଲେ ମଧ୍ୟ, ପୁରୁଣା ବର୍ଷ ବିତିଗଲେ ମଧ୍ୟ, ଆହୁରି ଅନ୍ଧକାର ଅଧିକ ହେଉଥିବା ଏହି କାଳରେ ଆହୁରି ଅଧିକ ଉଜ୍ଜ୍ୱଳ, ସତ୍ୟ ଶିକ୍ଷା ଆବଶ୍ୟକ ସେଥିପାଇଁ ଏହି ସାରା ନୂତନ ବର୍ଷରେ ଆହୁରି ଅଧିକ ତୁମ୍ଭ ମୁଖ ତେଜ ଆମ୍ଭ ଉପରେ ପ୍ରକାଶ କର ।

୧୨. ତୁମ୍ଭ ବାକ୍ୟର ସତ୍ୟ ଅର୍ଥ ଆମ୍ଭେ ଜାଣି ନଥିଲେ ଅନ୍ୟମାନଙ୍କ ଆଖିକୁ କେମିତି ଖୋଲିପାରିବୁ ? ଅନ୍ୟମାନଙ୍କୁ କିପରି ଜ୍ଞାନ ଜଣ୍ଣାଇ ପାରିବୁ ? ତେଣୁ ତୁମ୍ଭ ମୁଖ ପ୍ରକାଶ ଆମ୍ଭ ଉପରେ ଅଧିକ ଭାବରେ ପ୍ରକାଶ କର ।

୧୩. ଏହି ଆମ୍ଭମାନଙ୍କ ପ୍ରାର୍ଥନା ସବୁ ତୁମ୍ଭ ପୁତ୍ର ଯୋଗୁଁ ସ୍ୱୀକାର କର ବୋଲି ବିନତି କରୁଅଛୁ ।

--୪୦୪--

# ବାଇବଲ ମିଶନ ବାର୍ଷିକ ପ୍ରଶଂସା, ପ୍ରାର୍ଥନା

୩୧ ଜାନୁଆରୀ, ୧୯୩୮ ବର୍ଷରେ ବାଇବଲ ମିଶନ ପ୍ରକାଶ ହେଇଅଛି ।

ତ୍ରିତ୍ୱ ଈଶ୍ୱର ! ଭୂମି ସୃଷ୍ଟି ହେଇଥିବା ଆରମ୍ଭରୁ ଗୋଟିଏ ପରେ ଗୋଟିଏ କିପରି ପ୍ରକାଶ କରିଅଛୁ, ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ ତୁମ୍ଭକୁ ଅନେକ ନମସ୍କାର ।

ଆଦି ପୁସ୍ତକରେ ତୁମ୍ଭ ସୃଷ୍ଟିକୁ ଗୋଟିଏ ପରେ ଗୋଟିଏ, କିପରି ୬ ଦିନରେ ପ୍ରକାଶ କରିଅଛୁ, ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ ତୁମ୍ଭକୁ ଅନେକ ପ୍ରଶଂସା ।

ମୋଶା କାଳରେ କିପରି ବ୍ୟବସ୍ଥାକୁ ପ୍ରକାଶ କରିଅଛୁ, ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ ତୁମ୍ଭକୁ ପ୍ରଶଂସା କରୁଅଛୁ ।

ତାପରେ ଭବିଷ୍ୟତ ଭକ୍ତଙ୍କ ଦ୍ୱାରା ମଲାଖି ପର୍ଯ୍ୟନ୍ତ କିପରି ତୁମ୍ଭ ଇଚ୍ଛାକୁ ସଫଳ କରିଅଛୁ, ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ କୃତଜ୍ଞତା ଅର୍ପଣ ।

ପୁରାତନ ନିୟମରେ ତୁମ୍ଭ ନିମନ୍ତେ କିପରି ପ୍ରକାଶ କରିଅଛୁ, ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ପ୍ରଶଂସା ।

ଚାରିଟା ସୁସମାଚାରରେ କିପରି ତୁମ୍ଭକୁ ତୁମେ ପ୍ରକାଶ କରିଅଛୁ । ସେହିପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ପ୍ରଶଂସା ।

ପ୍ରେରିତ ପୁସ୍ତକରେ ତୁମେ ମଣ୍ଡଳୀକୁ କିପରି ପ୍ରକାଶ କରିଅଛୁ । ସେପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ସଂସ୍ତୁତି ।

ପତ୍ରିକାରେ ତୁମ୍ଭ ମଣ୍ଡଳୀର ନିୟମ ଗୁଡ଼ିକ କିପରି ପ୍ରକାଶ କରିଅଛୁ । ସେପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ସ୍ତୁତି ।

ମଣ୍ଡଳୀର ଜୟକୁ ପ୍ରକାଶିତ ପୁସ୍ତକରେ କିପରି ପ୍ରକାଶ କରିଅଛୁ । ସେପରି ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ଭୂମିଷ୍ଠ ନମସ୍କାର ।

ଲୁଥର ଦ୍ୱାରା ବାଇବଲ କିପରି ପ୍ରକାଶ କରିଅଛୁ । ସେପରି ଆମ କାଳରେ ବାଇବଲ ମିଶନକୁ ପ୍ରକାଶ କରିଅଛୁ । ତୁମ୍ଭକୁ ଅନେକ ନିତ୍ୟ ପ୍ରଶଂସା ।

ବାଇବଲ ମିଶନକୁ କିପରି ପ୍ରକାଶ କରିଅଛ, ସେପରି ନୂତନ ବିଷୟ ସନ୍ନିଦି ସମ୍ମିଳନୀ ସଭ୍ୟମାନଙ୍କ ସହିତ କଥାବାର୍ତ୍ତା କରୁଅଛୁ ତୁମ୍ଭକୁ ଅନେକ ସ୍ତୁତି, ଧନ୍ୟବାଦ ।

ବାଇବଲ ମିଶନରେ ଏହି ପୂର୍ବରେ କିଛି ପୁସ୍ତକ, ଅନେକ ପତ୍ରିକା ପ୍ରାଚୁରଣ କରାଇଅଛ । ତୁମ୍ଭକୁ ଅନେକ ଆନନ୍ଦ ସ୍ତୁତି ଅର୍ପଣ ।

ଇଂରାଜୀରେ, ମୋହମ୍ମଡ଼ିୟ ଭାଷାରେ, ଓଡ଼ିଆ ଭାଷାରେ, ଆରବ ଭାଷାରେ, କନ୍ନଡ଼ା ଭାଷାରେ, ହିନ୍ଦୀ ଭାଷାରେ, କିଛି ପତ୍ରିକା ପ୍ରାଚୁରଣ କରାଇଅଛ । ତୁମ୍ଭକୁ ଅନେକ ଦିବ୍ୟ ସଂସ୍କୃତି ।

ବାଇବଲ ମିଶନରେ ତୁମ୍ଭ ଇଚ୍ଛା ସମ୍ପୂର୍ଣ୍ଣ ଭାବରେ ସମ୍ପାଦନା କରିପାରି ନଥିବା ଗୁଣକୁ ପ୍ରବେଶ କରିବାକୁ ଦେଇ ତାହା ଦ୍ୱାରା ଆମ୍ଭମାନଙ୍କୁ ନୀତି ପାଠ ଶିଖାଇବାକୁ ଉଦ୍ଦେଶ୍ୟ କରିଅଛୁ । ତୁମ୍ଭକୁ ଅନେକ ଧନ୍ୟବାଦ ।

ବାଇବଲ ମିଶନରେ ତୁମେ ସନ୍ନିଦି ସମ୍ମିଳନୀ ସ୍ଥାପନ କରିଥିବାରୁ ତୁମ୍ଭେ ସେ ସମ୍ମିଳନୀରେ ଦର୍ଶନ ଦେଇ, ସମ୍ମିଳନୀ ସଭ୍ୟମାନଙ୍କ ପ୍ରଶ୍ନ ଗୁଡ଼ିକକୁ ଜବାବ ଦେଉଥିବା ଯୋଗୁଁ ତୁମ୍ଭକୁ ଅନେକ ଅନନ୍ତ ସ୍ତୁତି ।

ପ୍ରଭୁ ଯୀଶୁଖ୍ରୀଷ୍ଟ ! ସନ୍ନିଦି ସମ୍ମିଳନୀରେ ପ୍ରତ୍ୟେକ ଦିନ ଆଗମନ ପାଇଁ ଛୋଟ ଉପଦେଶ ଶୁଣାଉ ଅଛ । ତୁମ୍ଭକୁ ଅନେକ ପ୍ରଶଂସା ।

ପ୍ରଭୁ ! ତୁମ୍ଭେ ସନ୍ନିଦି ସମ୍ମିଳନୀ ମାନଙ୍କୁ ପ୍ରତ୍ୟେକ ଗୁରୁବାର ସଂସ୍କାର ଭୋଜନ ବାଣ୍ଟୁଅଛୁ । ତୁମ୍ଭ ପାଦକୁ ଅନେକ ହୃଦୟ ଆନନ୍ଦ ନମସ୍କାର ।

--୪୦୪--

# ଈଶ୍ୱରଙ୍କ ପ୍ରଶଂସାଯୋଗ୍ୟ ନିବେଦନ

ଈଶ୍ୱର ! ତୁମ୍ଭେ ଯେଉଁ ଉଦ୍ଦେଶ୍ୟରେ ବାଇବଲ ମିଶନକୁ ପ୍ରକାଶ କରିଅଛ, ସେ ଉଦ୍ଦେଶ୍ୟକୁ ଶେଷ ପର୍ଯ୍ୟନ୍ତ ସଫଳ କରିବୁ ।

ତୁମ୍ଭେ ସ୍ଥାପନ କରିଥିବା ମଣ୍ଡଳୀ ୮୫୦ ଶାଖା ହେଲେ ମଧ୍ୟ, ତୁମ୍ଭେ ବାଇବଲ ମିଶନକୁ କାହିଁକି ସ୍ଥାପନା କରିଅଛ ତୁମ୍ଭ ଜ୍ଞାନକୁ ହିଁ ଜାଣିବ ।

ଖ୍ରୀଷ୍ଟୀୟାନମାନେ ରହୁଥିବା ଏତେ ଦେଶଥିଲେ ମଧ୍ୟ, ବାଇବଲ ମିଶନକୁ ଭାରତ ଦେଶରେ ହିଁ କାହିଁକି ପ୍ରକାଶ କରିଅଛ ତୁମ୍ଭ ଜ୍ଞାନକୁ ହିଁ ଜାଣିବ ।

ଜଗତରେ ମହାନ ମହାନ ଶହର ଥିଲେ ମଧ୍ୟ, ରାଜମହେନ୍ଦ୍ରବରମରେ କାହିଁକି ବାଇବଲ ମିଶନକୁ ପ୍ରକାଶ କରିଅଛ ତୁମ୍ଭକୁ ହିଁ ଜଣା । ଆରମ୍ଭ ନରମାନେ ଜନ୍ମ ହେଇଥିବା ଆରମ୍ଭ କରି ଏତେ ଶହ ବର୍ଷ ବିତିଲେ ମଧ୍ୟ, ୧୯୩୮ ବର୍ଷରେ ବାଇବଲ ମିଶନକୁ କାହିଁକି ପ୍ରକାଶ କରିଅଛ ତୁମ୍ଭକୁ ହିଁ ଜଣା ।

ମଣ୍ଡଳୀରେ ୮୫୦ ମିଶନ ଥିଲେ ମଧ୍ୟ, ଲୁଥର ମିଶନରେ ଥିବା ଜଣେ ଶିକ୍ଷକକୁ କାହିଁକି ବାଇବଲ ମିଶନ ପ୍ରକାଶ କରିଅଛ, ମଣ୍ଡଳୀରେ ଅନେକ ଜଣ ପରମ ଭକ୍ତ ଥିଲେ ମଧ୍ୟ ବାଇବଲ ମିଶନ ଏହି ଜଣଙ୍କୁ ହିଁ କାହିଁକି ପ୍ରକାଶ କରିଅଛ ତୁମ୍ଭକୁ ହିଁ ଜଣା ।

Bible Mission HQ Guntur

ମଣ୍ଡଳୀରେ ଅନେକ ଧନୀକ ଲୋକ ଥିଲେ ମଧ୍ୟ, ଧନ ନଥିବା ଏହି ଶିକ୍ଷକକୁ ବାଇବଲ ମିଶନ କାହିଁକି ପ୍ରକାଶ କରିଅଛ ତୁମ୍ଭକୁ ହିଁ ଜଣା ବାଇବଲ ମିଶନକୁ ଧନୀ ଲୋକଙ୍କୁ ଯଦି ପ୍ରକାଶ କରିଥାନ୍ତେ, ସେମାନେ ଏହି ମିଶନକୁ ସାରା ଜଗତକୁ ପ୍ରକାଶ କରିଥାନ୍ତେ ।

ମଣ୍ଡଳରେ ଅନେକ ଲୋକ ଗ୍ରନ୍ଥ କର୍ତ୍ତାମାନେ ଥିଲେ ମଧ୍ୟ, ଏହି ଲୋକଙ୍କୁ ହିଁ କାହିଁକି ପ୍ରକାଶ କରିଅଛ ତୁମ୍ଭକୁ ହିଁ ଜଣା । ସେମାନଙ୍କୁ ଯଦି ବାଇବଲ ମିଶନ ପ୍ରକାଶ କରିଥାନ୍ତେ ସେମାନେ ଅନେକ ପୁସ୍ତକ ପତ୍ରିକା ଛାପି କରି ସମସ୍ତଙ୍କୁ ପ୍ରକାଶ କରିଥାନ୍ତେ ।

# ପ୍ରାର୍ଥନା ନିବେଦନ

୧. ପିତା ! ଆମ୍ଭମାନଙ୍କ ଉପରକୁ ଆସୁଥିବା ନିନ୍ଦା ପରିହାର କର । ୨. ଭୂଲ ବୁଝୁଥିବାମାନଙ୍କୁ, ତୁମ୍ଭେ ସତ୍ୟ କ'ଣ ପ୍ରକାଶ କର । ୩. ଆମ ଦ୍ୱାରା ତୁମ୍ଭେ କରିବାକୁ ଇଚ୍ଛା କରୁଥିବା ସମସ୍ତ କାର୍ଯ୍ୟ ସଫଳ କର । ୪. ପ୍ରତ୍ୟେକ ସ୍ଥାନରେ ବାଇବଲ ମିଶନକୁ ସ୍ଥାପନ କର । ୫. ପ୍ରତ୍ୟେକ ପରିବାରରେ ସନ୍ନିଦି ସମ୍ମିଳନୀ ସ୍ଥାପନ କର । ୬. ପ୍ରତ୍ୟେକ ସ୍ଥାନରେ ସ୍ୱସ୍ତି ସଭା ଗୁଡ଼ିକ ସ୍ଥାପନ କର । ୭. ସବୁ ମିଶନରେ ଥିବା ସନ୍ଦେହ ସବୁ ଭୂଲ ସିଦ୍ଧାନ୍ତ ସବୁ ରଦ୍ଧ କର । ୮. ତୁମ୍ଭେ କହୁଥିବା ଉପଦେଶ ଶୀଘ୍ର ଛାପିବାକୁ ଆମକୁ ଶକ୍ତି ପ୍ରଦାନ କର । ୯. ଆମକୁ ବିରୋଧ ଭାବରେ ରହୁଥିବା ମାନଙ୍କୁ କ୍ଷମା କର । ୧୦. ବାଇବଲ ମିଶନ ଚରିତ୍ରକୁ ସବୁ ଭାଷାରେ ଘୋଷଣା କରିବାକୁ ଦିଅ । ୧୧. ଅନେକ ବାଇବଲ ଗୀତ ରଚନା କରିପାରିବା କବି ମାନଙ୍କୁ ଉଠାଅ । ୧୨. ତେଲୁଗୁରେ ସାରା ବାଇବଲ ପଦ୍ୟ ରୂପରେ

Bible Mission HQ Guntur

ରଚନା କରପାରିବା କବି ମାନଙ୍କୁ ଉଠାଅ । ୧୩. ଆଗମନ ଉପଦେଶକୁ ସଦାବେଳେ ଘୋଷଣା କରିବା ସାମାର୍ଥ୍ୟ ଦୟା କର । ୧୪. ଶୟତାନର ତାହାର ଦୂତମାନଙ୍କର, ତାହାର ଅନୁଚର ମାନଙ୍କ ଯତ୍ନ ସବୁ ବନ୍ଦ କର । ୧୫. ବାଇବଲ ମିଶନମାନେ କରିବାକୁ ଆଲୋଚନା କରୁଥିବା ସମସ୍ତ କାର୍ଯ୍ୟକୁ ସଫଳ କର । ୧୬. ବାଇବଲ ମିଶନମାନେ ଯେଉଁ ନୂତନ କାର୍ଯ୍ୟ କରିବାର ଅଛି ତାହା ସେମାନଙ୍କୁ ପ୍ରକାଶ କର । ପିତାଙ୍କ, ପୁତ୍ରଙ୍କୁ, ପବିତ୍ରାତ୍ମାଙ୍କୁ ନିତ୍ୟ ମଙ୍ଗଳ ସ୍ତୁତି ।

ହେ ତ୍ରିଏକ ଈଶ୍ୱର ! ହେ ସୃଷ୍ଟିକର୍ତ୍ତା ହେଇଥିବା ପ୍ରଭୁ ! ଆମ୍ଭକୁ ସୃଷ୍ଟି କରିଥିବା ପିତା ! ଆମ୍ଭ ପ୍ରାର୍ଥନା, ଆମ୍ଭ ସ୍ତୁତି, ଆମ୍ଭ ଇଚ୍ଛା, ଆମ୍ଭ କାର୍ଯ୍ୟ, ତୁମ୍ଭ ମୋହନତା ନିମନ୍ତେ, ଲୋକମାନଙ୍କ ଉପଯୋଗ ନମନ୍ତେ ସଫଳ ହେବା ପରି ଶୀଘ୍ର ଆସୁଥିବା ପ୍ରଭୁ ଯୀଶୁଙ୍କ ଦ୍ୱାରା ଶ୍ରବଣ କର ବୋଲି ତୁମ୍ଭକୁ ବିନତି କରିଅଛୁ । ଆମେନ୍ ।

# ଦେବଦାସ ପିତାଙ୍କର ସ୍ମାରକ ଦିନ ପ୍ରାର୍ଥନା

(ଏମ୍. ଦେବଦାସ ପିତା ୯ ଫିବ୍ରବରୀ ୧୯୬୦ ପ୍ରଭୁଙ୍କଠାରେ ନିଦ୍ରାପ୍ରାପ୍ତ ହେଲେ)

(ହିତପଦେଶ ୧୦:୭, ୧୧, ଏବ୍ରୀ ୧୩:୭, ୧୭,୧ ବଂଶବଳୀ ୨୦:୨୦) ୧ କରିନଥିୟା ୪:୧୭, ପ୍ରେରିତ ୪:୨୬)

୧. ପବିତ୍ର ପିତା ! ତୁମ୍ଭେ ଆନଦୀ କାଳରେ ହିଁ ତୁମ୍ଭ ଅନଦୀ ୟୋଚନ ଯୋଗୁଁ, ରକ୍ଷଣ କାର୍ଯ୍ୟକ୍ରମରେ ବ୍ୟବହାର କରିବାକୁ ଅମକ ଅମକ ଲୋକଙ୍କୁ କାଳକ୍ରମରେ ଜଗତକୁ ପଠାଇଥିବା ତୁମ୍ଭକୁ ସ୍ତୁତି ।

୨. ଏହି ଶେଷ କାଳରେ ତୁମ୍ଭ ଦାସ, ଆନ୍ଧ୍ର ଆତ୍ମୀୟ ଜଣକ ହେଇଥିବା ଦେବଦାସ ଆଜ୍ଞାଙ୍କୁ, ବାଇବଲ ମିଶନକୁ ଜଗତକୁ ପ୍ରକାଶ କରିବା ନିମନ୍ତେ, ଦାନ ଭାବରେ ଅନୁଗ୍ରହ କରିଥିବା ତୁମ୍ଭକୁ ଆନନ୍ଦ ପ୍ରଶଂସା ।

୩. ଜନ୍ମ କାଳଠାରୁ ଜୀବନ ଶେଷ ପର୍ଯ୍ୟନ୍ତ ପବିତ୍ର ଜୀବନରେ ବୃଦ୍ଧି କରିଥିବା ତୁମ୍ଭକୁ ଧନ୍ୟବାଦ ।

୪. ବାଲ୍ୟ ଅବସ୍ଥାରୁ, ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ହେଉଥିବା ପ୍ରାର୍ଥନା କରିବାରେ, ତୁମ୍ଭକୁ ସ୍ତୁତି କରିବା ଗୀତ ରଚନା କରିବାରେ ବିଶିଷ୍ଟତା ଅନୁଗ୍ରହ କରିଥିବା ତୁମ୍ଭକୁ ପ୍ରଶଂସା ।

୫. ଯୁବାବସ୍ଥାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଆନ୍ଧ୍ର ଇବାଞ୍ଜିଲିକଲ ଲୁଥେରେନ ମିଶନରେ ତୁମ୍ଭକୁ ମହିମା କରିବାକୁ, ଅନେକ ମାନଙ୍କୁ ଆଶୀର୍ବାଦ ରୂପେ ରହିପାରିବା ସେବା କାର୍ଯ୍ୟ ତୁମ୍ଭ ଦାସ ଦ୍ୱାରା କରାଇଥିବା ତୁମ୍ଭକୁ ଧନ୍ୟବାଦ ।

୬. ବୃଦ୍ଧାପ୍ୟ, ଦୁର୍ବଳତା ସମୟରେ ବାଇବଲ ମିଶନକୁ ବାୟୁ ଉପରେ ତେଲୁଗୁ ଭାଷାରେ ଲେଖି ଦେଖାଇଥିବା ତୁମ୍ଭ ଲକ୍ଷଣକୁ ତୁମ୍ଭ ଦାସ ଆଜ୍ଞାଧୀନ ହେଇପାରିବା ବିନୟ ମନ ଦୟା କରିଥିବା ତୁମ୍ଭକୁ ବିନୟ ଧନ୍ୟବାଦ ।

୭. ଧନ ଜଣ ସାହାଯ୍ୟ ନଥିବା ବେଳେ, ଲୁଥରାନ୍ ମିଶନକୁ ଇସ୍ତଫା ଦେଇ ସୈନ୍ୟର ଯୁବରାଜା ପରି ତୁମେ ବାହାରକୁ ଆସ ବୋଲି ତୁମ୍ଭେ ଦେଇଥିବା ଡ଼ାକକୁ ସ୍ୱୀକାର କରି ପାରିବା ଆଜ୍ଞାଧୀନତା ତୁମ୍ଭ ଦାସଙ୍କୁ ଅନୁଗ୍ରହ କରିଥିବା ତୁମ୍ଭକୁ ନମସ୍କାର ।

୮. ମଣ୍ଡଳୀ ତୁମ୍ଭ ଦାସଙ୍କୁ ପ୍ରଭୁ ଭୋଜନ ଦେବାକୁ ଖାରଜି କଲା ବେଳେ ତୁମ୍ଭେ ନିଜେ ଆସି ସ୍ୱୟଂ ରୋଟି, ଦ୍ରାକ୍ଷାରସ ଦେଇ, କାହାକୁ କେବେ ନଥିବା ନୂତନ ଅନୁଭବ ତୁମ୍ଭ ଦାସଙ୍କ ଦ୍ୱାରା ବାହାରକୁ ଆଣିଥିବା ତୁମ୍ଭକୁ ସଂସ୍ତୁତି ।

୯. ଆହୁରି ତୁମ୍ଭ ଦାସକୁ ବ୍ରହ୍ମପୁରରେ ପ୍ରଭୁଙ୍କ ଉପସ୍ଥିତିକୁ ଚଳାଇ ମନୁଷ୍ୟମାନଙ୍କ ଦ୍ୱାରା ତୁମ୍ଭ ଦାସକୁ ଅଭିଷେକ ନ ଦେଇ, ତ୍ରିଏକ ଈଶ୍ୱର ହେଇଥିବା ତୁମ୍ଭେ ହିଁ ସ୍ୱୟଂ ଭାବରେ ସେଠାରେ ହିଁ ଅଭିଷେକ ଦେଇ ଅନ୍ୟମାନଙ୍କୁ ସେବା ନିମନ୍ତେ ଅଭିଷେକ ଦେଇପାରିବା ଅନୁଭବ ଅଧିକାରକୁ ଦେଇଥିବା ତୁମ୍ଭକୁ ପ୍ରଶଂସା ।

୧୦. ୧୯୩୮ ମସିହାରେ ଜାନୁଆରୀ ୩୨ ତାରିଖରେ ତୁମ୍ଭ ଦାସକୁ ବାଇବଲ ମିଶନ ବୋଲି ବାୟୁରେ ଲେଖି ଦେଖାଇ, ତାହାଙ୍କ ସହକାରୀମାନଙ୍କ ସହିତ ମେ ୫ ତାରିଖରେ ସ୍ଥାପନ କରି, ବାହାରକୁ ଏହି ମିଶନକୁ ଦେଖାଇଥିବାରୁ ଧନ୍ୟବାଦ ।

୧୧. ଆହୁରି ଏହି ମଣ୍ଡଳୀ ବୃଦ୍ଧି ପାଇଁ ବାଇବଲ ଶ୍ରେଣୀ, କାର୍ଯ୍ୟକାରୀ ସଭା, ଉପବାସ ପ୍ରାର୍ଥନା ସଭା, ସାଧାରଣ ପ୍ରାର୍ଥନା କରାଇବା ଆୟୋଜନ, ସୁସମାଚାର ମାନଙ୍କୁ ହସ୍ତ ନିକ୍ଷେପଣ ଦ୍ୱାରା ଅଲଗା କରିବା, ପାଳକମାନଙ୍କୁ ଅଭିଷେକ କରିବା, ମହିଳାମାନଙ୍କୁ କାର୍ଯ୍ୟକାରୀ ଭାବରେ ନିଯୁକ୍ତି କରିବା, ବିଶିଷ୍ଟ ଶିକ୍ଷା ଗୁଡ଼ିକ ମାନଚିତ୍ର ରୂପରେ ଲେଖାଇବା, ତୂରୀ ଉପଦେଶ କୁହାଇବା, କିଛି ଗ୍ରନ୍ଥ ଗୁଡ଼ିକ ଆହୁରି ଲକ୍ଷ

ଲକ୍ଷ ସୁସମାଚାର ପତ୍ରିକା ଛପାଇବା, ଇତ୍ୟାଦି କାର୍ଯ୍ୟ ତୁମ୍ଭ ଦାସ ଦ୍ୱାରା କରାଇଥିବା ତୁମ୍ଭ ଅନୁଗ୍ରହ ପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ସ୍ତୁତି ।

୧୨. ତୁମ୍ଭ ଦାସଙ୍କ ଦ୍ୱାରା ପ୍ରତ୍ତିପାଡୁ, ଏଲୁରୁ, ଗୁଂଟୂରୁ ଇତ୍ୟାଦି ଜାଗାରେ ସ୍ୱସ୍ତିଶାଳା ଗୁଡ଼ିକ ସ୍ଥାପନ କରାଇ, ଲକ୍ଷ ଲକ୍ଷ ଲୋକଙ୍କୁ ଶରୀର, ଆତ୍ମୀୟ ଉପକାର ସଂଗ୍ରହ କରୁଥିବା ତୁମ୍ଭ ଅନୁଗ୍ରହ ପାଇଁ ମହିମା ପ୍ରଶଂସା ।

୧୩. ବାଇବଲ ଗ୍ରନ୍ଥରେ ଥିବା ଲକ୍ଷଣ ଗୁଡ଼ିକ ତୁମ୍ଭ ଦାସଙ୍କୁ ଦୟାକରି, ସେ ସବୁ ଆଜିକାଲିର ହେଉଥିବା ଅନୁଭବକୁ ଅନେକ ମାନଙ୍କୁ ତାହାଙ୍କ ଦ୍ୱାରା ବିତରଣ କରିଥିବା ତୁମ୍ଭକୁ ପ୍ରଶଂସା ।

୧୪. ଈଶ୍ୱର ସମସ୍ତଙ୍କୁ ଦେଖାହେବେ, କଥା କହିବେ’’ ବୋଲି ମହାନ ସଂଦେଶ ସବୁ ଧର୍ମର ଲୋକମାନଙ୍କୁ, ମିଶନ ମାନଙ୍କୁ ଟୁମ୍ଭଜ ଦାସ ଦ୍ୱାରା ବିତରଣ କରିଅଛ ସେଥିପାଇଁ ତୁମ୍ଭକୁ ବନ୍ଦ ହେଇନଥିବା ସ୍ତୁତି ।

୧୫. ଦୈବଗ୍ରନ୍ଥ ହେଇଥିବା ବାଇବଲରେ ମହାନ ଗୁପ୍ତ ବିଷୟ ତୁମ୍ଭ ଦାସକୁ ଉପଦେଶ ଦ୍ୱାରା, ପ୍ରାର୍ଥନା ଦ୍ୱାରା, ଲିଖିନ ଦ୍ୱାରା, ବିଶିଷ୍ଟ ଭାବରେ ଦ୍ୱିତୀୟ ଆଗମନ, କନ୍ୟା ମଣ୍ଡଳୀ, ଦୈବ ଲକ୍ଷଣ ସ୍ତୁତି, ଶୟତାନକୁ ପ୍ରତିବାଦ କରିବା ବୋଲି ମହାନ ବିଷୟ ଗୁଡ଼ିକ ଜଗତକୁ ପ୍ରକାଶ କରିବା ଦ୍ୱାରା ତୁମ୍ଭ କୃପା ଦେଖାଇଥିବାରୁ ହୃଦୟ ବନ୍ଦନ ।

୧୬. କ୍ରମ ଭାବରେ, କାରଣ ସହିତ ଭାବରେ, କରିବା ସ୍ତୁତି, ସେ ସ୍ତୁତିର ସତ୍ୟ ସ୍ଥିତିକୁ, ତାହା ଦ୍ୱାରା ହେଉଥିବା ଫଳ, ସୃଷ୍ଟି ଯୋଗୁଁ, ବାକ୍ୟ ଯୋଗୁଁ, ଅନୁଭବ ଯୋଗୁଁ କିପରି ସ୍ତୁତି କରିବାର ଅଛି ଶିଖାଇଥିବା ତୁମ୍ଭକୁ ତୁମ୍ଭ ଦାସଙ୍କୁ ଆମ୍ଭ ନିକଟରେ ରଖିଥିବା ପ୍ରଭୁ ! ତୁମ୍ଭକୁ ପ୍ରଶଂସା ।

୧୭. ହେ ପ୍ରଭୁ ! ବାଇବଲରେ ଯେଉଁ ଯେଉଁ ଗ୍ରନ୍ଥ ଗୁଡ଼ିକ ତୁମ ମଣ୍ଡଳୀ ଅବହେଳା ଭାବରେ ଦେଖିବା ଦ୍ୱାରା, ଶୟତାନ ସେହି ଗ୍ରନ୍ଥ ଗୁଡ଼ିକ ବିଷୟରେ ସେମାନଙ୍କ ଜ୍ଞାନ ଉପରେ ଆଚ୍ଛାଦନ କରିଅଛି, ସେପରି ଗ୍ରନ୍ଥ ହେଇଥିବା ପରମଗୀତ, ପ୍ରକାଶିତ ବୋଲି ପୁସ୍ତକର ସମ୍ପୂର୍ଣ୍ଣ ବିବରଣୀ ତୁମ୍ଭ ଦାସଙ୍କ ଦ୍ୱାରା ଆମ୍ଭମାନଙ୍କ ଦେଇ, ଆମ ଉପରେ ଶୟତାନ ପକାଇଥିବା ଆଚ୍ଛାଦନ କାଢି ଦେଇଥିବାରୁ ତୁମ୍ଭକୁ ଆମ୍ଭ ଆନନ୍ଦ ପ୍ରଶଂସା ।

୧୮. ପ୍ରଭୁ ! ଅନ୍ତଃରିକ ଭାବରେ ତୁମ୍ଭେ ଦେଇଥିବା ସଂସ୍କାର ଭୋଜନ ନେଇପାରିବା ଅନୁଭବ ତୁମ୍ଭ ଦାସଙ୍କୁ ମାତ୍ର ନୁହେଁ ବୋଲି, ସେପରି ଅନୁଭୂତି ମଣ୍ଡଳୀରେ ଅନେକ ଲୋକ ପାଇପାରିବେ ବୋଲି ଉପଦେଶକୁ ଦେଇ ସେହିପରି ଅନୁଭୂତି ଅନ୍ୟମାନେ ଅନେକ ପାଇବା ଭାଗ୍ୟ ତୁମ୍ଭ ଦାସଙ୍କ ଦ୍ୱାରା ଜନ୍ମାଇଥିବା ଈଶ୍ୱର ! ତୁମ୍ଭକୁ ନିତ୍ୟ ସଂସ୍ତୁତି ।

୧୯. ସନ୍ନିଦି ସଭା ଗୁଡ଼ିକ ତୁମ୍ଭ ଦାସଙ୍କ ଦ୍ୱାରା ସ୍ଥାପନ କରି ତାହା ଦ୍ୱାରା ଜଗତକୁ, ମଣ୍ଡଳୀକୁ, ଅନେକ ମଙ୍ଗଳଦାନନାମେ

ଦୂତମାନଙ୍କ ସହିତ ସ୍ୱର୍ଗୀୟ ପବିତ୍ରଗଣଙ୍କ ସହିତ, ଭୂଲୋକ ପବିତ୍ରଗଣଙ୍କ ସହିତ, କୈଳାସ ଠାରେ ଋଷିମାନଙ୍କ ସହିତ, ଦୁଷ୍ଟମାନଙ୍କ ସହିତ କଥାବାର୍ତ୍ତା କରିପାରିବା ଶକ୍ତି ବିଶ୍ୱାସୀମାନଙ୍କୁ ଅଛି ବୋଲି ଜଗତକୁ ପ୍ରକାଶ କରିଥିବା ତୁମ୍ଭ ଆଶୀର୍ବାଦ ପ୍ରାପ୍ତ ସ୍ଥିତି ନିମନ୍ତେ ଆମ୍ଭ ହୃଦୟ ପୂର୍ବକ ଧନ୍ୟବାଦ ।

୨୦. ମୃତ୍ୟୁଜନକ ଶ୍ରମକୁ ଗୋଟିଏ କଣ୍ଟା ଭାବରେ ଏହି ତୁମ୍ଭ ଦାସଙ୍କ ଶୋରୀରରେ ରଖି, ସେହି ଶ୍ରମ ଦ୍ୱାରା ତୁମ୍ଭ ସେବକମାନଙ୍କୁ, ଲୋକମାନଙ୍କୁ ମହାନ ସନ୍ତ୍ୟନା ଦେଇ, ତାହା ଦ୍ୱାରା ଶ୍ରମରେ ରହୁଥିବା ମାନଙ୍କୁ ମହାନ ମହିମା ହେବ ବୋଲି ପ୍ରକାଶ କରିଅଛ ତେଣୁ ତୁମ୍ଭକୁ ମହିମା ସ୍ତୁତି ।

୨୧. ସବୁ ସ୍ଥିତିରେ ରହୁଥିବା ମାନଙ୍କୁ ଆବଶ୍ୟକ ଗୀତକୁ, ସମସ୍ତେ ବୁଝିପାରିବା ପରି ସହଜ ଶୈଳୀରେ ପଦ୍ୟ ଗୁଡ଼ିକ ଦଣ୍ଡକ, ତୁଫାନୁ ଗୀତ ଇତ୍ୟାଦି ତୁମ ଦାସଙ୍କ ଦ୍ୱାରା ଲେଖାଇ ମହିମା ପାଉଥିବା ତୁମ୍ଭ ନାମକୁ ପ୍ରଶଂସା ସହିତ ମହାନ କରୁଅଛୁ ।

୨୨. ଧର୍ମିକଜନ ବିଶ୍ୱାସ ଦ୍ୱାରା ହିଁ ଜୀବନ ଯାପନ କରିବ ବୋଲି ବାକ୍ୟ ପ୍ରକାର ତୁମ୍ଭ ଦାସ ଦରମା ଉପରେ ନିର୍ଭର ନକରି, କେବଳ ତୁମ୍ଭ ଉପରେ ମାତ୍ର ନିର୍ଭର କରି ଜୀବନ ଯାପନ କରି, ସେହିପରି ବିଶ୍ୱାସ ଜୀବନକୁ ବାକ୍ୟ ସେବକ ମାନଙ୍କୁ ମଧ୍ୟ ଶିଖାଇବା ଦ୍ୱାରା ତୁମ୍ଭ ଦାସକୁ ବ୍ୟବହାର କରୁଥିବାରୁ ତୁମ୍ଭକୁ ନିତ୍ୟ ସ୍ତୁତି ।

୨୩. ଗତ କାଳରେ, ବର୍ତ୍ତମାନ କାଳରେ, ଅନେକ ତୁମ୍ଭ ନାମ ନଜାଣି ମୃତ୍ୟୁବରଣ କରିଥିବା ମାନଙ୍କୁ ପରିତ୍ରାଣ ବିଷୟରେ ପ୍ରାର୍ଥନା କରିବାରେ, ସେମାନଙ୍କୁ ପାତାଳରେ ସୁସମାଚାର ଶୁଣିବା ପାଇଁ ଆୟୋଜନ କରୁଅଛୁ ବୋଲି ତୁମ୍ଭ ଦାସଙ୍କୁ ଶରୀରକୁ କାଟ ଉପରେ ରଖି ଆତ୍ମାକୁ ଅମକ ଅମକ ଜାଗାକୁ ପାତାଳକୁ, ନେଇକରି ଯାଇ ସେଠାରେ ତାହାଙ୍କ ସହିତ ସେବା କରାଇଥିବା ପ୍ରଭୁ ! ତୁମ୍ଭକୁ ଅନେକ ଧନ୍ୟବାଦ ।

୨୪. ଅନେକ ମାନଙ୍କ ଦ୍ୱାରା ତୁମେ ପଇସା ପଠାଇଥିବା ବେଳେ ସେ ପଇସା ନଛୁଇଁ, ତୁମ୍ଭେ ପଠାଇଥିବା ଗଣନା କରିପାରି ନଥିବା ପଇସା ସହିତ ତୁମ୍ଭ ମହିମାର୍ଥେ ଅନେକ କାର୍ଯ୍ୟ ତୁମ୍ଭ ଦାସ ଦ୍ୱାରା କରାଇଥିବା ତୁମ୍ଭକୁ ନମସ୍କାର ।

୨୫. କରିବାକୁ ଥିବା ପ୍ରାର୍ଥନା ସବୁ ସମାପ୍ତ କରିଅଛି ବୋଲି ଅନେକ ଥର କହି, ମୁଁ ମୃତ୍ୟୁବରଣ କଲେ ମଧ୍ୟ କେଉଁଠିକି ଯିବି ? ତୁମ୍ଭମାନଙ୍କ ସହିତ ରହିବି ବୋଲି କହି, ଶେଷକୁ ଏହି ବାହ୍ୟ ଦେହକୁ ଛାଡ଼ି, ତୁମ୍ଭ ଦାସଙ୍କ ଆତ୍ମାକୁ ଆତ୍ମ ସହିତ ରଖି ଅନେକ ଉପଦେଶ, କାର୍ଯ୍ୟ, ଆଶ୍ଚର୍ଯ୍ୟ, ତୁମ୍ଭ ମହିମା ନିମନ୍ତେ କରାଇଅଛୁ । ତେଣୁ ତୁମ ମହିମାକୁ ଆମ ଆନନ୍ଦ ସ୍ତୁତି । ଆମେନ୍ ।

# ଅର୍ପଣ ପର୍ବର ସ୍ତୁତି

(ପ୍ରତ୍ୟେକ ବର୍ଷରେ ଫେବୃଆରୀ ମାସରେ ଏହି ପର୍ବକୁ ଆଚରଣ କରିବୁ)

ଆଦି ୪:୧-୭, ୧୪:୨୦, ୨୮:୨୨, ଲେବି ୨୭:୩୦-୩୩, ଦ୍ୱିତୀୟ ବିବରଣୀ ୧୪:୨୨-୨୯, ୧୬:୧୭, ଗଣନା ୧୮:୨୧,

୨ ବଂଶାବଳୀ ୩୧:୫, ୧୦, ୧ ବଂଶାବଳୀ ୨୯:୯, ହିତପଦେଶ ୩:୯-୧୦, ୧୯:୧୭, ମାଲଖି ୩:୮-୧୦, ନେହେମିୟ ୧୦:୩୭, ମାଥିଉ ୨:୧୧, ୫:୨୦, ଲୂକ ୨୧:୧-୪, ଆୟୂବ ୪୧:୧୧, ପ୍ରେରିତ ୧୧:୨୯, ୨୦:୩୫, ରୋମିୟ ୧୫:୨୬, ୧ କରିନଥିୟ ୧୬:୧-୨, ୨ କରିନଥିୟ ୮ ଅଧ୍ୟାୟ। ୯:୫-୮, ୧୨-୧୪, ଗଲାତି ୬-୬, ଫିଲିପ୍ପୀ ୪:୧୮-୧୯, ୧ ତିମୋତି ୬:୧୯, ଏବ୍ରୀ ୭:୧-୫, ୧୩:୧୪-୧୭,

ଆମ୍ଭମାନଙ୍କୁ ଈଶ୍ୱର ଦେଇଅଛନ୍ତି ତେଣୁ ଆମ୍ଭେ ତାହାଙ୍କ ସେବାକୁ କୃତଜ୍ଞତା ଅର୍ପଣ ଦେବାର ଅଛି । ଈଶ୍ୱର ଦେଇଅଛନ୍ତି ତେଣୁ ଆମ୍ଭେ ଗରିବ ଲୋକଙ୍କ ଦେବାର ଅଛି । ଈଶ୍ୱର ଦେଇଅଛନ୍ତି ତେଣୁ ଆମ୍ଭେ ରୋଗୀମାନଙ୍କୁ ଦେବାର ଅଛି । ଈଶ୍ୱର ଦେଇଅଛନ୍ତି ତେଣୁ ଆମ୍ଭେ ଅଭାବ ଦେଖା ହେଲାବେଳେ, ଧନିମାନଙ୍କୁ ସହିତ ଦେବାର ଅଛି । ଈଶ୍ୱର ଦେଇଅଛନ୍ତି ତେଣୁ ଆମ୍ଭେ ଧର୍ମ କାର୍ଯ୍ୟ ସବୁକୁ ଦେବାର ଅଛି ।। ଈଶ୍ୱର ନିତ୍ୟ ଦେବା ଈଶ୍ୱର ଅଟନ୍ତି । ତେଣୁ ଆମ୍ଭେମାନେ ମଧ୍ୟ ନିତ୍ୟ ଦେଇପାରିବା ସ୍ତୁତିପ୍ରାପ୍ତ ହେବାର ଅଛି । ଧନ୍ୟତା ହେଲେ ମଧ୍ୟ ମନ ଅର୍ଜନ ହେଲେ ମଧ୍ୟ, ସମ୍ପତ୍ତି ହେଲେ ମଧ୍ୟ ଈଶ୍ୱରଙ୍କ ପ୍ରଶଂସା ହେଲେ ମଧ୍ୟ, ମନ ଆନନ୍ଦ ହେଲେ ମଧ୍ୟ ଏତିରେ ହିଁ ଦେଖାଯିବ ।

ଦାନକର୍ତ୍ତା ହେଇଥିବା ପିତା ! ତୁମ୍ଭେ ଆମକୁ ଖରା, ଶୀତ, ବର୍ଷା, ପବନ, ଭୂମି, ବୃକ୍ଷ, ଜୀବରାଶି ଦାନ ସ୍ୱରୂପ ଦେଇଥିବା ତୁମ୍ଭକୁ ସ୍ତୁତି । ଅନୁଗ୍ରହକାରୀ ପିତା, ଦୂତମାନେ, ବାଇବଲ, ମଣ୍ଡଳୀ ଏହି ସବୁ ମଧ୍ୟ ତୁମ୍ଭ ଦାନ ହିଁ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ । ପିତା !

ଖ୍ରୀଷ୍ଟମାସ ଦିନରେ ପୁତ୍ରଙ୍କୁ ଦାନ, ଉତ୍ତମ ଶୁକ୍ରବାର ଦିନରେ ପୁତ୍ରଙ୍କ ପ୍ରାଣ ଦାନ, ପେଣ୍ଟକଷ୍ଟ ଦିନରେ ଦେବାତ୍ମା ଦାନ, ଆମ୍ଭକୁ ଦାନ କରିଥିବା ତୁମ୍ଭକୁ ହୃଦୟ ପୂର୍ବକ ଧନ୍ୟବାଦ ।

ପିତା ! ଆମ୍ଭେମାନେ ଦେଉଥିବା ଅର୍ପଣ ତୁମ୍ଭ ଦେଉଥିବା ଦାନ ନିକଟରେ କେତେ ? ଆମେ କୃତଜ୍ଞତା । ସହିତ ଆମ ହୃଦୟକୁ ବର୍ତ୍ତିକରିବା ହିଁ, ଆମ୍ଭେମାନେ ଦେଉଥିବା ଅର୍ପଣ ଠାରୁ ମହାନ ଅର୍ପଣ । ତେଣୁ ଏହି ମହାନ ଅର୍ପଣ ହେଇଥିବା କୃତଜ୍ଞତା ତୁମ୍ଭକୁ ଦେଉଅଛୁ । ଆମ୍ଭ ସ୍ତୁତି ଖ୍ରୀଷ୍ଟ ନାମରେ ସ୍ୱୀକାର କର ଆମେନ୍ ।

**ପ୍ରାର୍ଥନା :** ଦୟାମୟ ପିତା ! ତୁମ୍ଭେ ଆମ୍ଭକୁ ଦେଉଥିବା ପରି ଆମ୍ଭେ ତୁମ୍ଭକୁ, ରୋଗୀମାନଙ୍କୁ, ଗରିବ ଲୋକମାନଙ୍କୁ ସମସ୍ତ ଧର୍ମକାର୍ଯ୍ୟକୁ ଦେବାପରି, ଆମ୍ଭେ ସଦାବେଳେ ଦାନ ଦେଉଥିବା ଉତ୍ତମ ଗୁଣ ଦୟାକର ବୋଲି ଶୀଘ୍ର ଆସୁଥିବା ଯୀଶୁଙ୍କ ନାମରେ ବିନତି କରୁଅଛୁ ।

**--୧୦୪--**

Bible Mission HQ Guntur

# ବସ୍ମ ବୁଧବାର ନିମନ୍ତେ ପ୍ରାର୍ଥନା

**ପ୍ରାର୍ଥନା :** ବହୁତ ପ୍ରିୟ ହେଇଥିବା ପିତା ! ପୁନର୍ବାର ଆମ୍ଭକୁ ମଣ୍ଡଳ ଦିନରେ ପ୍ରବେଶ କରାଇ ଆମ୍ଭକୁ ଜୀବନ ଢ଼ାଳିବାକୁ, ଶୟତାନର ଜୀବନ ବିନାଶ କରିବାକୁ ଏହି ଧ୍ୟାନ ଦିନରେ ବସ୍ମ ବୁଧବାର ସହିତ ଆରମ୍ଭ କରିଥିବା ପିତା ! ତୁମ୍ଭକୁ ସ୍ତୁତି । ଶୟତାନ କାର୍ଯ୍ୟ ବିନାଶ କରିବାକୁ, ଶୟତାନର ବଳ ପତନ କରିବାକୁ, ଆମ୍ଭକୁ ଏହି ୪୦ ତୀର ଦେଇଥିବାରୁ ପ୍ରଶଂସା । ତୁମ୍ଭେ ୪୦ ଦନି ଉପବାସ କରି ଶୟତାନକୁ ଜୟ କରିଅଛ । ମୋଶା ୪୦ ଦିନରେ ଉପବାସ କରି ଶୟତାନକୁ ବନ୍ଦ କରିବା ଦଶ ଆଜ୍ଞା ଲାଭ କରିଅଛି । ସେପରି ଆମ୍ଭେ ମଧ୍ୟ ଏହି ୪୦ ଦିନ ଧ୍ୟାନ ବ୍ୟବହାର କରିବା ଦ୍ୱାରା ଶୟତନାକୁ ଆମ୍ଭ ପାଦ ତଳେ ଦଳିବା ଅନୁଗ୍ରହ ଦୟାକର ।

ପିତା ! ବସ୍ମ ବୁଧବାର ଦିନରେ ଆମେ ଗୋଟିଏ ବିଜକୁ ଭୂମିରେ ବୁଣିଲେ ତାହା ଉତ୍ତମ ଶୁକ୍ରବାର ଦିନକୁ କି ପ୍ରକାର ବଢ଼ିବ ସେହି ପ୍ରକାର ତୁମ୍ଭ ଆମ୍ଭ ନିମନ୍ତେ କ୍ରୁଶ ବହନ କରି ଜୟ କରି, ଏହି ଜୟ ବୀଜ ଆମ୍ଭ ଭିତରେ ବୁଣାଯାଇ ବୃଦ୍ଧି ପାଇବ ବିଶ୍ୱାସ ଦୟାକର । ତୁମ୍ଭେ ଏହି ୪୦ ଉପବାସ ପ୍ରାର୍ଥନା ଧ୍ୟାନ ଦିନରେ ବଳପାଇ, ସେ ବଳ ଦ୍ୱାରା ଶ୍ରମକୁ ଜୟ କରିବାକୁ ଆମ୍ଭେ ମଧ୍ୟ ଧ୍ୟାନ ଅଭ୍ୟାସ ଦ୍ୱାରା ଲାଭ କରି ବଳ ଦ୍ୱାରା ଜୀବନ ପାଇ କ୍ଳେଶକୁ ଜୟ କରିବା ଅନୁଗ୍ରହ ଦିଅ ।

ପିତା ପ୍ରତ୍ୟେକ ଲୋକ ବିନଷ୍ଟ ନହେଇ ଅନନ୍ତ ଜୀବନ ପାଇବାକୁ ତୁମ୍ଭେ ଏହି ଜଗତକୁ ଆସିଅଛୁ । ବିନାଶ ହେଉଥିବା

ଲୋକଙ୍କ ଏହି ଧ୍ୟାନ ଦିନ ଦ୍ୱାରା ଜୀବନ ଢ଼ାଳିବା ପରି ସାହାଯ୍ୟ ଦୟାକର । ଆହୁରି ଖ୍ରୀଷ୍ଟୀୟ ସନ୍ତାନମାନଙ୍କ ଗୀତ, କଥା, ଉପଦେଶ, ଧ୍ୟାନ ଇତ୍ୟାଦି ଦ୍ୱାରା ଅନେକ ଲୋକ ମଙ୍ଗଳ ପାଇବା ଅନୁଗ୍ରହ ଦୟାକର । ଏହି ୪୦ ଦିନ ଧ୍ୟାନରେ ଗୋଟିଏ ଦିନ ଧ୍ୟାନ ଠାରୁ ଆଉ ଗୋଟିଏ ଦିନ ଧ୍ୟାନ ଆତ୍ମକୁ ବଳଦେଇ ପାରିବା ପରି କର । ପିତା ! କୁକୁଡ଼ା ଉଷୁମେଇ ଥିବା ଅକାର ନଥିବା ଅଣ୍ଡା, ୨୧ ଦିନରେ ପିଲା ରୂପ ଧାରଣ କରି ଜୀବନ ପାଇବା ପରି ଆମ୍ଭେ ମଧ୍ୟ ୪୦ ଦିନ କ୍ରୁଶ ପାଖରେ ରହି ଜୟଶୀଳ ହେଇଥିବା ତୁମ୍ଭ ରୂପ ଧାରଣ କରି ସମୃଦ୍ଧି ଜୀବନ ପାଇବା ପରିକର । ମାଟିରେ ବୀଜ ଜଳକୁ ଶୋଷିବା ପରି ତୃତୀୟ ଦିନରେ ମାଟିକୁ ଫଟାଇ ବୀଜ ଉତ୍ପନ୍ନ କରି ସୂର୍ଯ୍ୟ ନିକଟରେ ପଡ଼ିବା ପରି, ଏହି ୪୦ ଦିନ ଧ୍ୟାନ ଜଳଦ୍ୱାରା ପାପ ମାଟିକୁ ଦୁର୍ବଳତାକୁ ପଠାଇ ବାହାରକୁ ଆସି, ନୀତି ସୂର୍ଯ୍ୟ ହେଇଥିବା ତୁମ୍ଭକୁ ଲାଗି ବଞ୍ଚିବା ପରି ଜୀବନ ଦୟାକର ।

ପିତା ! ଆମ ହସ୍ତରେ ଗୋଟିଏ ଟଙ୍କା ଥିଲେ ବ୍ୟବହାର କରିବୁ । ମାତ୍ର ପକାଇଦେବ ନାହିଁ । ସେପରି ଏହି ୪୦ ଦିନକୁ ମୂଲ୍ୟବାନ ଟଙ୍କା ପରି ବ୍ୟବହାର କରି ମଙ୍ଗଳ ପାଇବା ଆଶୀର୍ବାଦ ଦୟାକର ବୋଲି ଶୀଘ୍ର ଆସୁଥିବା ପ୍ରଭୁ ଦ୍ୱାରା ବିନତି କରୁଅଛୁ । ଆମେନ୍ ।

ଆଦି ୧୮:୨୭, ଆୟୁବ ୩୦:୧୯, ୪୨-୬, ଆଦି ୩:୧୯, ୟୂନସ ୩:୫-୧୦, ମାଥିଉ ୨୦:୧୭-୧୯, ମାର୍କ ୧୦:୩୨-୩୪, ଲୂକ ୧୮:୩୨-୩୨ ।

**--୪୦୪--**

# କରଜୁରୀ ରବିବାର

ଯିଖରୀୟ ୯:୯, ମାଥିଉ ୨୧:୧-୧୭, ମାର୍କ ୧୧:୧, ଲୂକ ୧୯:୨୯-୪୬, ଯୋହନ ୧୨:୧୨-୧୬,

